Daily Edition:
RNI No.ODIODI/2010/33791

ଶୁକ୍ରବାର, ୨୨ ଡିସେମ୍ବର ୨୦୧୭
ଭାଗ ୮ ସଂଖ୍ୟା ୧୩୦

Friday, 22 December 2017
Volume VIII, Issue No 130

୮ ପୃଷ୍ଠା, ମୂଲ୍ୟ : ୨ ଟଙ୍କା

ଆଜିର ତିଥି :
ଧନୁ ୭; ପୌଷ ଶୁକ୍ଳପକ୍ଷ ୪ର୍ଥୀ
୧୯୩୯ ଶକାବ୍ଦ,୧୪୨୩ ସାଲ, ସମ୍ବତ ୨୦୭୪

www.srutinews.com

# ଶ୍ରୁତି SRUTI

## ସ୍ପେକ୍ଟ୍ରମ ଦୁର୍ନୀତିକୁ ନେଇ କିଏ କ'ଣ କୁହନ୍ତି

୨୦୧୧ରେ ମୁଁ 'ଶୂନ୍ୟ କ୍ଷତି' କଥା କହିଥିଲି ତାହା ଆଜି ସତ୍ୟ ପ୍ରମାଣିତ ହୋଇଛି । ଉପା ସରକାରଙ୍କୁ ଅପମାନିତ କରାଯାଇଥିବାରୁ ଏନଡିଏ କ୍ଷମା ମାଗୁ: **କପିଲ ସିବଲ**

ଅଦାଲତଙ୍କ ରାୟକୁ ସମ୍ମାନର ମାପକାଠି ଭାବେ ଗ୍ରହଣ କରି କଂଗ୍ରେସ ଉତ୍‌ଫୁଲିତ ହେଉଛି : **ଅରୁଣ ଜେଟଲୀ**

ଟୁଜି ସ୍ପେକ୍ଟ୍ରମ ଦୁର୍ନୀତିକୁ ନେଇ ଉପା ସରକାରଙ୍କୁ ବଦନାମ କରିବାକୁ ଅପପ୍ରଚାର କରାଯାଇଥିଲା ଏହି ଦୁର୍ନୀତିରେ ମୋର ଭୂମିକା କ'ଣ ଥିଲା ତାହା ଅଦାଲତଙ୍କ ରାୟରୁ ସ୍ପଷ୍ଟ ହୋଇଯାଇଛି : **ମନମୋହନ ସିଂହ**

ସିବିଆଇ ଖାମଖିଆଲି ଭାବେ ମୋକଦ୍ଦମା ପରିଚାଳନା କରିବାରୁ ଆଜି ଦୋଷୀଙ୍କୁ ଦଣ୍ଡ ମିଳିପାରି ନାହିଁ । ରାୟର ତର୍ଜମା କଲା ପରେ ହାଇକୋର୍ଟରେ ଅପିଲ କରାଯିବ : **ସୁବ୍ରମଣ୍ୟମ ସ୍ୱାମୀ**

**ପ୍ରସଙ୍ଗ** | Email : srutimedia@gmail.com

୨ଜି ମାମଲାରେ ସିବିଆଇର ଅବହେଳା ଯୋଗୁଁ ଏହାର ବିଶ୍ୱସନୀୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି କି ?

**୨୧/୧୨ ଉତ୍ତର**

ବିବାଦୀୟ ମନ୍ତବ୍ୟ ଦେଇ ଗଣମାଧ୍ୟମରେ ଚର୍ଚ୍ଚାରେ ରହିବାର ଏକ ରଣନୀତି ହୋଇଛି କି ?

ନା ୪୧%
ହଁ ୫୯%

## ଟୁଜି ସ୍ପେକ୍ଟ୍ରମ ଦୁର୍ନୀତି ମାମଲାରେ ସରକାରୀ ଓକିଲଙ୍କ ଯୁକ୍ତି ଓ ତଥ୍ୟ ପ୍ରମାଣ ଅଭିଯୋଗକୁ ପ୍ରମାଣ କରିବାରେ ବିଫଳ

# ସବୁ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ନୂଆଦିଲ୍ଲୀ ,୨୧/୧୨(ଏଜେନ୍ସି) : ଦେଶର ସବୁଠାରୁ ବଡ଼ ଓ ୱାଟରଗେଟ୍ ଦୁର୍ନୀତି ପରେ ବିଶ୍ୱର ଦ୍ୱିତୀୟ ସର୍ବବୃହତ ଦୁର୍ନୀତି ଭାବେ ପରିଗଣିତ ୨-ଜି ଦୁର୍ନୀତିକୁ ନେଇ ୫ ବର୍ଷ ତଳେ ସମଗ୍ର ଦେଶ ଉଠୁଥିଲା ପଡୁଥିଲା। ଏହି ମାମଲାରେ ସୁପ୍ରିମ୍‌କୋର୍ଟ ୨୦୧୨ ଫେବୃଆରୀ ୨ରେ ଆବଣ୍ଟିତ ହୋଇଥିବା ସବୁ ଲାଇସେନ୍ସକୁ ରଦ୍ଦ କରିଦେଇଥିଲେ। ତେବେ ଏତେ ବଡ଼ ଦୁର୍ନୀତିରେ ସମ୍ପୃକ୍ତ ଥିବା ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ଦିଲ୍ଲୀର ପଟିଆଲା ସ୍ଥିତ ସ୍ୱତନ୍ତ୍ର ସିବିଆଇ କୋର୍ଟରେ ଯେଉଁ ମାମଲା ବିଚାରାଧୀନ ଥିଲା ତାହାର ରାୟ ଆଜି ପ୍ରକାଶ ପାଇଛି। ଏଥିରେ ମୁଖ୍ୟ ଅଭିଯୁକ୍ତ ପୂର୍ବତନ ଟେଲିକମ୍ ମନ୍ତ୍ରୀ ଏ. ରାଜା, ଡିଏମ୍‌କେ ସାଂସଦ କନି ମୋଝିଙ୍କ ସମେତ ସବୁ ୧୯ଜଣ ଅଭିଯୁକ୍ତଙ୍କୁ ଅଦାଲତ ଦୋଷମୁକ୍ତ କରିଛନ୍ତି। ଏମାନଙ୍କ ବିରୋଧରେ କୌଣସି ପ୍ରମାଣସିଦ୍ଧ ତଥ୍ୟ ନଥିବାରୁ ଦୋଷମୁକ୍ତ କରାଯାଇଥିବା ବିଚାରପତି ଓ.ପି. ସାଇନି ତାଙ୍କ ରାୟରେ ଉଲ୍ଲେଖ କରିବା ସହ ସିବିଆଇ ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ଅଭିଯୋଗ ପ୍ରମାଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ଦର୍ଶାଇଛନ୍ତି। ସିବିଆଇର ଯୁକ୍ତି ଅଭିଯୋଗକୁ ପ୍ରମାଣ କରିବାର ସମ୍ପୂର୍ଣ୍ଣ ବିଫଳ ହୋଇଥିବା ଦର୍ଶାଇ କୋର୍ଟ ଧାଡିକିଆ ରାୟ ଦେଇ କହିଥିଲେ ଯେ, ସବୁ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରାଗଲା । ତେବେ କୋର୍ଟ ଟିପ୍ପଣୀରେ କହିଛନ୍ତି ଯେ, ଟୁଜି ସ୍ପେକ୍ଟ୍ରମ ଆବଣ୍ଟନକୁ ଏକ ବଡ ଦୁର୍ନୀତି ଭାବେ ଉପସ୍ଥାପିତ କରାଯାଇଥିଲା ଯାହା ପ୍ରକୃତରେ ସେପରି ନଥିଲା। କିଛି ଲୋକ ଏହାକୁ ଅତିରଂଜିତ କରି ଉପସ୍ଥାପନ କରିଥିବା କୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି । ଏଥିନେଇ ପ୍ରତିପକ୍ଷ ଓକିଲ ବିଜୟ ଅଗ୍ରୱାଲ୍ ଅଦାଲତ ବାହାରେ ସୂଚନା ଦେଇ କହିଥିଲେ ଯେ ରାଜା ଓ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିଥିବା ତଥା ଏହି ମାମଲାର ତଦନ୍ତ କରୁଥିବା ସିବିଆଇର ତତ୍କାଳୀନ ନିର୍ଦ୍ଦେଶକ ଏ.ପି. ସିଂହ ୨-ଜି ସ୍ପେକ୍ଟ୍ରମ୍ ଦୁର୍ନୀତି ଆବଣ୍ଟନରେ ଦୁର୍ନୀତି ହୋଇଥିବାର ପ୍ରମାଣ ଦେଇପାରିନଥିଲେ। ଆଜି ଅଦାଲତଙ୍କ ରାୟ ପ୍ରକାଶ ପାଇବା ପରିପ୍ରେକ୍ଷୀରେ ଅଦାଲତରେ ସମସ୍ତ ଅଭିଯୁକ୍ତ ଉପସ୍ଥିତ ଥିଲେ। ରାୟ ଆସିବା ମାତ୍ରକେ ସେମାନଙ୍କ ସମର୍ଥକମାନେ ଅଦାଲତ ପରିସରରୁ ଏକ ଶୋଭାଯାତ୍ରା ଆରମ୍ଭ କରିଥିଲେ। ଦୋଷମୁକ୍ତ ହୋଇଥିବା ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଟେଲିକମ୍ ସଚିବ ତଥା ଓଡ଼ିଆ ଅଧିକାରୀ ସିଦ୍ଧାର୍ଥ ବେହୁରା, ରାଜାଙ୍କ ବ୍ୟକ୍ତିଗତ ସଚିବ ଆର୍.କେ. ଚାଣ୍ଡୋଲିଆ, ୟୁନିଟେକ୍‌ର ଏମ୍‌ଡି ସଞ୍ଜୟ ଚନ୍ଦ୍ରା, ରିଲାଏନ୍ସ କମ୍ୟୁନିକେସନ୍‌ର ମାଲିକ ଅନିଲ ଧିରୁଭାଇ ଅମ୍ବାନି ଏହି ଗ୍ରୁପ୍‌ର ତିନିଜଣ ଅଧିକାରୀ, ଗୌତମ ଦୋଷୀ, ସୁରେନ୍ଦ୍ର ପିପାରା ଓ ହରି ନାୟର ମଧ ଅଛନ୍ତି। ପ୍ରକାଶଥାଉକି ଟୁଜି ସ୍ପେକ୍ଟ୍ରମ ଦୁର୍ନୀତିରେ ଅଭିଯୁକ୍ତ ପୂର୍ବତନ ଟେଲିକମ୍ ମନ୍ତ୍ରୀ ଏ. ରାଜା, ସାଂସଦ କନିମୋଝି, ଡିଏମକେ ମୁଖ୍ୟ ଏମ କରୁଣାନିଧିଙ୍କ ପତ୍ନୀ ଦୟାଲୁ ଅମ୍ମାଲ ଓ ଅନ୍ୟ ୧୬ଜଣଙ୍କ ବିରୋଧରେ ଅଭିଯୋଗ ଆରୋପ କରାଯାଇଥିଲା । ସ୍ୱତନ୍ତ୍ର ସିବିଆଇ କୋର୍ଟର ବିଚାରପତି ଓପି ସାଇନି ଆଇପିସିର ଧାରା ୧୨୦(ଖ) (ଫୌଜଦାରୀ ଷଡଯନ୍ତ୍ର) ଏବଂ ବେଆଇନ ଅର୍ଥ ହେରଫେର ନିରୋଧ ଆଇନ ଅନୁଯାୟୀ ଅଭିଯୁକ୍ତଙ୍କ ବିରୋଧରେ ଅଭିଯୋଗ ଆରୋପ କରିଥିଲେ । ଅଭିଯୋଗ ଆରୋପ ହୋଇଥିବା ୧୯ ଅଭିଯୁକ୍ତଙ୍କ ବିରୋଧରେ ୧୦ଜଣବ୍ୟକ୍ତି ବିଶେଷ ଓ ୯ଟି କମ୍ପାନୀ ଥିଲେ। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଅଭିଯୋଗ ଫର୍ଦ ଭିତ୍ତିରେ ଏହି ଅଭିଯୋଗ ଆରୋପ କରାଯାଇଥିଲା । ଇଡିର ଅଭିଯୋଗ ଫର୍ଦରେ ଦର୍ଶାଯାଇଥିଲା ଯେ ସମସ୍ତ ଅଭିଯୁକ୍ତ ଡିବି ଗ୍ରୁପ୍ କମ୍ପାନୀଠାରୁ ଫାଇଦା ନେଇଛନ୍ତି। ଡିବି ଗ୍ରୁପ୍ କଲାଇଙ୍ଗର ଟିଭି ପ୍ରାଇଭେଟ ଲିମିଟେଡକୁ ୨୦୦କୋଟି ଟଙ୍କା ପ୍ରଦାନ କରିଥିଲା। ଇଡି କହିଥିଲା ଯେ ଡିବି ଗ୍ରୁପ୍ କୁସେଗାଓଁ ଫ୍ରୁଟସ୍ ଆଣ୍ଡ ଭେଜିଟେବୁଲ ଓ ସିନେୟୁଗ ଫିଲ୍ମସ ପ୍ରାଇଭେଟ ଲିମିଟେଡ ମାଧ୍ୟମରେ ଡିଏମ୍‌କେ ପରିଚାଳିତ କଲାଇଙ୍ଗର ଟିଭି ଚ୍ୟାନେଲକୁ ୨୦୦କୋଟି ଟଙ୍କା ପ୍ରଦାନ କରିଥିଲା। ଯାହାର କୌଣସି ପ୍ରକାର ବ୍ୟବସାୟିକ ବୈଧତା ନାହିଁ। ରାଜା, କନିମୋଝି ଓ ଦୟାଲୁ ଅମ୍ମାଲଙ୍କ ବ୍ୟତୀତ ଅନ୍ୟ ଅଭିଯୁକ୍ତମାନେ ହେଲେ ସାହିଦ ଉସମାନ ବଲୱା, ବିନୋଦ ଗୋଏଙ୍କା, ଆସିଫ ବଲୱା, ରାଜୀବ ଅଗ୍ରୱାଲ, ଶରଦ କୁମାର, କରିମ ମୋରାନି ଓ ପି ଅମିରଥାମ। ଏହାସହିତ ୯ ଟି କମ୍ପାନୀଙ୍କୁ ମଧ ଅଭିଯୁକ୍ତ ଦର୍ଶାଯାଇଥିଲା ।



## ସ୍ପେକ୍ଟ୍ରମ ଦୁର୍ନୀତିର ଘଟଣାକ୍ରମ

ମଇ ୨୦୦୭: ରାଜା ଟେଲିକମ ମନ୍ତ୍ରୀଭାବେ ଦାୟିତ୍ୱ ଗ୍ରହଣ କଲେ

ଅଗଷ୍ଟ ୨୦୦୭: ୨ଜି ସ୍ପେକ୍ଟ୍ରମ ଆବଣ୍ଟନ ପାଇଁ ପ୍ରକ୍ରିୟା ଆରମ୍ଭ

ସେପ୍ଟେମ୍ବର ୨୫, ୨୦୦୭: ଟେଲିକମ ମନ୍ତ୍ରାଳୟ ସ୍ପେକ୍ଟ୍ରମ ଆବଣ୍ଟନ ପାଇଁ ଆବେଦନ ଆହ୍ୱାନ କଲା

ଅକ୍ଟୋବର ପହିଲା ୨୦୦୭: ସ୍ପେକ୍ଟ୍ରମ ପାଇଁ ୪୬ଟି କମ୍ପାନି ପକ୍ଷରୁ ୫୭୫ଟି ଆବେଦନ ପତ୍ର ମିଳିଲା

ନଭେମ୍ବର ୨ ଓ ୨୨ରେ ଯଥାକ୍ରମେ ପ୍ରଧାନମନ୍ତ୍ରୀ ଓ ଅର୍ଥମନ୍ତ୍ରୀ ରାଜାଙ୍କୁ ପତ୍ର ଲେଖି ସ୍ପେକ୍ଟ୍ରମ ଆବଣ୍ଟନରେ ସ୍ୱଚ୍ଛତା ପାଇଁ ଲେଖିଲେ ।

ଜାନୁଆରୀ ୧୦, ୨୦୦୮: 'ଆଗ ଆସିଲେ ଆଗ ପାଇବା' ନୀତି ସ୍ଥିର କଲା ଟେଲିକମ ମନ୍ତ୍ରାଳୟ

୨୦୦୯: ସିଭିସି ସିବିଆଇକୁ ସ୍ପେକ୍ଟ୍ରମ ଆବଣ୍ଟନରେ କଥିତ ଅନିୟମିତତାର ତଦନ୍ତ ପାଇଁ କହିଲେ

୨୦୦୯ ଅକ୍ଟୋବର ୨୧: ସିବିଆଇ ଟେଲିକମ ମନ୍ତ୍ରାଳୟର ଅଜ୍ଞାତ ଅଧିକାରୀଙ୍କ ବିରୋଧରେ ଏତଲା ଦାୟର କଲା

୨୦୧୦ ସେପ୍ଟେମ୍ବର ୧୩: ସୁପ୍ରିମକୋର୍ଟ ରାଜାଙ୍କୁ ୧୦ ଦିନ ମଧ୍ୟରେ ସ୍ପେକ୍ଟ୍ରମ ଆବଣ୍ଟନ ନେଇ ସତ୍ୟପାଠ ଦାଖଲ କରିବାକୁ କହିଲେ ।

୨୦୧୦ ନଭେମ୍ବର ୧୦: ସିଏଜି ସ୍ପେକ୍ଟ୍ରମ ଆବଣ୍ଟନ ନେଇ ତାଙ୍କ ରିପୋର୍ଟ ଦାଖଲ କଲେ ।

୨୦୧୦ ନଭେମ୍ବର ୧୪: ରାଜା ମନ୍ତ୍ରୀ ପଦରୁ ଇସ୍ତଫା ଦେଲେ

୨୦୧୧ ଫେବୃଆରୀ ୨: ସିବିଆଇ ଦ୍ୱାରା ଗିରଫ ହେଲେ ରାଜା

୨୦୧୧ ମାର୍ଚ୍ଚ ୧୪: ଦିଲ୍ଲୀ ହାଇକୋର୍ଟ ୨ଜି ମାମଲାର ଶୁଣାଣି ପାଇଁ ସ୍ୱତନ୍ତ୍ର କୋର୍ଟ ପ୍ରତିଷ୍ଠା କରିବାକୁ ନିର୍ଦ୍ଦେଶ ଦେଲେ

୨୦୧୧ ମାର୍ଚ୍ଚ ୨୯: ଶୀର୍ଷକୋର୍ଟ ସିବିଆଇକୁ ସେହି ବର୍ଷ ଏପ୍ରିଲ ୨ରେ ଚାର୍ଜସିଟ ଦାଖଲ ପାଇଁ ନିର୍ଦ୍ଦେଶ ଦେଲେ

୨୦୧୧ ଏପ୍ରିଲ ୨ ଓ ୨୫ରେ ସିବିଆଇ ଦୁଇଟି ପର୍ଯ୍ୟାୟରେ ୨ଟି ଚାର୍ଜସିଟ ଦାଖଲ କଲା ।

୨୦୧୧ ନଭେମ୍ବର ୧୧: ମାମଲାର ଶୁଣାଣି ଆରମ୍ଭ ହେଲା

୨୦୧୧ ନଭେମ୍ବର ୨୩: ହରି ନାୟାର, ଗୌତମ ଦୋଷୀ , ସୁରେନ୍ଦ୍ର ପିପାରା, ସଂଜୟ ଚନ୍ଦ୍ର ଓ ବିନୋଦ ଗୋଏଙ୍କାଙ୍କୁ ମିଳିଲା ଜାମିନ

୨୦୧୧ ନଭେମ୍ବର ୨୮: କନ୍ନି ମୋଝୀ, ଶରଦ କୁମାର , କରିମ ମୋରାନି , ଅସିଫ ବଲୱା, ରାଜୀବ ଅଗ୍ରୱାଲଙ୍କୁ ମିଳିଲା ଜାମିନ

୨୦୧୧ ନଭେମ୍ବର ୨୯: ସ୍ୱାନ ଟେଲିକମର ସାହିଦ ବଲୱାଙ୍କୁ ମିଳିଲା ଜାମିନ

୨୦୧୧ ଡିସେମ୍ବର ୧: ଚାଣ୍ଡୋଲିଆଙ୍କୁ ମିଳିଲା ଜାମିନ

୨୦୧୧ ଡିସେମ୍ବର ୧୨: ସିବିଆଇ ୩ୟ ଚାର୍ଜସିଟ ଦାଖଲ କଲା

୨୦୧୨ ଫେବୃଆରୀ ୨: ସୁପ୍ରିମକୋର୍ଟ ୧୨୨ଟି ୨ଜି ଲାଇସେନ୍ସ ରଦ୍ଦ କରିଦେଲେ

୨୦୧୨ ଫେବୃଆରୀ ୪: ସୁବ୍ରମଣ୍ୟମ ସ୍ୱାମୀଙ୍କ ଆବେଦନ କ୍ରମେ ଚିଦ୍ମ୍ବରମଙ୍କ ବିରୋଧରେ ମାମଲା ଦାୟର କରାଯିବ ନାହିଁ ବୋଲି ସ୍ୱତନ୍ତ୍ର ସିବିଆଇ କୋର୍ଟ ତାଙ୍କ ରାୟ ପ୍ରଦାନ କଲେ ।

୨୦୧୨ ଅଗଷ୍ଟ ୨୪: ସୁବ୍ରମଣ୍ୟମ ସ୍ୱାମୀଙ୍କ ଆବେଦନ କ୍ରମେ ଚିଦମ୍ବରମଙ୍କ ବିରୋଧରେ ମାମଲାଚାଲିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଲେ

୨୦୧୪ ଏପ୍ରିଲ ୨୫ : ଇଡି କନ୍ନି ମୋଝୀ , ରାଜା ଓ ଅନ୍ୟମାନଙ୍କ ବିରୋଧରେ ଚାର୍ଜସିଟ ଦାଖଲ କଲା

୨୦୧୪ ଅକ୍ଟୋବର ୧୩ : ଅଭିଯୁକ୍ତଙ୍କ ବିରୋଧରେ ମନି ଲଣ୍ଡରିଂ ମାମଲା ଦାୟର କରାଗଲା

୨୦୧୪ ନଭେମ୍ବର ୧୦ : ସ୍ୱତନ୍ତ୍ର ସିବିଆଇ କୋର୍ଟରେ ମାମଲାର ଚୂଡାନ୍ତ ଶୁଣାଣି ଆରମ୍ଭ

୨୦୧୭ ଡିସେମ୍ବର ୫ : ସ୍ୱତନ୍ତ୍ର ସିବିଆଇ କୋର୍ଟ ଡିସେମ୍ବର ୨୧ରେ ରାୟ ପ୍ରକାଶ କରିବାକୁ ଘୋଷଣା କରନ୍ତି ।

୨୦୧୭ ଡିସେମ୍ବର ୫ : ସ୍ୱତନ୍ତ୍ର ସିବିଆଇ କୋର୍ଟଙ୍କ ରାୟ ପ୍ରକାଶ

## ଭିତର ପୃଷ୍ଠାରେ



ଟୁଜି ରାୟ ପରେ ଉତ୍ସାହିତ କଂଗ୍ରେସ ସଂସଦରେ କଂଗ୍ରେସ ସଦସ୍ୟଙ୍କ ହଟ୍ଟଗୋଳ



କୋହଲୀଙ୍କ ବିବାହ ଭୋଜିରେ ଯୋଗ ଦେଲେ ପ୍ରଧାନମନ୍ତ୍ରୀ



ଛୋଟା ସକିଲ ମରିଯାଇଛି !

## ଶୂନ୍ୟକାଳରେ ଉଠିଲା ମହାନଦୀ ପ୍ରସଙ୍ଗ

ନୂଆଦିଲ୍ଲୀ, ୨୧/୧୨(ଏଜେନ୍ସି) ଲୋକସଭାରେ ଗୁରୁବାର ଶୂନ୍ୟକାଳରେ ପୁଣିଥରେ ମହାନଦୀ ପ୍ରସଙ୍ଗ ଉଠିଛି। ବିଜେଡି ସଂସଦୀୟ ନେତା ଭର୍ତ୍ତୃହରି ମହତାବ ଓ ସମ୍ବଲପୁର ସାଂସଦ ନଗେନ୍ଦ୍ର ପ୍ରଧାନ ଗୁରୁବାର ଲୋକସଭାରେ ମହାନଦୀ ପ୍ରସଙ୍ଗ ଉତ୍ଥାପନ କରିଥିଲେ। ହୀରାକୁଦର ଉପରମୁଣ୍ଡରେ ଛତିଶଗଡ଼ ନିର୍ମାଣ କରୁଥିବା ବିଭିନ୍ନ ବ୍ୟାରେଜକୁ ତୁରନ୍ତ ବନ୍ଦ କରିବାକୁ ସାଂସଦ ଶ୍ରୀ ପ୍ରଧାନ ଦାବି କରିଥିଲେ। ଏହା ବ୍ୟତୀତ ପୂର୍ବରୁ ଟ୍ରିବ୍ୟୁନାଲ୍ ଗଠନ ପାଇଁ ସମ୍ମତି ପ୍ରକାଶ କରିଥିବା କେନ୍ଦ୍ର ସରକାର ତୁରନ୍ତ ଟ୍ରିବ୍ୟୁନାଲ୍ ଗଠନ ନେଇ ବିଜ୍ଞପ୍ତି ପ୍ରକାଶ କରନ୍ତୁ ବୋଲି ସାଂସଦ ଶ୍ରୀ ନାୟକ ଦାବି କରିଥିଲେ। ଶୂନ୍ୟକାଳ ପ୍ରାରମ୍ଭରେ ସାଂସଦ



ଭର୍ତ୍ତୃହରି ମହତାବ ମହାନଦୀ ପ୍ରସଙ୍ଗରେ ଆଲୋଚନା ପାଇଁ ସୁଯୋଗ ଦେବାକୁ ବାଚସ୍ପତିଙ୍କୁ ଅନୁରୋଧ କରିଥିଲେ। ଧ୍ୟାନ ଆକର୍ଷଣ ପାଇଁ ସ୍ୱଳ୍ପକାଳୀନ ଆଲୋଚନା କିମ୍ବା ମୁଲତବୀ ପ୍ରସ୍ତାବ ଗ୍ରହଣ କରିବାକୁ ଗତକାଲି ମଧ ବିଜେଡି ପକ୍ଷରୁ ଦାବି କରାଯାଇଥିଲା।

## ଦୁଇ ଓଡିଆଙ୍କୁ ମିଳିବ ଏକାଡେମୀ ପୁରସ୍କାର

ନୂଆଦିଲ୍ଲୀ, ୨୧/୧୨(ଏଜେନ୍ସି) ଓଡ଼ିଶାର ଦୁଇଜଣ ଲେଖକ ଓ ଲେଖିକାଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ମିଳିବ। ଅନୁବାଦ ପାଇଁ ସୂର୍ଯ୍ୟମଣି ଖୁଣ୍ଟିଆ ଓ ଉପନ୍ୟାସ ପାଇଁ ଗାୟତ୍ରୀ ସରାଫଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଦିଆଯିବ। ଗାୟତ୍ରୀ ସରାଫଙ୍କୁ ତାଙ୍କର ଉପନ୍ୟାସ 'ଇଟା ଭାଟିର ଶିଳ୍ପୀ' ପାଇଁ ପୁରସ୍କାର ମିଳିବ। ସେହିପରି ସୂର୍ଯ୍ୟମଣି ଖୁଣ୍ଟିଆଙ୍କୁ ତାଙ୍କ ଅନୁବାଦ ପୁସ୍ତକ 'ଯୁଗାନ୍ତ' ପାଇଁ ପୁରସ୍କାର ମିଳିବ।

## ପୁଣି ୧୩ଟି ମେଣ୍ଢାଙ୍କ ମୃତ୍ୟୁ

ଭୁବନେଶ୍ୱର, ୨୧/୧୨(ଶ୍ରୁମି) କଟକ ଜିଲ୍ଲା ନିଆଳିରେ ଅଜଣା ଜନ୍ତୁର ଆତଙ୍କ ବଢ଼ିବାରେ ଲାଗିଛି। ଗତକାଲି ରାତିରେ ନୂଆଗାଁ ପଞ୍ଚାୟତରେ ୧୩ଟି ମେଣ୍ଢାଙ୍କ ମୃତ୍ୟୁ ଘଟିଥିବାବେଳେ ଆଉ ୬ଟି ମେଣ୍ଢା ଆହତ ହୋଇଛନ୍ତି। ଅଜଣା ଜନ୍ତୁଙ୍କ ଆକ୍ରମଣରେ ଏମାନଙ୍କ ମୃତ୍ୟୁ ହୋଇଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଅଜଣା ଜନ୍ତୁକୁ ଧରିବାରେ ବନ ବିଭାଗ ବିଫଳ ହୋଇଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି।

## ଭାରତୀୟମାନଙ୍କ ମଧ୍ୟରେ କେବଳ ଜଣଙ୍କର ବାର୍ଷିକ ଆୟ ୧୦୦ କୋଟିରୁ ଅଧିକ

ନୂଆଦିଲ୍ଲୀ, ୨୧/୧୨(ଏଜେନ୍ସି) ଭାରତୀୟମାନଙ୍କ ମଧ୍ୟରେ କେବଳ ଜଣଙ୍କର ବାର୍ଷିକ ଆୟ ୧୦୦ କୋଟିରୁ ଅଧିକ। ଆୟକର ବିଭାଗ ପକ୍ଷରୁ ପ୍ରକାଶିତ ଏହି ତଥ୍ୟରେ ଦର୍ଶାଯାଇଛି ଯେ, ଦେଶରେ ଆୟକର ରିଟର୍ଣ୍ଣ ଦାଖଲ କରୁଥିବା ଲୋକମାନଙ୍କ ମଧ୍ୟରୁ ପ୍ରାୟ ୫୦ ପ୍ରତିଶତ ଲୋକଙ୍କର ଟିକସ ଯୋଗ୍ୟ ଆୟ କିଛି ନଥାଏ। ଭାରତୀୟମାନଙ୍କ ମଧ୍ୟରୁ ମାତ୍ର ୩ ପ୍ରତିଶତ ବା ୪.୧ କୋଟି ଲୋକ ଆୟକର ରିଟର୍ଣ୍ଣ ଦାଖଲ କରିଥାନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଲୋକ ନାମକୁ ମାତ୍ର ଆୟକର ପଇଠ କରୁଥିବାବେଳେ ପ୍ରକୃତରେ ୧.୬ ପ୍ରତିଶତ ଲୋକ ଆୟକର ପଇଠ କରିଥାନ୍ତି। ଆୟକର ବିଭାଗ ତଥ୍ୟ ମୁତାବକ ଭାରତରେ ଆୟକର ପଇଠ କରୁଥିବା ଲୋକମାନଙ୍କ ମଧ୍ୟରେ ୧ କୋଟି ଟିକସଦାତା ୧ ଲକ୍ଷରୁ ଅଧିକ ଟଙ୍କାର ଆୟକର ପଇଠ କରିଥାନ୍ତି। ରାଜ୍ୟବାରି ସବୁଠାରୁ ଆଗରେ ମହାରାଷ୍ଟ୍ର ରହିଥିବାବେଳେ ଦ୍ୱିତୀୟରେ ଦିଲ୍ଲୀ, ତୃତୀୟରେ କର୍ଣ୍ଣାଟକ, ଚତୁର୍ଥରେ ତାମିଲନାଡୁ ଓ ପଞ୍ଚମରେ ଆନ୍ଧ୍ରପ୍ରଦେଶ ରହିଛି। ଏହି ସବୁ ରାଜ୍ୟରୁ ମୋଟ ଆୟକରର ଯଥାକ୍ରମେ ୩୭ ପ୍ରତିଶତ, ୧୨.୮ ପ୍ରତିଶତ, ୧୦.୧ ପ୍ରତିଶତ, ୭.୧ ପ୍ରତିଶତ ଓ ୪.୩ ପ୍ରତିଶତ ଆୟକର ମିଳିଥାଏ।

## ସଚିନଙ୍କୁ କହିବାକୁ ସୁଯୋଗ ମିଳିଲାନି

ନୂଆଦିଲ୍ଲୀ, ୨୧/୧୨(ଏଜେନ୍ସି) ୫ ବର୍ଷ ତଳେ ଯେଉଁ କଂଗ୍ରେସ କ୍ରୀଡ଼ା କ୍ଷେତ୍ରରେ ତାଙ୍କର ବିଶେଷ ଅବଦାନ ପାଇଁ ସଚିନ ତେନ୍ଦୁଲକରଙ୍କୁ ରାଜ୍ୟସଭାକୁ ମନୋନୀତ କରିବା ପାଇଁ ରାଷ୍ଟ୍ରପତିଙ୍କୁ ସୁପାରିଶ କରିଥିଲା ସେହି କଂଗ୍ରେସର ସଦସ୍ୟମାନେ ଭାରତରତ୍ନ ସଚିନ ତେନ୍ଦୁଲକରଙ୍କୁ ଆଜି ରାଜ୍ୟସଭାରେ କଥା କୁହାଇ ଦେଇନାହାନ୍ତି। ତେନ୍ଦୁଲକର ତାଙ୍କର ୫ ବର୍ଷର ସଦସ୍ୟତା ମଧ୍ୟରେ ଆଜି ପ୍ରଥମ ଥର ପାଇଁ ଗୃହରେ କ୍ରୀଡ଼ାବିତ୍‌ମାନଙ୍କ ଭବିଷ୍ୟତ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ପଚାରିବାକୁ ଠିଆ ହୋଇଥିଲେ। କିନ୍ତୁ କଂଗ୍ରେସର ସାଂସଦମାନେ ୨-ଜି ସ୍ପେକ୍ଟ୍ରମ୍‌ର ରାୟକୁ ନେଇ ଗୃହରେ ଯେଭଳି ହଙ୍ଗାମା କରୁଥିଲେ ସେଥିରେ ସଚିନ ହତବାକ୍ ହୋଇ ଛିଡ଼ା ହୋଇଥିଲେ। ପ୍ରାୟ ୧୦ ମିନିଟ ଧରି ସଚିନ କଣ କରିବେ ଓ କଣ କହିବେ ତାହା ଚିନ୍ତା କରିପାରୁନଥିଲେ। ଗୃହରେ ଅଧ୍ୟକ୍ଷତା କରୁଥିବା ଉପରାଷ୍ଟ୍ରପତି ଭେଙ୍କୟାନାଇଡୁ ବାରମ୍ବାର ଅନୁରୋଧ କଲେ ମଧ ତାଙ୍କ କଥା କେହି ଶୁଣିନଥିଲେ। ଧଳା ସାର୍ଟ ଓ ନେହେରୁ ଜାକେଟ୍ ପିନ୍ଧି ଆଜି ସପ୍ତମ ଥର ପାଇଁ ରାଜ୍ୟସଭାକୁ ଆସିଥିଲେ ସଚିନ।

## ପାୱାର କରିଡରରେ ଶୁଭଙ୍କର

ଭୁବନେଶ୍ୱର, ୨୧/୧୨(ଶ୍ରୁମି) ବହୁ କୋଟି ଟଙ୍କାର ସିସୋର୍ ଚିଟ୍‌ଫଣ୍ଡ ମାମଲାରେ ଚିଟ୍‌ଫଣ୍ଡ କମ୍ପାନୀଗୁଡ଼ିକ ସହ କିଛି ରାଜନେତା, ପ୍ରଶାସନିକ ଅଧିକାରୀ ଓ ପୁଲିସ ଅଫିସରଙ୍କ ସହ ଯୋଗସୂତ୍ର ରକ୍ଷାକରି ବେଧଡ଼କ କାରବାର ଚଳାଇବାରେ ସହଯୋଗ କରୁଥିବା ଅଭିଯୁକ୍ତ ଶୁଭଙ୍କର ନାୟକଙ୍କୁ ଦେଖିବାକୁ ମିଳିଛି ପାୱାର କରିଡରରେ । ବୁଧବାର ବାରବାଟୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହୋଇଥିବା ଶ୍ରୀଲଙ୍କା-ଭାରତ ଟି-୨୦ ମ୍ୟାଚ୍ ପରିପ୍ରେକ୍ଷୀରେ ଚିଟ୍‌ଫଣ୍ଡ ଦୁର୍ନୀତିର ଅନ୍ୟତମ ପ୍ରମୁଖ ଖଳନାୟକ ଶୁଭଙ୍କର ନାୟକଙ୍କୁ ବିସିସିଆଇର ଭିଭିଆଇପି ବକ୍ସରେ ଦେଖିବାକୁ ମିଳିଥିଲା। ଏହି ବକ୍ସରେ ମନ୍ତ୍ରୀ, ବିଧାୟକ, ସଂଖ୍ୟାଧିକ ଆଇଏଏସ୍ ଓ ଆଇପିଏସ୍ ଅଧିକାରୀମାନେ ବସିଥିବାବେଳେ ପାୱାର କରିଡରରେ ଶୁଭଙ୍କରଙ୍କୁ କିଭଳି ଆତିଥ୍ୟ ମିଳିଲା ତାହାକୁ ନେଇ ପ୍ରଶ୍ନ ଉଠିଛି। ଖେଳ ସରିବା ପର୍ଯ୍ୟନ୍ତ ଏଠାରେ ବସି ରହିଥିବା ଶୁଭଙ୍କର ଅନାୟାସରେ କ୍ରିକେଟ୍ ଖେଳକୁ ଉପଭୋଗ କରିଥିଲେ। ତେବେ ପ୍ରଶ୍ନ ଉଠୁଛି ବିସିସିଆଇର ଏହି ଭିଭିଆଇପି ବକ୍ସରେ ଶୁଭଙ୍କରଙ୍କୁ କିଏ ଆମନ୍ତ୍ରଣ କରିଥିଲା। ଅନ୍ୟ କାହାର ପାସ୍‌ରେ ଏଠି କେହି ପ୍ରବେଶ



କରିବା ସମ୍ଭବ ନୁହେଁ। କାରଣ ପାସ୍‌ରେ ସମ୍ପୃକ୍ତ ବ୍ୟକ୍ତିଙ୍କ ନାମ ଉଲ୍ଲେଖ ଥାଏ। ଏହି ପରିପ୍ରେକ୍ଷୀରେ ଓସିଏ କିନ୍ତୁ କହିଛି ଶୁଭଙ୍କରଙ୍କୁ ଆମେ ପାସ୍ ଦେଇନଥିଲୁ। ସିଏ ଆଉ କାହାର ପାସ୍ ନେଇ ଆସିଥିଲେ। ଓସିଏର କାର୍ଯ୍ୟକାରୀ କମିଟି ଅଧ୍ୟକ୍ଷ ଧୀରେନ ପଲାଇ ଏଭଳି ସଫେଇ ଦେଇଥିବାବେଳେ ଶୁଭଙ୍କରଙ୍କୁ କିଏ ପାସ୍ ଦେଲା ତାହାର ତଦନ୍ତ କରାଯିବା ଉଚିତ ବୋଲି ବିରୋଧି ଦଳ ନେତା ନରସିଂହ ମିଶ୍ର କହିଛନ୍ତି। ସେ କହିଛନ୍ତି ଯେ ବିରୋଧି ଦଳର ନେତାଙ୍କୁମଧ ଏହି କମ୍ପ୍ଲିମେଣ୍ଟାରୀ ପାସ୍ ମିଳିନଥିବାବେଳେ ଶୁଭଙ୍କରଙ୍କୁ କିଏ ପାସ୍ ଦେଲା ସେଥିନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

▶୩ ପୃଷ୍ଠାରେ

## ଜେଲ ଗଲେ ଡାକ୍ତର ରବୀନ୍ଦ୍ର ଜେନା

କଟକ ୨୧/୧୨(ଶ୍ରୁମି) ଦୁଇଟି ଭିଜିଲାନ୍ସ ମାମଲାରେ ଛନ୍ଦି ହୋଇ ଗିରଫଦାରୀ କୁ ଏଡାଇବା ପାଇଁ ଦୀର୍ଘଦିନ ହେଲା ଫେରାର ଥିବା ଏସସିବି ମେଡିକାଲ ତ ହେମାଟୋଲୋଜି ବିଭାଗର ମୁଖ୍ୟ ତଥା ପ୍ରଫେସର ଡାକ୍ତର ରବୀନ୍ଦ୍ର କୁମାର ଜେନା ଙ୍କୁ ଭିଜିଲାନ୍ସ ଗତକାଲି ଅପରାହ୍ନ ରେ ଗିରଫ କରି ଆଜି ଭିଜିଲାନ୍ସ କୋର୍ଟରେ ହାଜର କରିଛି । ଅଦାଲତ ତାଙ୍କର ଜାମିନ ଆବେଦନକୁ ନାମଂଜୁର କରି ତାଙ୍କୁ ଜେଲ ହାଜତ କୁ ପଠାଇଦେଇଛନ୍ତି । ଏସସିବି ମେଡିକାଲ କଲେଜ ଓ ହାସପାତାଲ ର କ୍ଲିନିକାଲ ହେମାଟୋଲୋଜି ବିଭାଗୀୟ ମୁଖ୍ୟ ଡାକ୍ତର ରବୀନ୍ଦ୍ର କୁମାର ଜେନା ଏବଂ ଆସିଷ୍ଟାଂଟ ପ୍ରଫେସର ତଥା ଓଡିଶା ରାଜ୍ୟ ଚିକିତ୍ସା ପା□(ଓଏସଟିଏଫ) ର ନୋଡାଲ ଅଫିସର ଡାକ୍ତର ସୁଧା ସେଠୀ ଙ୍କ ବିରୋଧରେ ନିଜ ସରକାରୀ ପଦପଦବୀର ଅପବ୍ୟବହାର, ନିର୍ଦ୍ଦିଷ୍ଟ ଔଷଧ କମ୍ପାନୀ ପ୍ରତି ଅହେତୁକ ଅନୁକମ୍ପା ପ୍ରଦର୍ଶନ ଓ ଆର୍ଥିକ ଅନୁଗ୍ରହ, ସରକାରଙ୍କୁ ଆର୍ଥିକ କ୍ଷତି ପହଂଚାଇବା, ଠକେଇ, ଅର୍ଥ ତୋଷରପାତ, ଏବଂ ବିଭିନ୍ନ ଔଷଧ କମ୍ପାନୀ ତଥା ଅନ୍ୟମାନଙ୍କ ସହ ମିଶି ଆପରାଧିକ ଷଡଯନ୍ତ୍ର ଆଦି କରିବା ଅଭିଯୋଗରେ ରାଜ୍ୟ ଭିଜିଲାନ୍ସ ସେଲ ପକ୍ଷରୁ ଦୁର୍ନୀତି ନିବାରଣ ଆଇନ ୧୯୮୮ ର ୧୩(୨)/୧୩(୧)(ସି)(ଡି) ଏବଂ ଆଇପିସିର

▶୩ ପୃଷ୍ଠାରେ

## ଗୁଳି ମାଡରେ ଯୁବ ଇଞ୍ଜିନିୟରଙ୍କ ମୃତ୍ୟୁ

କେନ୍ଦ୍ରାପଡା ୨୧/୧୨(ଶ୍ରୁମି) କେନ୍ଦ୍ରାପଡା ଟାଉନ ଥାନା ଅଂଚଳରେ ବାରମ୍ବାର ବନ୍ଧୁକ ଗର୍ଜିବା ସହିତ ଗୋଟିଏ ପରେ ଗୋଟିଏ ମୁଣ୍ଡ ଗଡିବାରେ ଲାଗିଛି । ପୋଲିସ କେବଳ ଫାଇଲ ଭିତରେ ତଦନ୍ତକୁ ସିମିତ ରଖି ରହିଯାଉଛି । ଗତ ପ୍ରାୟ ୩/୪ମାସ ତଳେ ଟାଉନ ଥାନା ଅଂଚଳର ଖଡିଅଙ୍ଗ ରାସ୍ତାରେ ଏକ ଅଟୋଚାଳକକୁ ଗୁଳିମାଡ ହୋଇଥିଲା । ସେ ଅଳ୍ପକେ ମରଣ ମୁହଁରୁ ବଂଚିଯାଇଥିଲେ ମଧ୍ୟ ଗୁରୁତର ଆହତ ହୋଇ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର ହୋଇଥିଲେ । ଭୁବନେଶ୍ୱରର ଗୁପ୍ତା ପାୱାର ଇନଫ୍ରାଷ୍ଟ୍ରକଚର ପ୍ରାଇଭେଟ ଲିମିଟେଡର ସାଇଟ ଇଞ୍ଜିନିଅର ତାଳଚେରର ଦେବାଶିଷ

▶୩ ପୃଷ୍ଠାରେ



## ଜୁଏଲ ଓରାମଙ୍କ ସଭ୍ୟପଦ ରଦ୍ଦ ଦାବି କଲା ବିଜେଡି

ଭୁବନେଶ୍ୱର, ୨୧/୧୨(ଶ୍ରୁମି) କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ ନିର୍ବାଚନ ଖର୍ଚ୍ଚ ନେଇ ଯେଉଁ ସତ୍ୟପାଠ ଦାଖଲ କରିଥିଲେ ତାହା ତ୍ରୁଟି ପୂର୍ଣ୍ଣ ଥିବା ଦର୍ଶାଇ ବିଜେଡିର ରାଜ୍ୟ ସଭା ସାଂସଦ ଦିଲ୍ଲୀପ ତିର୍କୀ ଓ ବିଜେଡିର ଅନ୍ୟ ୧୦ଜଣ ସାଂସଦ ଆଜି ନିର୍ବାଚନ କମିଶନଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହି ପ୍ରସଙ୍ଗରେ ନବୀନଙ୍କ ମୁଣ୍ଡ ଉପରେ ବିଧାନସଭା ସଭ୍ୟ ପଦ ରଦ୍ଦ ମାମଲା ଡେମୋକ୍ଲିସ ଖଣ୍ଡା ପରି ଝୁଲୁଥିବା କାରଣରୁ ନିର୍ବାଚନ କମିଶନଙ୍କ ଉପରେ ଚାପ ସୃଷ୍ଟି କରିବା ପାଇଁ ବିଜେଡି ସାଂସଦମାନେ କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମଙ୍କ ସଭ୍ୟ ପଦ ରଦ୍ଦ ପାଇଁ ଡ୍ରାମା କରୁଛନ୍ତି ବୋଲି ବିଜେପି ମୁଖପାତ୍ର ତଥା ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି । ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହିଂଜିଳି ବିଧାନସଭା ପ୍ରାର୍ଥୀ ଭାବେ ତାଙ୍କର ହିସାବ ଓ ଦଳର ହିସାବ ମଧ୍ୟରେ ତାଳମେଳ ନ ଥିବା କାରଣରୁ ଲୋକ ପ୍ରତିନିଧି ଆଇନ ଆଧାରରେ ତାଙ୍କର ସଭ୍ୟ ପଦ ରଦ୍ଦ ପାଇଁ ତାଙ୍କ ବିରୁଦ୍ଧରେ ନିର୍ବାଚନ ଲଢିଥିବା ବିଜେପି ପ୍ରାର୍ଥୀ ନିର୍ବାଚନ କମିଶନ ଓ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ୧୩ ଲକ୍ଷ ୧୦ ହଜାର ଟଙ୍କା ଦଳରୁ ନିର୍ବାଚନ ଖର୍ଚ୍ଚ ବାବଦରେ ପାଇଥିବା ବେଳେ

▶୩ ପୃଷ୍ଠାରେ

## ଚତୁର୍ଥ ଦିନରେ ନର୍ସଙ୍କ ଆନ୍ଦୋଳନ

ଭୁବନେଶ୍ୱର, ୨୧/୧୨(ଶ୍ରୁମି) ବିଭିନ୍ନ ଦାବି ନେଇ ନର୍ସମାନଙ୍କ ଆନ୍ଦୋଳନ ଆଜି ଚତୁର୍ଥ ଦିନରେ ପହଞ୍ଚିଛି। ଫଳରେ ମେଡିକାଲ୍‌ରେ ରୋଗୀସେବା ପ୍ରଭାବିତ ହୋଇଛି। ୭ଟି ପ୍ରମୁଖ ଦାବି ନେଇ ନର୍ସମାନେ ଆନ୍ଦୋଳନ କରିଛନ୍ତି। ସେମାନଙ୍କ ମୁଖ୍ୟ ଦାବି ହେଲା ଠିକା ନର୍ସମାନଙ୍କୁ ସ୍ଥାୟୀ କରିବାକୁ ଓ ୬ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି କାର୍ଯ୍ୟରେ ଥିବା ନର୍ସଙ୍କ ଦରମା ବୃଦ୍ଧି। ଏପର୍ଯ୍ୟନ୍ତ ଏହି ପ୍ରସଙ୍ଗରେ ମେଡିକାଲ୍ କର୍ତ୍ତୃପକ୍ଷଙ୍କ ପକ୍ଷରୁକିମ୍ବା ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ସେପଟେ ଗ୍ରେଡ୍‌ପେ ବୃଦ୍ଧି ଓ ଚାକିରି ନିୟମିତ ଦାବିରେ ସମ୍ବଲପୁର ବୁର୍ଲା ମେଡିକାଲ୍‌ର ନର୍ସମାନେ ମଧ ଆନ୍ଦୋଳନ କରିଛନ୍ତି।

## ନୀତିଶ୍ଳୋକ

ତସ୍ମାଦୋମିତ୍ୟୁଦାହୃତ୍ୟ ଯଜ୍ଞଦାନତପଃକ୍ରିୟାଃ ।
ପ୍ରବର୍ତ୍ତନ୍ତେ ବିଧାନୋକ୍ତାଃ ସତତଂ ବ୍ରହ୍ମବାଦିନମ୍ ॥

ତେଣୁ ବୈଦିକ ସିଦ୍ଧାନ୍ତ ଅନୁସରଣକାରୀ ପୁରୁଷଙ୍କର ଶାସ୍ତ୍ରବିଧିନିୟତ ଯଜ୍ଞ, ଦାନ ଓ ତପରୂପକ ସମସ୍ତ କ୍ରିୟା ପରମାତ୍ମାଙ୍କର ଏହି 'ଓଁ' ନାମ ଉଚ୍ଚାରଣ କରି ଆରମ୍ଭ ହୁଏ ।

# ସିବିଆଇର ପାରଦର୍ଶିତା ନେଇ ସନ୍ଦେହ

୨-ଜି ସ୍ପେକ୍ଟ୍ରମ୍ ଦୁର୍ନୀତି ମାମଲାରେ ସିବିଆଇର ଦୁର୍ବଳ ଯୁକ୍ତି ଓ ତଥ୍ୟ ପ୍ରମାଣ ଅଭାବରୁ ସ୍ୱତନ୍ତ୍ର କୋର୍ଟ ସମସ୍ତ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ମୁକ୍ତ କରିଦେଇଛନ୍ତି । ଅଦାଲତ ତାଙ୍କ ରାୟରେ କହିଛନ୍ତି ଯେ, ସିବିଆଇ ଅଭିଯୁକ୍ତଙ୍କ ବିରୋଧରେ ଥିବା ଅଭିଯୋଗକୁ ପ୍ରମାଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି । ଏହା ଦ୍ୱାରା ଏହି କଥିତ ଦୁର୍ନୀତିକୁ ନେଇ ପୁଣି ଚର୍ଚ୍ଚା ଆରମ୍ଭ ହୋଇଯାଇଛି । ୫ ବର୍ଷ ତଳେ ତତକାଳୀନ ୟୁପିଏ ସରକାରଙ୍କର ଗୋଟିଏ ପରେ ଗୋଟିଏ ବଡ଼ ବଡ଼ ଦୁର୍ନୀତି ଅଭିଯୋଗ ପଦାକୁ ଆସିବାରେ ଲାଗିଥିଲା । ରାଜ୍ୟଗୋଷ୍ଠୀ କ୍ରୀଡ଼ା ପରିଚାଳନାରେ କୋଟି କୋଟି ଟଙ୍କାର ଦୁର୍ନୀତି ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯିବା ସହ କ୍ରୀଡ଼ା କମିଟିର ତତକାଳୀନ ମୁଖ୍ୟ ସୁରେଶ କାଲମାଡିଙ୍କୁ କଂଗ୍ରେସ ସଂସଦୀୟ ଦଳର ସଂପାଦକ ପଦରୁ ବାହାର କରାଗଲା । ପରେ ମୁମ୍ବଇର ଆଦର୍ଶ ହାଉସିଂ ସୋସାଇଟି ଜମି ଓ ଫ୍ଲାଟ୍ ଦୁର୍ନୀତି ମାମଲାରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଅଶୋକ ଚହ୍ୱାଣଙ୍କୁ କଂଗ୍ରେସ ହଟାଇ ଦେଇ ଦଳକୁ କ୍ଲିନ୍‌ଚିଟ୍ ଦେବାକୁ ଉଦ୍ୟମ କଲା । ଏହା ପରେ ୨-ଜି ସ୍ପେକ୍ଟ୍ରମ୍ ସେବା ଆବଣ୍ଟନ କ୍ଷେତ୍ରରେ ୧,୭୬,୭୦୦ କୋଟି ଟଙ୍କାର ମହାଦୁର୍ନୀତିର କଣ୍ଟା କଂଗ୍ରେସ ନେତୃତ୍ୱାଧୀନ ତତକଳୀନ ୟୁପିଏ ସରକାରଙ୍କ ତଣ୍ଟିରେ ଲାଗିରହିଥିଲା । ସରକାରଙ୍କ ମହାହିସାବ ରକ୍ଷକ ଓ ମହାହିସାବ ସମୀକ୍ଷକ(ସିଏଜି) ୨ଜି-ସ୍ପେକ୍ଟ୍ରମ୍ ଆବଣ୍ଟନରେ ଅନିୟମିତତା ଯୋଗୁଁ ସରକାରୀ ରାଜକୋଷର ୧.୭୬ ଲକ୍ଷ କୋଟି ଟଙ୍କା କ୍ଷତି ଘଟିଥିବା ରିପୋର୍ଟରେ ସ୍ପଷ୍ଟ କରିଥିଲେ । ଏଥିପାଇଁ ବିଭାଗୀୟ ମନ୍ତ୍ରୀ ଏ.ରାଜାଙ୍କୁ ମଧ୍ୟ ପୂର୍ଣ୍ଣମାତ୍ରାରେ ଦାୟୀ କରାଯାଇଥିଲା । କିଭଳି ସମସ୍ତ ଆଇନର ଉଲ୍ଲଂଘନ କରି କେତେକ ଭିତ୍ତିଭୂମି ଓ ସର୍ତ୍ତପୂରଣ କରୁନଥିବା କମ୍ପାନୀଙ୍କୁ ଅହେତୁକ ଅନୁକମ୍ପା ପୂର୍ବକ ୨-ଜି ସ୍ପେକ୍ଟ୍ରମ୍ ସେବା ଯୋଗାଣ ପାଇଁ ସୁଯୋଗ ଦିଆଯାଇଥିଲା ତାହା ଦର୍ଶଯାଇଥିଲା । ଏହା ପଛରେ ବଡ଼ଧରଣର କିଳାପତେଇ(କିକବ୍ୟାକ) ହୋଇଥିବା ସିଏଜି ରିପୋର୍ଟରେ ସ୍ପଷ୍ଟ କରାଯାଇଥିଲା । ଏପରିକି ତତକଳୀନ ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଆଇନ ଓ ବିତ୍ତ ମନ୍ତ୍ରଣାଳୟର କୌଣସି ପରାମର୍ଶ ଓ ନିର୍ଦ୍ଦେଶକୁ ମନ୍ତ୍ରୀ ରାଜା ନମାନି ମନଇଚ୍ଛା କାରବାର କରିଥିବା ସିଏଜି ଦର୍ଶାଇଥିଲେ । ଏହା ଭାରତ ଇତିହାସରେ ସବୁଠାରୁ ବଡ଼ଧରଣର ଦୁର୍ନୀତି ବୋଲି ରାଜନୈତିକ ଦଳଙ୍କ ଠାରୁ ଆରମ୍ଭକରି ଅର୍ଥନୈତିକ ବିଶାରଦ ଖୋଲାଖୋଲି କହିବାକୁ ପଛାଇନଥିଲେ । ଏଥିରେ ଡିଏମକେ ମୁଖିଆ ଏମ. କରୁଣାନିଧିଙ୍କ ଝିଅ କାନ୍ନିମୋଝି ମଧ୍ୟ ପ୍ରମୁଖ ଅଭିଯୁକ୍ତ ଥିଲେ । ରାଜା କୌଣସି ଭୁଲ୍ କରିନାହାନ୍ତି ଓ ପୂର୍ବର ଏନଡିଏ ସରକାରରେ ଦିବଙ୍ଗତ ନେତା ପ୍ରମୋଦ ମହାଜନ ଏହି ବିଭାଗରେ ଥିବାବେଳେ କରିଥିବା ନୀତିକୁ ଆଧାରକରି ରାଜା କାର୍ଯ୍ୟ କରିଥିବା ସୁପ୍ରିମକୋର୍ଟରେ ଦାଖଲ ସତ୍ୟପାଠରେ ଦର୍ଶାଯାଇଥିଲା । ତେବେ ୨୦୦୧ର ଦର କିଭଳି ୨୦୦୮ରେ ଲାଗୁ କରାଯାଇଛି ବୋଲି ପ୍ରଶ୍ନ କରିଥିଲେ ସୁପ୍ରିମକୋର୍ଟ ଓ ଉପା ସରକାର ଆବଣ୍ଟନ କରିଥିବା ସବୁ ୨ଜି ଲାଇସେନ୍ସ ରଦ୍ଦ କରିଦେଇଥିଲେ । ୨୦୦୮ ଜାନୁୟାରୀଠାରୁ ମୋଟ ୧୨୨ଟି ୨ଜି ଲାଇସେନ୍ସ ପ୍ରଦାନ କରାଯାଇଥିଲା । ଏଥିମଧ୍ୟରୁ ୮୫ଟି ଲାଇସେନ୍ସ ଯୋଗ୍ୟତା ସର୍ତ୍ତାବଳୀ ବାହାରେ ଥିଲା । ପ୍ରଥମ ଆବେଦନକାରୀଙ୍କୁ ଲାଇସେନ୍ସ ପ୍ରଦାନ କରିବା ନୀତି ପକ୍ଷପାତିତା ବୋଲି ସୁପ୍ରିମକୋର୍ଟ କହିଥିଲେ । ତେବେ ଏହା ୟୁପିଏର ନୀତି ନୁହେଁ, ବରଂ ତତ୍କାଳୀନ ଏନଡିଏ ସରକାରଙ୍କ ନୀତି ଥିଲା ବୋଲି କଂଗ୍ରେସ ଯୁକ୍ତି ବାଢ଼ି ଦୋଷ ଖସାଇବାକୁ ଉଦ୍ୟମ କରିଥିଲା । ଯଦି ବିଜେପି ନେତୃତ୍ୱାଧୀନ ଏନଡିଏ ସରକାର ସମୟରେ ଏଭଳି ନୀତି ହୋଇଥିଲା ଓ ଏହା ଖରାପ ବୋଲି ୟୁପିଏ ବିଚାରିଥିଲା, ତେବେ ତାହାକୁ ପରିବର୍ତ୍ତନ କଲାନି କାହିଁକି ? ଏପରିକି ୨୦୦୧ର ଦରକୁ ୨୦୦୮ରେ କିଭଳି କାର୍ଯ୍ୟକାରୀ କରି ୟୁପିଏ-୧ ସରକାର ଟୁଜି ଲାଇସେନ୍ସ ପ୍ରଦାନ କଲା ବୋଲି ପ୍ରଶ୍ନ ଉଠିଥିଲା । ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ହାଭାର୍ଡ ପ୍ରଫେସର ସୁବ୍ରମଣ୍ୟମ୍ ସ୍ୱାମୀଙ୍କ ଆବେଦନ ଉପରେ ବିଚାର କରି ଫେବୃୟାରୀ ୨୦୧୧ରେ ସୁପ୍ରିମକୋର୍ଟ ୨ଜି ମାମଲା ତଦନ୍ତ ସିବିଆଇକୁ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ହେଲେ ବିଡମ୍ବନାର ବିଷୟରେ ସିବିଆଇ ନିଜର ଅପରାରଗତା ହେଉ ଅଥବା ଅବହେଳା ଯୋଗୁଁ ହେଉ ଏହି ମାମଲାରେ ହାରିଯାଇଛି । ମାମଲାକୁ ସିବିଆଇ ନିଶ୍ଚିତ ରୂପେ ଗମ୍ଭୀରତାର ସହ ଗ୍ରହଣ କରିନଥିଲା ।

ସିବିଆଇ ହେଉଛି ଦେଶର ପ୍ରମୁଖ ତଦନ୍ତକାରୀ ସଂସ୍ଥା । ଦୁର୍ନୀତି, ଠକେଇ, ଜାଲିଆତି, ହତ୍ୟା ଭଳି ବହୁ ଗୁରୁତର ତଥା ସଂଗୀନ ଅପରାଧ ମାମଲାର ଏହା ତଦନ୍ତ କରି ଅତୀତରେ ବ୍ୟାପକ ସଫଳତା ପାଇଥିବାର ଦୃଷ୍ଟାନ୍ତ ଅଭାବ ନାହିଁ । ମାତ୍ର ସଂପ୍ରତି ୨ଜି ସ୍ପେକ୍ଟ୍ରମ ଆବଣ୍ଟନ ଅନିୟମିତତା ଘଟଣାରେ ସିବିଆଇର ଦକ୍ଷତା , ପାରଦର୍ଶିତା ନେଇ ପ୍ରଶ୍ନ ଉଠିଛି । କାରଣ ଏହି ମାମଲାରେ ୫ବର୍ଷ ତଳୁ ଶୀର୍ଷ କୋର୍ଟ ଦୁର୍ନୀତି ହୋଇଥିବା ଦର୍ଶାଇ ସବୁ ସ୍ପେକ୍ଟ୍ରମ ଲାଇସେନ୍ସ ଗୁଡିକୁ ରଦ୍ଦ କରିଦେଇଥିଲେ । ତେଣୁ ତଦନ୍ତ ଓ ତଥ୍ୟ ପ୍ରମାଣ ଉପସ୍ଥାପନରେ ସିବିଆଇ ପକ୍ଷରୁ ଚରମ ଅବହେଳା କରାଯାଇଥିବା ସ୍ପଷ୍ଟ ହେଉଛି । ପୂର୍ବରୁ କୋଇଲା ବ୍ଲକ୍ ଆବଣ୍ଟନ ଦୁର୍ନୀତି ମାମଲାର ସିବିଆଇ ତଦନ୍ତ ରିପୋର୍ଟକୁ କେନ୍ଦ୍ରର ତତକାଳୀନ ଉପା ସରକାର ବଦଳାଇଥିବା ଅଭିଯୋଗ ଉଠିଥିଲା । ଏହା ଦ୍ୱାରା ସିବିଆଇ ଭଳି ବୃହତ୍ ତଦନ୍ତକାରୀ ସଂସ୍ଥାର କାର୍ଯ୍ୟଶୈଳୀକୁ ମଧ୍ୟ ବିବାଦ ଭିତରକୁ ଟାଣିନେଇଥିଲା । ଦୁର୍ନୀତି ସଂକ୍ରାନ୍ତରେ ସିବିଆଇ ତଦନ୍ତର ଯେଉଁ ପ୍ରଗତି ରିପୋର୍ଟ ପ୍ରସ୍ତୁତ କରିଥିଲା, ତାହା ସୁପ୍ରିମକୋର୍ଟରେ ଦାଖଲ ହେବା ପୂର୍ବରୁ ଅଭିଯୁକ୍ତପକ୍ଷ (କେନ୍ଦ୍ର ସରକାର) କ୍ଷମତା ଚାପରେ ତାହାକୁ ପରିବର୍ତ୍ତନ କରିବାର ଧୃଷ୍ଟତା ଦେଖିବାକୁ ମିଳିଥିଲା । ଖୋଦ୍ ଆଇନମନ୍ତ୍ରୀ ପି ଚିଦମ୍ବରମ ସିବିଆଇ ମୁଖ୍ୟଙ୍କୁ ଡାକି ତାଙ୍କୁ ରିପୋର୍ଟ ବଦଳାଇବା ଲାଗି ଚାପ ପକାଇବା ଜଣାପଡିଥିଲା । ତତକାଳୀନ ଉପା ସରକାର ନିଜ ଦୋଷଦୁର୍ବଳତାକୁ ଲୁଚାଇବା ଓ ଶାସନ ମୁଖ୍ୟଙ୍କୁ ସୁରକ୍ଷା ଦେବା ଲାଗି ରିପୋର୍ଟକୁ ଓଲଟାଇଥିବା ଅଭିଯୋଗ ହୋଇଥିଲା ।

ଏବେ ୨ଜି ମାମଲାରେ ସିବିଆଇ ଯେଭଳି ଅବହେଳା କରିଛି ତାହା ସିବିଆଇର ପାରଦର୍ଶିତା ଉପରେ ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହା ଦ୍ୱାରା ସିବିଆଇ ସଂସ୍ଥାଟି ପ୍ରତି ସାଧାରଣରେ ଯେଉଁ ଭରସା ଥିଲା ଆଗକୁ ତାହା ରହିବ ତ ? ସିବିଆଇର ନିରପେକ୍ଷତା ନେଇ ବହୁବାର ଅଭିଯୋଗମାନ ଉଠିଛି । ଜନଲୋକପାଳ ଆଇନ ଲାଗି ଆନ୍ଦୋଳନବେଳେ ଅନ୍ନା ହଜାରେ ମଧ୍ୟ ସିବିଆଇର ସ୍ୱାଧୀନତା ଓ ସ୍ୱାୟତ୍ତତା ନେଇ ପ୍ରଶ୍ନ ଉଠାଇଥିଲେ । ସେତେବେଳେ ମୁଖ୍ୟ ବିରୋଧୀ ଥିବା ବିଜେପି ମଧ୍ୟ ସିବିଆଇ ବିରୋଧରେ ଏଭଳି ଅଭିଯୋଗ ଆଗରୁ ଆଣିସାରିଛି । ସରକାର ଗଢିବା ଓ ଭାଙ୍ଗିବା ନେଇ ବିଭିନ୍ନ ସମୟରେ ସିବିଆଇକୁ କିଭଳି ଅପବ୍ୟବହାର କରାଯାଇଥାଏ, ତାହା ଅତୀତରେ ମାୟାବତୀ ଓ ମୁଲାୟମ ସିଂହ ଯାଦବଙ୍କ ପୂର୍ବ ବୟାନରୁ ବେଶ୍ ସ୍ପଷ୍ଟ । ସେମାନେ କେତେ ସତ କହୁଛନ୍ତି, ତାହା ଅବଶ୍ୟ ତଦନ୍ତ ସାପେକ୍ଷ । ଦୁର୍ନୀତି ମାମଲାର ଯୁକ୍ତି ଉପସ୍ଥାପନରେ ଦୁର୍ବଳତା ଓ ତଦନ୍ତରେ ଶିଥିଳତାକୁ ନେଇ ଯେଉଁ ସଂଗୀନ ଅଭିଯୋଗ ଆସିଛି ତାହା ଦ୍ୱାରା ସିବିଆଇ ଭଳି ସଂସ୍ଥା ବଦନାମ ହେଉଛି । ଏହାର ଭରଣା କିପରି ହେବ ? ଏହାଦ୍ୱାରା ତଦନ୍ତ, ନ୍ୟାୟ ଓ ଶାସନ ବ୍ୟବସ୍ଥା ପ୍ରତି ମଧ୍ୟ ଜନତାଙ୍କ ମୋହଭଙ୍ଗ ହେଉଛି । ଏହା ଦ୍ୱାରା ଦେଶ ଏକ ସ୍ୱେଚ୍ଛାଚାରିତା ଓ ଅରାଜକତା ରାସ୍ତାରେ ମୁହାଁଇବ । କେବଳ ୨ଜି କିମ୍ବା କୋଇଲା ନୁହେଁ, ବୋଫର୍ସ ଭଳି ଦୁର୍ନୀତି ପ୍ରସଙ୍ଗରେ ମଧ୍ୟ ସିବିଆଇର ନିଷ୍କ୍ରିୟତା ଅଭିଯୋଗ ନୂଆ ନୁହେଁ । ବର୍ତ୍ତମାନ ସ୍ଥିତିରେ ଏସବୁ ସଂସ୍ଥାକୁ କଥାରେ ନୁହେଁ, କାର୍ଯ୍ୟକ୍ଷେତ୍ରରେ ,ମାନଙ୍କୁ ପାରଦର୍ଶୀ କରିବାର ସମୟ ଆସିଛି । ଅନ୍ୟପକ୍ଷରେ ସିବିଆଇ, ସିଭିସି, ସିଇସି, ଲୋକପାଳ ଭଳି ସଂସ୍ଥାର କାର୍ଯ୍ୟ ଅଧିକ ଉତ୍ତରଦାୟୀ ହେବା ଜରୁରୀ ।

# ସ୍ୱାସ୍ଥ୍ୟ ସେବାରେ ଚିକିତ୍ସକଙ୍କ ଅନୈତିକତା

**ଉମାଶଙ୍କର ପ୍ରସାଦ**

ଡାକ୍ତରମାନେ ହେଉଛନ୍ତି ଭଗବାନଙ୍କ ପ୍ରତିରୂପ । ଭଗବାନଙ୍କ ପାଖେ କଦାକାଳକୁ ଅନୈତିକତା ନଥାଏ । ଏ ସମଗ୍ର ସଂସାରରେ ଭଗବାନ ଡାକ୍ତରମାନଙ୍କୁ ନିଜର କିଛି ଅସୀମ ଶକ୍ତି ଦେଇଥାନ୍ତି ଫଳରେ ସେମାନେ ସମାଜରେ ଲୋକଙ୍କ ସେବା ଓ ଉପକାର କରିବେ । ମାତ୍ର ଆଜିକାର ଏ ସମାଜରେ ଡାକ୍ତରମାନେ ନିଜେ ଜେ ଭଗବାନଙ୍କର ପ୍ରତିରୂପ ସେ କଥା ଭୁଲିଯାଇ ସେବା ବଦଳରେ ରୋଗୀ ତଥା ସେମାନଙ୍କ ପରିବାର ସହ ନିଜର ଡାକ୍ତରୀ ବିଦ୍ୟାକୁ କଳଙ୍କିତ କରିବା ସହ ନିଜର ରୋଗୀମାନଙ୍କ ପ୍ରତି ଉପଚାରରେ ଯନ୍ତ୍ରଶୀଳ ହେଉନାହାନ୍ତି କେବଳ ସେତିକି ନୁହେଁ ମୋଟା ଆକାରର ଧନରାଶି ରୋଗୀମାନଙ୍କ ଠାରୁ ଆଦାୟ କରି ସେମାନଙ୍କୁ ଜୀଇ ଥାଉ ଥାଉ ମାରି ଦେଉଛନ୍ତି । ଏଇ କିଛି ଦିନ ତଳେ ମହାନଗରୀ ଦିଲ୍ଲୀର ଏକ ନାମୀଦାମୀ ଚିକିତ୍ସାଳୟରେ ଗୋଟିଏ ମହିଳାର ୨ଟି ଯମଜ ସନ୍ତାନ ଯାତ ହୋଇଥିଲା । ମାତ୍ର ଡାକ୍ତରଙ୍କ କହିବାନୁସାରେ ଗୋଟିଏ ଶିଶୁ ଜନ୍ମ ହେବା ଅବସ୍ଥାରେ ମୃତ ଭାବେ ଜନ୍ମିତ ହୋଇଥିବା ବେଳେ ଅନ୍ୟଟି ଜନ୍ମ ହେବାର କିଛି କ୍ଷଣ ମଧ୍ୟରେ ମରିଯାଇଥିଲା । ଦୁଃଖାଭୀଭୂତ ମା, ବାପା ନିଜର ବନ୍ଧୁବର୍ଗଙ୍କ ସହ ମୃତ୍ୟୁ ଶିଶୁ ଦ୍ୱୟଙ୍କୁ ଶ୍ମଶାନ ଘାଟକୁ ଅନ୍ତିମ ସଂସ୍କାର ପାଇଁ ନେଇ ଯାଉଥିଲେ ସେହି ସମୟରେ ଗୋଟିଏ ମୃତ୍ୟୁ ଶିଶୁର କିଛି ହାତପାଦ ହଲିବାର ଅନୁଭବ କରି ତୁରନ୍ତ ଶିଶୁଟିକୁ ଗୁଡ଼ା ହୋଇଥିବା କଫନ ଭିତରୁ ଖୋଲି ନିକଟସ୍ଥ ଏକ ଡାକ୍ତରଖାନାରେ ଦାଖଲ କରାଯାଇଥିଲା ମାତ୍ର କିଛି ଦିନ ଚିକିତ୍ସାପରେ ଶିଶୁଟି ମୃତ୍ୟୁବରଣ କରିଥିଲା । ଏହାର କାରଣ ଉକ୍ତ ଡାକ୍ତରଖାନାର ଚିକିତ୍ସକମାନଙ୍କ କହିବାନୁସାରେ ଜୀବନ୍ତ ଶିଶୁଟିକୁ ପଲିଥିନ୍‌ରେ ଗୁଡ଼ାଇ ରଖିବା ଫଳରେ ଅକ୍ସିଜେନ ଅଭାବରୁ ଶିଶୁଟିର ମୃତ୍ୟୁ ହୋଇଥିଲା । ଏହି ଖବର ଗଣମାଧ୍ୟମରେ ପ୍ରକାଶିତ ହେବାପରେ ସରକାରଙ୍କ ସ୍ୱାସ୍ଥ୍ୟସେବା ଉପରେ ପ୍ରଶ୍ନବାଚୀ ଉଠିଥିଲା । ବିଭାଗୀୟ ସ୍ୱାସ୍ଥ୍ୟମନ୍ତ୍ରୀ ଏହିପରି ଏକ ଗମ୍ଭୀର ବିଷୟକୁ ଗୁରୁତ୍ୱାରୋପ କରିଥିଲେ । ଏହାପୂର୍ବରୁ ଗୁରୁଗ୍ରାମ ସ୍ଥିତ ଏକ ବଡ଼ ଚିକିତ୍ସାଳୟରେ ଏକ ସାତବର୍ଷର ବାଳକକୁ ୧୫ ଦିନ ଧରି ଚିକିତ୍ସା ପରେ ଡାକ୍ତରମାନଙ୍କର ଅପାରଗତା ଯୋଗୁ ଶିଷୁଟି ମୃତ୍ୟୁବରଣ କରିଥିଲା । ବେଡ଼ି ଉପରେ କୋରଡ଼ା ମାଡ଼ ସଦୃଶ ଉକ୍ତ ଡାକ୍ତରଖାନାର କର୍ମଚାରୀ ତଥା ଡାକ୍ତରମାନେ ନିଜର ଶିଷୁର ମୃତ୍ୟୁର ମ୍ରୀୟମାଣ ପରିବାର ବର୍ଷକୁ ୧୬ ଲକ୍ଷ ଟଙ୍କାର ଏକ ବିଲ୍ ଧରାଇ ବିଲ୍ ଭରଣା ପରେ ଶବକୁ ଛାଡ଼ିବା ପାଇଁ କହିଥିଲେ ଯେତେବେଳେ ଏହି କଥା ସୋସିଆଲ ମିଡିଆ ଓ ଗଣମାଧ୍ୟମରେ ପ୍ରଚାରିତ ହେଲା ସେତେବେଳେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କର ଜ୍ଞାନ ଉଦୟ ହେଲା । ତୃତୀୟ ଘଟଣା ହେଉଛି ନୋଏଡାସ୍ଥିତ ଏକ ଦାମୀ ହସ୍ପିଟାଲରେ ଜଣେ ପତ୍ନୀହରା ବ୍ୟକ୍ତିଙ୍କର ଅଭିଯୋଗ ଥିଲା ତାଙ୍କର ପତ୍ନୀଙ୍କର ୩ ଦିନ ପୂର୍ବରୁ ମୃତ୍ୟୁ ହୋଇଥିଲେ ମଧ୍ୟ ଡାକ୍ତରଖାନା ପ୍ରଶାସନ ଉକ୍ତ ମୃତ୍ୟୁ ରୋଗୀଙ୍କୁ ଭେଂଟିଲେଟରରେ ରଖି ଚିକିତ୍ସା ଆଳରେ ଲକ୍ଷାଧିକ ଟଙ୍କାର ବିଲ୍ ପ୍ରସ୍ତୁତ କରିଥିଲେ । ଉକ୍ତ ବିଷୟ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଦୃଷ୍ଟିଗୋଚରକୁ ଆସିଛିକି ନାହିଁ ତାହା ବର୍ତମାନ ପ୍ରଶ୍ନବାଚୀ ?

ଉପରୋକ୍ତ ତିନୋଟି ସମ୍ବେଦନଶୀଳ ଘଟଣା ସରକାରଙ୍କୁ କାଠଗଡ଼ାରେ ଠିଆ କରିବା ସହ ସରକାରଙ୍କ ସ୍ୱାସ୍ଥ୍ୟ ସେବା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ବର୍ତ୍ତମାନ ପ୍ରଶ୍ନଉଠୁଛି ଯଦି ନିଜ ପରିବାରର କୌଣସି ବ୍ୟକ୍ତି ବା ଶିଷୁ ବେମାର ହୋଇ ସ୍ଥାନୀୟ ବଡ଼ ଡାକ୍ତରଖାନାକୁ ଉତ୍ତମ ସ୍ୱାସ୍ଥ୍ୟ ବ୍ୟବସ୍ଥା ପାଇଁ ଯାଏ ଏବଂ ତାହାର ଏପରି ଦଶାହୁଏ, ତେବେ ଆଜିକାର ରକ୍ତ ପିପାସୁ ଡାକ୍ତର ଥା ସ୍ୱାସ୍ଥ୍ୟାଧିକାରୀ ଏବଂ ଡାକ୍ତରଖାନା ପ୍ରଶାସକଙ୍କ ପ୍ରତି ସରକାରଙ୍କର ଅଭିମୁଖ୍ୟ ଏପର୍ଯ୍ୟନ୍ତ ଅସ୍ପଷ୍ଟ । ଧିରେ ଧିରେ ରୋଗୀ ତଥା ସେମାନଙ୍କ ପରିବାର କିପରି ଡାକ୍ତରମାନଙ୍କର କଥାରେ ବିଶ୍ୱାସ କରିବେ ଓ କାହିଁକି କରିବେ ? ଯେଉଁ ଡାକ୍ତରମାନେ ନିଜର ଦାୟୀତ୍ୱ ବୋଧକୁ ଭୁଲିଯାଇ ଜୀବିତ ରୋଗୀଙ୍କୁ ମୃତ୍ୟୁ ଘୋଷଣା କରିପାରନ୍ତି ମୋର ସୁଧି ପାଠକମାନେ ବିଚାର କରିବେ ଆମର ଦେଶର ସ୍ୱାସ୍ଥ୍ୟ ବ୍ୟବସ୍ଥା କିପରି ଅଧୋଗତି ଆଡ଼କୁ ଯିବା ସହ ଡାକ୍ତରମାନଙ୍କର ଲାପରବାହି କିପରି ଦିନକୁ ଦିନ ବଢ଼ିବାରେ ଲାଗିଛି । ଡାକ୍ତରମାନଙ୍କର ଏପରି ଦାୟୀତ୍ୱ ହୀନତା ଉପଚାରର ବଂଚିବା ପାଇଁ ସୋସିଆଲ ମିଡିଆ ଓ ଗଣମାଧ୍ୟମ ହିଁ ଏକମାତ୍ର ମାଧ୍ୟମ ଯାହାକି ଏଭଳି ଚିକିତ୍ସାଳୟ ଓ ଚିକିତ୍ସକଙ୍କ ମନୋମୁଖୀ କାର୍ଯ୍ୟଧାରାରେ ଅଙ୍କୁଶ ଲଗାଇପାରିବ ।

ଆମ ଦେଶର ନୀତି ଓ ନୈତିକତାୟର ଏପରି ଅଧପତନ କାହିଁକି ? ନିଜର କର୍ତ୍ତବ୍ୟ ବୋଧକୁ ଭଗବାନଙ୍କ ପ୍ରତିରୂପ ଭାବେ ବିବେଚିତ ଡାକ୍ତରମାନେ କିପରି ଭୁଲି ଯାଉଛନ୍ତି । ହତ୍ୟାର ସଂଜ୍ଞା କ'ଣ କେବଳ ଜଣେ ଜଣକୁ ରାଜାରାସ୍ତାରେ ଗୋଳିମାରିଲେ ହୁଏ ? ଜଣେ ଡାକ୍ତର ନିଜର ଚିକିତ୍ସା ଯୋଗ୍ୟତା ପାଇବା ପାଇଁ ତାକୁ ୧୦ ବର୍ଷର ପାଠପଢ଼ା ତଥା ହାଉସ ସର୍ଜନ ଭାବେ ନିଜର କର୍ତ୍ତବ୍ୟ କଲାପରେ ନିଜର ଏତିକି ଜ୍ଞାନ ତ ରହିବା ଦରକାର କେଉଁ ରୋଗୀ ମୃତ ଓ କିଏ ଜୀବିତ ? ମୋଦି ସରକାରଙ୍କର ତତ୍କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନ ଏମ୍‌ସରେ ଏକ ସମାରୋହରେ ଡାକ୍ତରମାନଙ୍କୁ ସମ୍ବୋର୍ଦ୍ଧିତ କରି ନିଜର ବକ୍ତବ୍ୟରେ ୨୦୧୪ଜୁଲାଇରେ କହିଥିଲେ ଜଣେ ଡାକ୍ତର ହେବା ପାଇଁ ସରକାର ଜନସାଧାରଣଙ୍କର ଟ୍ୟାକ୍ସରୁ ୮ ରୁ ୧୦ କୋଟି ଟଙ୍କା ଖର୍ଚ୍ଚ କରିଥାନ୍ତି । ମାତ୍ର ସେଇ ଡାକ୍ତରମାନଙ୍କୁ ମଧ୍ୟରୁ କେତେ ଡାକ୍ତର କିପରି ନିଜର ନୈତିକିତା ମାନବବାଦ ସେବାକୁ ଭୁଲିଯାଇ ନିଜର ବିଲ୍ ବଢ଼ାଇବା ପାଇଁ ମୃତବ୍ୟକ୍ତିଙ୍କୁ ଭେଂଟିଲେଟରରେ ରଖି ଜୀବିତ ଦେଖାଇ ରୋଗୀତଥା ସେମାନଙ୍କ ପରିବାର ଠାରୁ ମୋଟା ଆକାରରେ ଅର୍ଥ ହଡ଼ପ କରିବା ସହ ସେମାନଙ୍କ ରକ୍ତ ଶୋଷଣ କରିବା ପାଇଁ ତିଳାର୍ଦ୍ଧେ ଭ୍ରୁକ୍ଷେପ କରିନଥାନ୍ତି । ଏହା କ'ଣ ଏକ ଜଣାଶୁଣା ଅପରାଧ ଭାବେ ବିବେଚିତ ନୁହେଁ କି ? ଜଣେ ବଦମାସ ଯଦି ଜଣକୁ ହତ୍ୟାକରେ ତାକୁ ସଙ୍ଗେ ସଙ୍ଗେ ଧରିନେଇ ତା'ପ୍ରତି କାରବାହୀ ହୁଏ ସେପରି ସ୍ଥଳେ ଏପରି ପଢ଼ା ଲେଖା ଘଂଟାପିନ୍ଧା ବାବୁମାନଙ୍କ ପ୍ରତି ଶକ୍ତ କାର୍ଯ୍ୟପନ୍ଥା ନେବା ବଦଳରେ ପ୍ରଶାସନ ଏକ କମିଟି ଗଠନକରି ତଦାରଖ କରିବା ଆଳରେ ଏପରି ଘୃଣ୍ୟ କାର୍ଯ୍ୟକୁ ପ୍ରୋତ୍ସାହନ ଦେଉଛନ୍ତି । ପେଟେଂଟ୍ ଔଷଧ ବଦଳରେ ଜେନେରିକ୍ ଔଷଧ ଲେଖିବା ପାଇଁ ସରକାରୀ ନିର୍ଦ୍ଦେଶ ଥିଲେ ମଧ୍ୟ କୌଣସି ଡାକ୍ତର ଏହାକୁ ଖାତିର କରୁନାହାନ୍ତି ଯାହାକି ଏହା ସରକାରଙ୍କର ସ୍ୱାସ୍ଥ୍ୟ ପ୍ରଶାସନ ଓ ବ୍ୟବସ୍ଥା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି ? ଘରୋଇ ଚିକିତ୍ସା ପେଟେଂଟ୍ ଔଷଧ ଲେଖି ମୋଟା ଆକାରର ଅର୍ଥ ଓ କମିଶନ ନେଇ ଡାକ୍ତରମାନେ ମାଲେମାଲ୍ ହେବାସହ ସ୍ୱାସ୍ଥ୍ୟ ବିଭାଗ, ବିଭାଗୀୟ ମନ୍ତ୍ରୀ ପ୍ରଶାସନକୁ ବର୍ଷକୁ ବର୍ଷ କୋଟା ପ୍ରଦାନ କରି ପ୍ରଶାସନ ମୁହଁକୁ ବନ୍ଦ ରଖିବାରେ ସକ୍ଷମ ହୋଇପାରିଛନ୍ତି । ପଂଚ ତାରକା ହୋଟେଲରେ ମେଡିକାଲ ସେମିନାରରେ ଅନୁଷ୍ଠିତ ହେଉଥିବା ବିଭିନ୍ନ ଔଷଧ କମ୍ପାନୀର ମୋଟା ଅର୍ଥ ବିନିମୟରେ କିପରି ଭାବେ ଡାକ୍ତରମାନଙ୍କ ଚିକିତ୍ସା ଜ୍ଞାନକୁ ବଢ଼ାଇବ ସେ ବିଷୟରେ ସରକାର, ସ୍ୱାସ୍ଥ୍ୟ ବିଭାଗ, ବିଭାଗୀୟ ମନ୍ତ୍ରୀ ଥରେ ହେଲେ ବିଚାର କରିଛନ୍ତି ନା ସ୍ୱାସ୍ଥ୍ୟ ବିଭାଗ ତଥା ବିଭାଗୀୟ ମନ୍ତ୍ରୀ ଓ ଅଧିକାରୀ ମୋଟା ଅଙ୍କର ଉତ୍କୋଚ ନେଇ ଏପରି ଅନୈତିକ କାର୍ଯ୍ୟକୁ ଦିବାଲୋକରେ ହେବା ପାଇଁ ପ୍ରୋତ୍ସାହନ କରିଛନ୍ତି ? ଏକ ପରିସଂଖ୍ୟାନରୁ ଜଣା ପଡ଼ିଛି ବିହାର ସରକାର ଗୋଟିଏ ରୋଗୀର ସ୍ୱାସ୍ଥ୍ୟ ସେବାରେ ମାତ୍ର ୩୩୮ ଟଙ୍କା ଖର୍ଚ୍ଚ କରୁଥିବା ବେଳେ, ହିମାଚଳ ପ୍ରଦେଶ, ଉତରାଖଣ୍ଡ ବା କେରଳରେ ଜନ୍ମିତ ବ୍ୟକ୍ତି ଏହାର ୬ଗୁଣା ୫ ଗୁଣା ଓ ୪ଗୁଣା ଖର୍ଚ୍ଚ କରିଥାନ୍ତି । ଏହାର କାରଣ କେବଳ ସରକାରଙ୍କର ସ୍ୱାସ୍ଥ୍ୟ ବିଭାଗର ଅପାରଗତା ଓ ସ୍ୱାସ୍ଥ୍ୟସେବାର ମନୋମୁଖୀ କାର୍ଯ୍ୟଧାରା ଯୋଗୁ ରୋଗୀମାନଙ୍କୁ ନିଜର ଘରଦ୍ୱାର, ସୁନାଗହଣା ଇତ୍ୟାଦି ବିକ୍ରୟ କରି ସୁଦ୍ଧା ନିରାଶ ହେବାକୁ ପଡୁଛି । ଗୁଜରାଟ ଓ ମହାରାଷ୍ଟ୍ରରେ ପ୍ରତ୍ୟେକ ବ୍ୟକ୍ତି ସ୍ୱାସ୍ଥ୍ୟ ସେବାକ୍ଷେତ୍ରରେ ସରକାର ୧୦୪୦ ଓ ୭୬୩ ଟଙ୍କା ଖର୍ଚ୍ଚ କରିଥାନ୍ତି । ମାତ୍ର ଓଡ଼ିଶାରେ ସ୍ୱାସ୍ଥ୍ୟ ପ୍ରତି ସରକାର ରୋଗୀସେବା ପ୍ରତି ଖର୍ଚ୍ଚ ସେଭଳି ଆଖି ଦୃଶିଆ ନୁହଁ । ବର୍ତ୍ତମାନ ମଧ୍ୟ ଅନେକ ଚିକିତ୍ସାଳୟରେ ଡାକ୍ତରମାନଙ୍କର ଅଭାବ ଓ ଉପସ୍ଥିତ ଡାକ୍ତରଙ୍କର ନର୍ସିଂହୋମ ପ୍ରୀତିଯୋଗୁ ରୋଗୀ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛି ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସଦ୍ୟ ରିପୋର୍ଟ ଅନୁଯାୟୀ ଭାରତ ମେଲେରିଆ ଉପରେ ନିୟନ୍ତ୍ରିତ କରିବାରେ ସକ୍ଷମ ହୋଇ ପାରିନାହିଁ । ୭୦ ବର୍ଷ ସ୍ୱାଧୀନତା ପରେ ମଧ୍ୟ ମାତ୍ର ୮ ପ୍ରତିଶତ ମେଲେରିଆ ରୋଗ ଉପରେ ନିୟନ୍ତ୍ରଣ ହୋଇପାରିଛି । ଏଇ ବିଷୟରେ ଭାରତ ନାଇଜେରିଆର ସମକକ୍ଷ ହୋଇପାରିଛି । ଶିଶୁ ମୃତ୍ୟୁ, ମାତୃ ମୃତ୍ୟୁ ହାର ଏବଂ ଜନ୍ମ ସମୟରେ ଶିଶୁର ଓଜନ ତଥା କୁପୋଷଣ ଇତ୍ୟାଦି ରୋକିବା କ୍ଷେତ୍ରରେ ଆଜି ମଧ୍ୟ ଭାରତ ଅନେକ ପଛରେ ଅଛି । ଏହାର କାରଣ ଆମେ ଆମର ଘରୋଇ ଉତ୍ପାଦନର ମାତ୍ର ୧ ପ୍ରତିଶତ ସ୍ୱାସ୍ଥ୍ୟ କ୍ଷେତ୍ରରେ ଖର୍ଚ୍ଚ କରୁଥିବା ବେଳେ ଚୀନ ଓ ଅନ୍ୟ କେତେକ ଛୋଟ ଛୋଟ ଦେଶ ୪ ପ୍ରତିଶତ ଖର୍ଚ୍ଚ କରିଥାନ୍ତି । ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ନୀୟମ ଉପସ୍ଥାପନ କରିବା ସମୟରେ ଜି.ଡି.ପିର ୨.୫ ପ୍ରତିଶତ ଆଣିବା ପାଇଁ ସଙ୍କଳ୍ପ କରିଛନ୍ତି । ମାତ୍ର ଉପସ୍ଥାପିତ ବଜେଟରେ ଏହା ପରିଲକ୍ଷିତ ହୋଇନାହିଁ । ବର୍ତ୍ତମାନ ସରକାରୀ ଡାକ୍ତର ଖାନାରେ ଔଷଧ, ଡାକ୍ତରର ମରୁଡ଼ି ପଡ଼ିଥିବା ବେଳେ ଉପସ୍ଥିତ ଡାକ୍ତରମାନଙ୍କର ଅନୈତିକତା, ସ୍ୱେଚ୍ଛାଚାରିତା ଓ ଦାୟିତ୍ୱହୀନତା ଯୋଗୁଁ ଏପରି କୁପରିଣାମ ଦେଖିବାକୁ ମିଳୁଛି, ତେବେ ଜଣେ ଗରୀବ କ'ଣ ଏହାକୁ ଆଇନ କରି ଦୃଢ଼ ରୋକିବା ସରକାରଙ୍କର କର୍ତ୍ତବ୍ୟ ନୁହେଁ କି ? ସରକାର ଜାଣିଶୁଣି ଆଉ ଏହା କରୁନାହାନ୍ତି ?

*ବରିଷ୍ଠ ସାମ୍ବାଦିକ,*
*ଭଗତ ଲେନ୍, ମେନ୍ ରୋଡ୍, ଖୋର୍ଦ୍ଧା*
*ମୋ: ୮୮୯୫୫୪୭୪୯୦*

# ପଲ୍ଲୀ ପଲ୍ଲବିତ ପର୍ଯ୍ୟବେକ୍ଷକ ପଲ୍ଲୀ କବି ନନ୍ଦକିଶୋର ବଳ

## ୧୪୨ ତମ ଜୟନ୍ତୀ ଉପଲେକ୍ଷ୍ୟ

**ଆଦିତ୍ୟ ଚନ୍ଦ୍ର ଦାସ**

ଯାହା କଳି ହୁଏ ନାହିଁ ତାହା ଅକଳନୀୟ । ଆଜକୁ ୧୪୨ ବର୍ଷ ତଳେ ମାନେ ୧୮୭୫ ମସିହା ଡିସେମ୍ବର ମାସ ୨୨ତାରିଖ ବୁଧବାର ଦିନ କଟକ ଜିଲ୍ଲାର କୁସୁପୁର ଗ୍ରାମରେ ଜନ୍ମ ହୋଇଥିବା ପିଲାଟି ଯେ ଦିନେ ଓଡିଶା ଭଳି ପଲ୍ଲୀମୟ ରାଜ୍ୟର ନାମକୁ ବିଶ୍ୱ ସାହିତ୍ୟ ଦରବାରରେ ପହଞ୍ଚାଇବ ତାହା ସେହି ସମୟରେ କେହି କଳନା କରିନଥିବେ ! ମାତ୍ର ତାହା ହିଁ ହୋଇଥିଲା । ସେହି ଅକଳନୀୟ ବ୍ୟକ୍ତିତ୍ୱ ହେଉଛନ୍ତି ପଲ୍ଲୀକବି ନନ୍ଦକିଶୋର ବଳ ।

ସନ୍ଥକବି କବୀର ଦାସଙ୍କ ଏକ ହିନ୍ଦୀ ଦୋହାର ଓଡିଆ ଅନୁବାଦ ପଲ୍ଲୀକବି ନନ୍ଦକିଶୋର ବଳଙ୍କ ଭଳି କିଛି ସାରସ୍ୱତ ଯଶସ୍ୱୀମାନଙ୍କ ପାଇଁ ପ୍ରଯୁଜ୍ୟ – "ଜନମିଲା ବେଳେ କାନ୍ଦିଥାଏ ଶିଶୁ ଜଗତ ହସେ ବହୁତ / ସୁକରମ କରି ହସିହସି ଯାଅ ଶୋକେ କାନ୍ଦିବ ଜଗତ ।'' ପଲ୍ଲୀକବିଙ୍କ ଜୀବନ ଆଲୋଚନା କଲେ ତ ଏହା ଏକ ପୁଞ୍ଜି ଓ ପାଞ୍ଜି ହେବ ସାହିତ୍ୟ ପିପାସୁ ଓ ସାହିତ୍ୟ ରସାଗ୍ରହୀମାନଙ୍କ ପାଇଁ । ପଲ୍ଲୀ ଜୀବନ ଉପରେ ଇଂରାଜୀରେ ପ୍ରବନ୍ଧ ଲେଖିବା ପାଇଁ ମିଳିଥିଲା ତାଙ୍କୁ ପଦକ ଓ ଓଡିଆରେ କବିତା ଲେଖିବା ପାଇଁ ମିଳିଥିଲା ଅନେକ ପ୍ରେରଣା, ପୁରସ୍କାର, ସାହାଯ୍ୟ, ସହାନୁଭୂତି ଓ ବିଶେଷ କରି ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଦେଖିବାର, ବୁଝେଇବାର ଅଦମ୍ୟ ଉତ୍ସାହ । ପଲ୍ଲୀ ପ୍ରକୃତିର ବୈଚିତ୍ର୍ୟମୟ ସୌନ୍ଦର୍ଯ୍ୟକୁ ଅକୁଣ୍ଠଚିତ୍ତରେ ଅକୁତୋଭୟ ଭାବେ ପରିପ୍ରକାଶ କରି ସେ ଜନମାନସକୁ କିଣି ନେଇଥିଲେ । ପଲ୍ଲୀଚିତ୍ରକୁ ଆପଣାର ଭାବରେ ଭାବାୟିତ କରି ହୃଦୟସ୍ପର୍ଶୀ କରାଇବାରେ ସେ ମହାନ, ଅଗ୍ରଗଣ୍ୟ ଏବଂ ଚିରନମସ୍ୟ ।

ଏବେ ନିର୍ଦ୍ଦିଷ୍ଟ ବିଭାଗର କିଛି କିଛି ଅଧ୍ୟାପକଙ୍କୁ ମହିମା ସୁଧାସ୍ୱାଦି ସ୍ୱଭାବ କବି ରଙ୍ଗାଜୀବ ଗଙ୍ଗାଧର ମେହେରଙ୍କ ବିଷୟରେ ସଂକ୍ଷିପ୍ତରେ କହିବାକୁ କହିଲେ (ବେଶି ଜାଣିଛନ୍ତି ତ !) ହତବଡେଇ ଯିବା, ବକ୍ସି ଜଗବନ୍ଧୁଙ୍କ ପୁରାନାମ ପଚାରିଲେ, ରାଗରେ ଇଆଡୁ ସିଆଡୁ କହିବା ଆମ ସାହିତ୍ୟ ଓ ଇତିହାସର ମନନଧର୍ମୀ ଆଲେଖ୍ୟ ହୋଇଗଲାଣି । ପଲ୍ଲୀତୋଟା, ଗ୍ରାମୀଣ ସୁଖ ଦୁଃଖର ଜୀବନ ଯାପନ ପ୍ରଣାଳୀ ଯେଉଁ ଉତ୍କଳରେ ସଦାସର୍ବଦା ନିତ୍ୟ ଅଭିନୀତ ହେଉଛି, ହେଉଥିଲା, ଆଗକୁ ହେବକି ନାହିଁ ଜନସଂଖ୍ୟା ବିସ୍ଫୋରଣ ଯୋଗୁଁ ତାକୁ ପ୍ରକାଶ କରିବାର ଯେଉଁମାନେ ପୁରୋଧା ଥିଲେ ସେମାନଙ୍କ ମଧ୍ୟରେ ପଲ୍ଲୀକବି ନନ୍ଦକିଶୋର ବଳ ଅନ୍ୟତମ । ମନେପଡୁଛି ବରିଷ୍ଠ କବି ପଦ୍ମଶ୍ରୀ ରାଧାମୋହନ ଗଡନାୟକଙ୍କ ଦ୍ୱାରା କବିଙ୍କୁ ସମ୍ବୋଧିତ କରି ଲେଖାଯାଇଥିବା କବିତା, 'ତୁମକୁ ଆଜି ମୁଁ ସ୍ୱାଗତ କରେ'ର କେତେଗୋଟି ସ୍ମରଣୀୟ ଧାଡି – "ଦେଖିନିଅ ତୁମେ ଆମର ଏ ଦେଶ / ସହର ପଲ୍ଲୀ, ଆମ ପରିବେଶ/ସୂକ୍ଷ୍ମ ଆମର ମଣିଷ ସମାଜ/ କେଉଁପରି ଥିଲା କି ହୋଇଛି ଆଜ !/ ବିସ୍ମିତ ହୁଅ, ସସ୍ମିତ ହୁଅ/ ଚଉଦିଗେ ଏଠି ଟିକିଏ ଚାହଁ ।''

ପ୍ରକୃତିର ପ୍ରାକୃତିକ ସୌନ୍ଦର୍ଯ୍ୟର ଉପାଦାନକୁ କଳ୍ପନା ଚକ୍ଷୁରେ ଚିହ୍ନିତ ଓ ଚିତ୍ରିତ କରିବାର ବୈଶିଷ୍ଟ୍ୟ ଯେ କେହି ସାହିତ୍ୟିକ ତାଙ୍କଠାରୁ ଶିଖିବେ । ଦେଖୁଥିବା ବସ୍ତୁରେ ସାଧାରଣ ଅନୁଭୂତିର ପରିକଳ୍ପନା କୁ କଳ୍ପନାୟିତ କରାଇ ପଲ୍ଲୀଚିତ୍ର ଲେଖାମାଧ୍ୟମରେ ଆଙ୍କିବାରେ ସେଥିଲେ ବିଚିତ୍ର ବିଦ୍ଧାଣୀ । ଆଜିକାଲି କବିତା ଛତ୍ରେ ଛତ୍ରେ ମାତ୍ର ପଲ୍ଲୀ ପ୍ରାଣଠାରୁ ବହୁ ଦୂରରେ । ଆଜିର କବିଙ୍କ କବିତାର ପ୍ରାଣକେନ୍ଦ୍ର ଯିଏ ବି ହେଉନା କାହିଁକି କବିତାର ସୋପାନ କିନ୍ତୁ, ଶେଷ ପର୍ଯ୍ୟନ୍ତ ସ୍ୱୟଂସମ୍ପୂର୍ଣ୍ଣ ଓ ପ୍ରାଣକୈନ୍ଦ୍ରିକ ନୁହେଁ । ଉତ୍କଳର ଅଖ୍ୟାତ ପଲ୍ଲୀକ୍ରୋଡରେ ଥିବା ଅଗଣିତ ଅଶିକ୍ଷିତ, ସରଳ ନିଷ୍କପଟ ଜନତାର ବୁକୁରେ କି କବିତା ଲତା ଓ କି ପ୍ରକୃତି ପ୍ରେମ ସୁଧା ଓ ମଧୁରତା ଅଛି ତାହା ପଲ୍ଲୀ କବିଙ୍କଠାରୁ କେହି ଅଧିକ ବୁଝିନଥିଲେ ଏହା ନିଃସନ୍ଦେହ । ସେ ଖାଲି ଜଣେ ପଲ୍ଲୀ ପଲ୍ଲବିତ ପର୍ଯ୍ୟବେକ୍ଷକ ନ ଥିଲେ ବରଂ ଥିଲେ ପଲ୍ଲୀ ପ୍ରକୃତିର ପୁରୋଧା ଯିଏ ପଲ୍ଲୀ ଜୀବନକୁ ପରିସ୍ଫୁଟ କରିବାରେ ଏକ୍‌ବାର ଜଣେ ନିରବଚ୍ଛିନ୍ନ ପରିଶୀଳନ ।

ସେଦିନର ଆଉ ବର୍ତ୍ତମାନର କବି ଓ କବିତା ସଂମ୍ପୂର୍ଣ୍ଣ ଭିନ୍ନ ଏକ ପୃଥିବୀର ଅଭିନ୍ନ ଅତଏବ । ପଲ୍ଲୀକବିଙ୍କର ଆଉ ଅନ୍ୟକବିମାନଙ୍କ ପ୍ରତି ଥିବା ସମବେଦନାର ଭାଷା ନିମ୍ନ କବିତା ଧାଡିରେ ସ୍ପଷ୍ଟ – "ଆହେ ଭ୍ରାତଃ, ତୁମ୍ଭଙ୍କୁ ମୁଁ କେବେ ଦେଖିନାହିଁ/ ତମ କଥା ମନେ ମୋର ପଡଇ କିମ୍ପାଇଁ ?/ ଶୁଣିଅଛି ଅଟ ତୁମେ ସୁଶୀଳ ବିନୀତ/ତେଣୁ ତୁମ୍ଭ ନାମେ ଆଜି ଭଣିଲି ଏ ଗୀତ/ଭିକ୍ଷୁକ ସଙ୍ଗତେ ନୃପ ମୁକୁଟ ମଣ୍ଡିତ / କାଳବଳେ ହେବେ ସର୍ବେ ଭବୁ ଅନ୍ତର୍ହିତ / କିନ୍ତୁ ତୁମ୍ଭେ ଦୀନକବି ରହିବ ଜୀବିତ / ଯେତେ ଦିନ ଥିବ ଭବେ ଓଡିଆ ସାହିତ୍ୟ/ ଯେତେ ଛପାଇଲେ କି ଲୁଚଇ ଅଗ୍ନିସତ୍ୟ/ଲୁଚିଲେ କି ଚମ୍ପୁକବି ବଳଦେବ ରଥ / ।''

ଆଜିକାଲି ଜନ୍ମଦିବସରେ ତୋରଣ ଗୁଡାକୁ ଫୁଲରେ ସଜାଯାଉଛି, ସଭା ଆୟୋଜନ ହେଉଛି, ଭୋଜି ଖିଆଯାଉଛି, ପୁରସ୍କାର ବିତରଣ ଚାଲିଛି, ସୁନ୍ଦର ସୁନ୍ଦର ପଦ୍ୟ ଧାଡି ଘୋଷା ଯାଇ ସହରୀ, ଗାଉଁଲି ବକ୍ତା, ବକ୍ତିଆଣୀମାନଙ୍କ ଦ୍ୱାରା ଆବୃତ୍ତି କରାଯାଉଛି ମାତ୍ର ସେହି ସୁନ୍ଦର ପଦ୍ୟ ଧାଡିମାନଙ୍କୁ କାର୍ଯ୍ୟରେ ଲଗାଇବାର ସୁମଣିଷଟିଏ ଖୋଜିଲେ ମିଳୁନାହାନ୍ତି । ଆଚରଣ ଓ ଉଚ୍ଚାରଣ ଭିନ୍ନ ହୋଇଯାଉଛି । ଶର୍ମିଷ୍ଠା କାବ୍ୟରେ କ୍ଷମା ଉପରେ ଲେଖାଯାଇଥିବା ଧାଡି ଗୁଡିକ ଜଣେଇ ଦିଏ ଯେ ଦୟା ଓ କ୍ଷମା ଉପରେ କବିଙ୍କର ଚିନ୍ତନଶକ୍ତି କେତେ ଅମାପ ।

ସ୍ୱଳ୍ପାୟୁ (୫୩ବର୍ଷ) ପଲ୍ଲୀ କବି ଥିଲେ ପଲ୍ଲୀଚିତ୍ର ପ୍ରସ୍ତାବନାର ନାନ୍ଦୀମୁଖ, ଓଡିଆ ସାହିତ୍ୟରେ ଅଗ୍ରଗାମୀ ଚିନ୍ତକ, ଓଡିଆ ଜାତୀୟତାର ମହାନ୍ ଉପାସକ ଏବଂ ପଲ୍ଲୀପ୍ରାଣ ସଚେତକ । ଆଜି ଓଡିଆ ସାହିତ୍ୟାକାଶରେ ସାରସ୍ୱତ ସାଧକଙ୍କ ତାଲିକା ଲମ୍ବା ମାତ୍ର ତାଠାରୁ ଅଧିକ ଲମ୍ବା ହେଉଛି ସେମାନଙ୍କର ପଲ୍ଲୀପ୍ରାଣଠାରୁ ଦୂରତ୍ୱ । ଆମ ଓଡିଆ ଭାଷା, ପଲ୍ଲୀଚିତ୍ର, ପଲ୍ଲୀ ସୌନ୍ଦର୍ଯ୍ୟ ପଲ୍ଲୀପ୍ରକୃତି କିପରି ଅତୁଟ ରହିବ ସେ ବିଷୟରେ ସ୍ଥିରୀକୃତ ନିଷ୍ପତି ନେବାର ବେଳ ଉପନୀତ । ଏହି ବିଷୟକୁ ଧ୍ୟାନ ଦେଇ ସାରସ୍ୱତ ସାଧକମାନେ ଲେଖନୀ ଚାଳନା କରନ୍ତୁ ଓ ଏହା ହିଁ ସମସ୍ତଙ୍କର କାମ୍ୟ ହେଉ ଆଜିର ଏହି ପଲ୍ଲୀକବି ନନ୍ଦ କିଶୋରେ ବଳଙ୍କ ଜନ୍ମ ଦିବସ ପାଳନ ଅବସରରେ ।

**କ୍ଷେତ୍ରପାଳ,କଂଟିଗଡିଆ, ଯାଜପୁର**
**ଭ୍ରମ୍ୟଭାଷ-୯୪୩୯୩୬୮୩୫୯**

# ସାଇବର ଦୁର୍ବଳତାର ସ୍ୱାସ୍ଥ୍ୟଗତ ସମସ୍ୟା

**ଡାକ୍ତର ସମ୍ରାଟ କର**

ଦିଲ୍ଲୀରେ ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସରେ ସାଇବର ଦୁର୍ବଳତାଜନିତ ସ୍ୱାସ୍ଥ୍ୟଗତ ସମସ୍ୟାର ଚିକିତ୍ସା ଲାଗି ଏକ ଓପିଡ଼ି ଆଉଟଡୋର ରୋଗୀଙ୍କ ସକାଶେ ଖୋଲାଯାଇଛି । ଏଥିରୁ ସୂଚୀତ ହୋଇଛି ଯେ ଦେଶରେ କମ୍ପ୍ୟୁଟର ଓ ମୋବାଇଲ ଫୋନ ଆଦି ବ୍ୟବହାର ପ୍ରତି ଅତ୍ୟଧିକ ଆକର୍ଷଣ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜା ଯାଉଥିବାବେଳେ ଏହା ଏକ ସାମାଜିକ ବ୍ୟାଧିର ରୂପ ନେଉଛି । ଏଥିରୁ ମଧ୍ୟ ଜଣାପଡୁଛି ଆଗାମୀ ଦିନରେ ଦେଶର ବିଭିନ୍ନ ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ବିଶେଷ ଭାବରେ ରାଜ୍ୟ ସ୍ତରରେ ଡ୍ରଗ୍ ସେବନ ସମସ୍ୟା ପରି ସାଇବର ଆକର୍ଷଣର ଶାରୀରିକ ଓ ମାନସିକ କୁପ୍ରଭାବ ନେଇ ଚିକିତ୍ସା ବ୍ୟବସ୍ଥା ଖୋଲିବାକୁ ପଡ଼ିବ । ଏହି ସମସ୍ୟା ଯୁବଶ୍ରେଣୀ ଓ ଆଗାମୀ ପୀଢ଼ି ପାଇଁ ବେଶୀ ଅଧିକ ବିପଜ୍ଜନକ । କାରଣ ଦେଶରେ ବାଳକ ବାଳିକାମାନେ ମଧ୍ୟ ଉପରୋକ୍ତ ଗାଜେଟ୍ ଗୁଡ଼ିକରେ ଅତ୍ୟଧିକ ନିର୍ଭରଶୀଳ ହେଲେଣି ।

କମ୍ପ୍ୟୁଟର, ମୋବାଇଲ ଫୋନ ବ୍ୟବହାର ବୃଦ୍ଧି ତଥା ଇଣ୍ଟରନେଟର ଅତ୍ୟଧିକ ଉପଯୋଗ ନେଇ ଡାକ୍ତର ଓ ମାନସିକରୋଗ ବିଶେଷଜ୍ଞମାନେ ଚିନ୍ତା ପ୍ରକଟ କରିଛନ୍ତି । ସେମାନଙ୍କର ମତ ହେଲା କୌଣସି ସମସ୍ୟା ସୃଷ୍ଟି ହେଲା ପରେ ଚିକିତ୍ସା କରିବା ଅପେକ୍ଷା ଆଗରୁ ନିବାରଣମୂଳକ ପଦକ୍ଷେପ ନିଆଯିବା ଉଚିତ । ଏଥିପାଇଁ ଇଣ୍ଟରନେଟ ବ୍ୟବହାରରେ ନିୟନ୍ତ୍ରଣ ଓ ଶୃଙ୍ଖଳା ଉପରେ ସେମାନେ ଜୋର ଦେଉଛନ୍ତି । ଛୋଟ ପିଲାଙ୍କ ପ୍ରତି ଏ କ୍ଷେତ୍ରରେ ଅଧିକ ସତର୍କତା ଆବଶ୍ୟକ । ଅଭିଭାବକମାନେ ଏଥିପାଇଁ ଦାୟିତ୍ୱବାନ ହେବାକୁ ପରାମର୍ଶ ଦିଆଯାଉଛି । ବିଶେଷଜ୍ଞମାନଙ୍କ ଭାଷାରେ ଉପରୋକ୍ତ ଇଲେକ୍‌ଟ୍ରୋନିକ୍ ଗ୍ୟାଜେଟ୍ ଗୁଡ଼ିକର ଅତ୍ୟଧିକ ବ୍ୟବହାରକୁ ସମସ୍ୟାଯୁକ୍ତ ଇଣ୍ଟରନେଟ ବ୍ୟବହାର ଓ ଅନ୍ୟାନ୍ୟ ନାମ ଦିଆଯାଉଛି । କିନ୍ତୁ ଦିଲ୍ଲୀରେ ଏମ୍ସରେ ମନସ୍ତାତ୍ତ୍ୱିକ ଚିକିତ୍ସାଭିତ୍ତିକ ଓପିଡ଼ି ପ୍ରଥମଥର ପାଇଁ ଖୋଲାଯିବା ଦ୍ୱାରା ସ୍ପଷ୍ଟ ହୋଇଯାଇଛି ଯେ ଭାରତ ଏହାକୁ ଗୁରୁତର ରୂପ ନେଉଥିବା ଚିକିତ୍ସା ସମସ୍ୟା ଭାବେ ଗ୍ରହଣ କରିଛି । ଏବେ ଦୀର୍ଘସମୟ ଧରି ଅନେକ କମ୍ପ୍ୟୁଟର ଓ ମୋବାଇଲ ଫୋନ୍ ବ୍ୟବହାର କରୁଛନ୍ତି । କେତେକ କ୍ଷେତ୍ରରେ ତାହା ଅଭ୍ୟାସଗତ ଓ ଅନ୍ୟ କେତେକ କ୍ଷେତ୍ରରେ ତାହା ବାଧ୍ୟତାମୂଳକ । ସୋସିଆଲ ମିଡ଼ିଆ ସକ୍ରିୟତା ହେଉ, ଗେମ୍ସ ପାଇଁ ହେଉ, ଭିଡ଼ିଓ ଦେଖିବା ଲାଗି ହେଉ ବୌଦ୍ଧିକ ବା ଆମୋଦପ୍ରମୋଦ ଉଦ୍ଦେଶ୍ୟରେ ଏସବୁର ବ୍ୟବହାର ବଢ଼ି ଚାଲିଛି । ମାନସିକରୋଗ ବିଶେଷଜ୍ଞମାନଙ୍କ ମତରେ ଏଥିଯୋଗୁଁ ଶାରୀରିକ ଓ ମାନସିକ ବିକୃତି ପରିଲକ୍ଷିତ ହେଲାଣି । ଯାହାର ନିରାକରଣ ଆବଶ୍ୟକ । ସ୍କୁଲ କଲେଜ ଛାତ୍ରଛାତ୍ରୀଙ୍କ ପାଇଁ ଏହା ନିଶା ସେବନ ପରି ଏକ ଦୁର୍ବଳତା ହୋଇଛି । ବୟସ୍କ ଲୋକେ ମଧ୍ୟ ଏଥିପ୍ରତି ଦିନକୁ ଦିନ ଅଧିକ ଆକର୍ଷିତ ହେଉଛନ୍ତି । ପରିଣତି ସ୍ୱରୂପ ଅବସାଦ, ଉତ୍କଣ୍ଠା, ଏକାଡ଼େମୀ ଓ ଦୈନନ୍ଦିନ ଜୀବନର କାମରେ ଅବହେଳା, ଜୀବନରୁ ଦୂରେଇ ଯିବା ଓ ଅନ୍ୟାନ୍ୟ ବିଶୃଙ୍ଖଳା ଏଥିଯୋଗୁଁ ପରିଲକ୍ଷିତ ହେଉଛି । ଏହି ମନସ୍ତତ୍ତ୍ୱବିତ୍ କୁପ୍ରଭାବ ସ୍ୱାସ୍ଥ୍ୟଗତ ବିପଦ ଆଣିବାକୁ ବାଧ୍ୟ । ଶୋଇବାରେ ବ୍ୟାଘାତ, ଖାଇବାରେ ବିଶୃଙ୍ଖଳା, ଚକ୍ଷୁ ସମସ୍ୟା ଓ ବସି ରହିବା ଆଦି କାରଣରୁ ଦେଖାଦେଉଥିବା ସ୍ୱାସ୍ଥ୍ୟ ସମସ୍ୟା ଏଥିସହ ସଂଶ୍ଲିଷ୍ଟ । ବିବାହ, ବିଚ୍ଛେଦ, ଚାକିରି ହରାଇବା, ଋଣ ବୃଦ୍ଧି ଆଦି ସମସ୍ୟା ମଧ୍ୟ ଏହାର କୁଫଳ । ଦେଶରେ ସରକାର ଡିଜିଟାଲ ଯୁଗ ପାଇଁ ଆହ୍ୱାନ ଦେଉଥିବାବେଳେ ତା ପଛରେ ମହତ ଉଦ୍ଦେଶ୍ୟ ରହିଛି ସତ କିନ୍ତୁ ସାଇବର ପୃଥିବୀର ଅନ୍ୟାନ୍ୟ ସମସ୍ୟା ବୋଲି ଗୁରୁତ୍ୱ ଦେବାକୁ ହେବ । ସୋସିଆଲ ମିଡିଆର ଅତ୍ୟଧିକ ବ୍ୟବହାର ପରିବର୍ତ୍ତେ ପୂର୍ବପରି ବ୍ୟକ୍ତିଗତ ଯୋଗାଯୋଗ ଓ ବନ୍ଧୁତ୍ୱ ଅଧିକ ଭଲ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି । ମଣିଷ ମୁହାଁ ମୁହିଁ ଭେଟ ଭାଟ ଓ କଥାବର୍ତ୍ତା ପରିବର୍ତ୍ତେ ଇଲେକ୍‌ଟ୍ରୋନିକ୍ସ ଗ୍ୟାଜେଟ ଜରିଆରେ ପୃଥିବୀ ସହ ସମ୍ପର୍କ ରଖିଲେ ନିଜ ଭିତରେ କେନ୍ଦ୍ରୀଭୂତ ହୋଇଯିବ ଯାହା ବେଶୀ ସମସ୍ୟା ସୃଷ୍ଟି କରିବ । ମଣିଷ ଏକ ସାମାଜିକ ପ୍ରାଣୀ । ତାର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ପାଇଁ ବାସ୍ତବ ପୃଥିବୀ ସହ ତାର ସଂଯୋଗ ରହିବା ଉଚିତ । ଡାକ୍ତରମାନଙ୍କ ମତରେ କମ୍ପ୍ୟୁଟର ଓ ମୋବାଇଲ ଫୋନ ଆଦି ଗ୍ୟାଜେଟ୍ ପ୍ରତି ଦୁର୍ବଳତା ବୃଦ୍ଧି ଆଚରଣଗତ ସମସ୍ୟା ବଢ଼ାଉଛି । କେତେକ କ୍ଷେତ୍ରରେ ଏଥିପାଇଁ ଆକ୍ରାନ୍ତ ବ୍ୟକ୍ତିଙ୍କୁ ହସ୍ପିଟାଲରେ ଭର୍ତ୍ତି କରି ଚିକିତ୍ସା କରିବା ଆବଶ୍ୟକ ହେଉଛି । ଏଣୁ କମ୍ପ୍ୟୁଟର, ମୋବାଇଲ ଫୋନ ଓ ଇଣ୍ଟରନେଟ ବ୍ୟବହାର ଆଦି ଦେଶରେ ଜୀବନକୁ ସମୃଦ୍ଧ କରିବା ପାଇଁ ବ୍ୟବହାର କରାଯିବା ଆବଶ୍ୟକ ଥିଲେ ବି ଏସବୁ ସାମଗ୍ରୀ ଜୀବନଶୈଳୀକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରିବା ଅନୁଚିତ ।

*ମାନସିକରୋଗ ବିଶେଷଜ୍ଞ,*
*ଦି'ବ୍ରେନ୍, ପୁରୀଘାଟ ରୋଡ୍, କଟକ,*
*ଦୂରଭାଷ : ୯୧୩୨୪୩୩୩୩୩*

| MARKETS TODAY | ପୁଞ୍ଜିବଜାର ହାଲଚାଲ |
|---|---|
| SENSEX | 33756.28 -21.1 (-0.06%) |
| NIFTY | 10440.3 -3.9 (-0.04%) |
| ସୁନା 24K (MCX) (Rs/10g.) 28,485 | |
| ଟଙ୍କାର ବିନିମୟ ମୂଲ୍ୟ | |
| 1 Dollar = Rs. 64.07 | |

# ଟୁଜି ରାୟ ପରେ ଉତ୍ସାହିତ କଂଗ୍ରେସ

## ସଂସଦରେ କଂଗ୍ରେସ ସଦସ୍ୟଙ୍କ ହଟ୍ଟଗୋଳ

ନୂଆଦିଲ୍ଲୀ, ୨୧।୧୨(ଏଜେନ୍ସି): ଟୁଜି ସ୍ପେକ୍ଟ୍ରମ ମାମଲାରେ ଦିଲ୍ଲୀର ସ୍ୱତନ୍ତ୍ର ସିବିଆଇ କୋର୍ଟ ସିବିଆଇର ଦୁର୍ବଳ ଯୁକ୍ତି ଓ ତଥ୍ୟ ପ୍ରମାଣ ଅଭାବରୁ ଏହି ମାମଲାରେ ଅଭିଯୁକ୍ତ ଥିବା ୧୯ଜଣ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଦେବା ପରେ ସଂସଦର ଉଭୟ ଗୃହରେ କଂଗ୍ରେସ ସଦସ୍ୟମାନେ ଅଧିକ ଉତ୍ସାହିତ ହୋଇ ହଙ୍ଗାମା କରିଥିବା ଦେଖିବାକୁ ମିଳିଛି । ସୁପ୍ରିମକୋର୍ଟ ୨୦୦୮ ଜାନୁୟାରୀରୁ ଦିଆଯାଇଥିବା ଟୁଜି ସ୍ପେକ୍ଟ୍ରମ ଲାଇସେନ୍ସ ସବୁକୁ ବାତିଲ କରିଦେଇଥିଲେ । ହେଲେ ଏବେ ଦିଲ୍ଲୀର ସ୍ୱତନ୍ତ୍ର ସିବିଆଇ କୋର୍ଟ ଏହି ମାମଲାରେ ସବୁ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ଘୋଷିତ କରିଛନ୍ତି । ସୁପ୍ରିମକୋର୍ଟ ୧୨୨ଟି ଲାଇସେନ୍ସକୁ ବାତିଲ କରିବା ସହିତ ଏକମାସ ମଧ୍ୟରେ ଟ୍ରାଇ ସୁପାରିସ ଅନୁଯାୟୀ ପୁନର୍ଷ ଟୁଜି ସ୍ପେକ୍ଟ୍ରମ ଲାଇସେନ୍ସ ନିଲାମ କରାଇବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ



। ସୁପ୍ରିମକୋର୍ଟଙ୍କ ଏଭଳି ନିର୍ଦ୍ଦେଶ ପରେ ଟେଲିକମ୍ କ୍ଷେତ୍ରରେ ୟୁପିଏକୁ ଶକ୍ତ ଧକ୍କା ଲାଗିଥିଲା । ଏବେ ସିବିଆଇ କୋର୍ଟଙ୍କ ରାୟ ପରେ ପୁଣି କଂଗ୍ରେସ ସକ୍ରିୟତା ପ୍ରକାଶ କରିଛି । ଗୁରୁବାର ଏହାର ସାଂସଦମାନେ ସଂସଦର ଉଭୟ ଗୃହରେ ଏହି ପ୍ରସଙ୍ଗରେ ବିଜେପିକୁ ଆକ୍ଷେପ କରିଥିଲେ । ସଦନରେ କୌଣସି ରାଜନୈତିକ ଦଳଙ୍କ ବିରୋଧରେ ରାଜନୈତିକ ଆକ୍ଷେପ କରିବା ଆଇନ ବିରୁଦ୍ଧ ହୋଇଥିବା ବେଳେ କଂଗ୍ରେସ ସାଂସଦ ମାନେ ଉପା ସରକାରଙ୍କୁ ଅଯଥାରେ ବଦନାମ କରାଯାଇଥିବା ଅଭିଯୋଗ କରି ହଙ୍ଗାମା କରିଥିଲେ । ରାଜ୍ୟ ସଭାରେ କଂଗ୍ରେସ ନେତା ତଥା ବିରୋଧୀ ଦଳ ନେତା ଗୁଲାମ ନବୀ ଆଜାଦ ଏହି ପ୍ରସଙ୍ଗ ଉଠାଇବାରୁ ଏହା ଆଲୋଚନା ପାଇଁ ଉଦ୍ଦିଷ୍ଟ ପ୍ରସଙ୍ଗ ନୁହେଁ ବୋଲି କହିଥିଲେ ଅଧ୍ୟକ୍ଷ ଭେଙ୍କୟା ନାଇଡୁ । ଏହାକୁ ନେଇ କଂଗ୍ରେସ ସଦସ୍ୟମାନେ ସିଧା ବିଜେପି ବିରୋଧରେ ନାରାବାଜୀ କରିବା ଆରମ୍ଭ କରିଥିଲେ । ଗୃହ ଚାଲିବା ସମ୍ଭବ ହୋଇନଥିଲା । ଫଳରେ ପ୍ରଥମେ ଗୃହକୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଓ ପରେ ଶୁକ୍ରବାର ପର୍ଯ୍ୟନ୍ତ ଗ୍ୟହକୁ ମୁଲତବୀ ଘୋଷଣା କରିଥିଲେ ରାଜ୍ୟସଭା ଅଧ୍ୟକ୍ଷ । ଲୋକସଭାରେ ମଧ୍ୟ କଂଗ୍ରେସ ସାଂସଦ ମାନେ ହଙ୍ଗାମା କରିବା ସହ ଗୃହ ଚାଲିଥିବା ସମୟରେ ନାରାବାଜୀ କରୁଥିବା ଦେଖିବାକୁ ମିଳିଥିଲା । ତେବେ ଏହା ସତ୍ତ୍ୱେ ବାଚସ୍ପତି ଗୃହକାର୍ଯ୍ୟ ଚାଲୁ ରଖିଥିଲେ ।

## ଓବିସି ଆୟୋଗଙ୍କ କାର୍ଯ୍ୟକାଳ ବୃଦ୍ଧି

ନୂଆଦିଲ୍ଲୀ , ୨୧/୧୨(ଏଜେନ୍ସି) ଅନ୍ୟାନ୍ୟ ପଛୁଆବର୍ଗ(ଓବିସି)ଙ୍କ ଉପବର୍ଗୀକରଣ ପ୍ରସଙ୍ଗର ଅନୁଧ୍ୟାନ ପାଇଁ ଗଠନ କରାଯାଇଥିବା କମିଶନଙ୍କ କାର୍ଯ୍ୟକାଳ ଆହୁରି ୧୨ ସପ୍ତାହ ବୃଦ୍ଧି କରାଯାଇଛି । କମିଶନ ୨ ଏପ୍ରିଲ ୨୦୧୮ ପର୍ଯ୍ୟନ୍ତ କାର୍ଯ୍ୟ କରିବେ । ଏ ସଂକ୍ରାନ୍ତ ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ ବୈଠକରେ ମଞ୍ଜୁରୀ ମିଳିଛି । କାର୍ଯ୍ୟକାଳ ବଢ଼ାଯିବା ଫଳରେ କମିଶନ ବିଭିନ୍ନ ଅଂଶୀଦାରମାନଙ୍କ ସହ ପରାମର୍ଶ କରି ଓବିସିଙ୍କ ଉପବର୍ଗୀକରଣ ପ୍ରସଙ୍ଗରେ ସରକାରଙ୍କ ନିକଟରେ ଏକ ବିସ୍ତୃତ ରିପୋର୍ଟ ଦାଖଲ କରିପାରିବେ । ସମ୍ବିଧାନର ଧାରା ୩୪୦ ଅନୁଯାୟୀ ଏହି କମିଶନ ଗଠନ କରାଯାଇଛି । ଅକ୍ଟୋବର ୨, ୨୦୧୭ରେ ଭାରତର ରାଷ୍ଟ୍ରପତି ଏହାକୁ ଅନୁମୋଦନ କରିଥିଲେ । ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିବାର ୧୨ ସପ୍ତାହ ମଧ୍ୟରେ କମିଶନ ଏହାର ରିପୋର୍ଟ ଦାଖଲ କରିବେ ବୋଲି ଧାର୍ଯ୍ୟ ହୋଇଥିଲା । ସୂଚନାଯୋଗ୍ୟ ଯେ ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ଜି ରୋହିଣୀଙ୍କ ଅଧ୍ୟକ୍ଷତାରେ ଏହି କମିଶନ ୧୧ ଅକ୍ଟୋବର, ୨୦୧୭ ଠାରୁ କାର୍ଯ୍ୟାରମ୍ଭ କରିଥିଲା । ସେବେଠାରୁ କମିଶନ ଓବିସିଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ଥିବା ବିଭିନ୍ନ ରାଜ୍ୟ/କେନ୍ଦ୍ର ଶାସିତ ଅଂଚଳ ସରକାର ଏବଂ ରାଜ୍ୟ ପଛୁଆ ବର୍ଗ କମିଶନଙ୍କ ସହିତ ଆଲୋଚନା କରିସାରିଛନ୍ତି ।

## କୋହଲୀଙ୍କ ବିବାହ ଭୋଜିରେ ଯୋଗ ଦେଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ ,୨୧/୧୨(ଏଜେନ୍ସି) : ଟିମ ଇଣ୍ଡିଆର ଅଧିନାୟକ ବିରାଟ କୋହଲି ଓ ତାଙ୍କ ପତ୍ନୀ ଅନୁଷ୍କା ଶର୍ମାଙ୍କ ଅନୁରୋଧ କ୍ରମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ନୂଆଦିଲ୍ଲୀର ତାଜ ହୋଟେଲରେ ଅନୁଷ୍ଠିତ ସେମାନଙ୍କ ବିବାହ ଭୋଜିରେ ଯୋଗ ଦେଇଛନ୍ତି । ଏଥି ପୂର୍ବରୁ କୋହଲି ଓ ଅନୁଷ୍କା ପ୍ରଧାନମନ୍ତ୍ରୀଙ୍କ ବାସ ଭବନକୁ ଯାଇ ତାଙ୍କୁ ବ୍ୟକ୍ତିଗତ ଭାବେ ନିମନ୍ତ୍ରଣ କରିଥିଲେ । ଗୁରୁବାର ଅନୁଷ୍ଠିତ ଏହି ଭୋଜିରେ କୋହଲି ଓ ଅନୁଷ୍କାଙ୍କ ପରିବାର ବର୍ଗ ଏବଂ କିଛି ବଛା ବଛା ଲୋକଙ୍କୁ ଆମନ୍ତ୍ରଣ କରାଯାଇଥିଲା । ଆସନ୍ତା ୨୬ରେ ମୁମ୍ବଇରେ ଆଉ ଏକ ଭବ୍ୟ ଭୋଜି ଆୟୋଜିତ ହେବ । ଏଥିରେ କ୍ରିକେଟର ଓ ଚଳଚ୍ଚିତ୍ର ତାରକାମାନଙ୍କୁ ଆମନ୍ତ୍ରଣ କରାଯାଇଛି ।

## ଏନଡିଏ ସରକାରଙ୍କୁ ସିବଲଙ୍କ ସମାଲୋଚନା



ଭାବମୂର୍ତ୍ତି ସୁଧାରିବାକୁ ଯାଇ କଂଗ୍ରେସ ପୂର୍ବତନ ଏନଡିଏ ସରକାରଙ୍କୁ ପାଲଟା ସମାଲୋଚନା କରିଛି । ଏପରିକି ୟୁପିଏ-୧ରେ ଦୂରସଂଚାର ମନ୍ତ୍ରୀ ଥିବା କପିଳ ସିବଲ କହିଛନ୍ତି କୋର୍ଟଙ୍କ ନିର୍ଦ୍ଦେଶକୁ କଂଗ୍ରେସ ସ୍ୱାଗତ କରୁଛି । ଅଦାଲତଙ୍କ ରାୟ ତାଙ୍କ ବକ୍ତବ୍ୟକୁ ପ୍ରତିପାଦିତ କରିଥିବା ସେ କହିଛନ୍ତି । ଏହି ମାମଲାରେ ଶୂନ୍ୟ କ୍ଷତି କଥା ସେ କହିଥିଲେ । ତେଣୁ ତାଙ୍କ କଥା ସତ ହୋଇଥିବା ସେ ଦାବି କରିଛନ୍ତି ।

## ସିବିଆଇ କୋର୍ଟଙ୍କ ରାୟକୁ ନେଇ କଂଗ୍ରେସ ସମ୍ମାନ ପାଇଲା ଭଳି ମନେ କରୁଛି : ଜେଟଲୀ

କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ କହିଛନ୍ତି ଯେ, ସିବିଆଇ କୋର୍ଟଙ୍କ ରାୟକୁ ନେଇ କଂଗ୍ରେସ ସମ୍ମାନ ପାଇଲା ଭଳି ମନେ କରୁଛି । ଉପା ସରକାରଙ୍କ ଲାଇସେନ୍ସ ପ୍ରଦାନ କରିବା ନୀତି ପକ୍ଷପାତିତା ବୋଲି ସୁପ୍ରିମକୋର୍ଟ କହିଥିଲେ । ତେଣୁ ଶୀର୍ଷ କୋର୍ଟ; ସବୁ ଲାଇସେନ୍ସ ରଦ୍ଦ କରିଦେଇଥିଲେ । ଏହି ମାମଲାରେ ଉପା ସରକାର ସମୟରେ ୨ଟି ମାମଲା ରୁଜୁ କରିଥିଲା ସିବିଆଇ ଓ ଇଡି ଗୋଟିଏ ମାମଲା ରୁଜୁ କରିଥିଲେ । ଉପା ସରକାର ସମୟରେ ହିଁ ସିବିଆଇ ଚାର୍ଜସିଟ ଦାଖଲ କରିଥିଲା । ଯେଉଁ ନୀତି ଅନ୍ତର୍ଗତ ସ୍ପେକ୍ଟ୍ରମ ବଣ୍ଟାଯାଇଥିଲା ତାହାକୁ ଅଦାଲତ ଭୁଲ ଦର୍ଶାଇଥିଲେ । ତେବେ ଏହା ୟୁପିଏର ନୀତି ନୁହେଁ, ବରଂ ତତ୍କାଳୀନ ଏନଡିଏ ସରକାରଙ୍କ ନୀତି ଥିଲା ବୋଲି ଧୂରୀଣ ଓକିଲ ସିବଲ ବିତଣ୍ଡା ଯୁକ୍ତି ବାଢ଼ି ଦୋଷ ଖସାଇବାକୁ ଉଦ୍ୟମ କରିଥିବାରୁ ତାହାକୁ ଜେଟଲୀ ନିନ୍ଦା କରିଛନ୍ତି । ଯଦି ବିଜେପି ନେତୃତ୍ୱାଧୀନ ଏନଡିଏ ସରକାର ସମୟରେ ଏଭଳି ନୀତି ହୋଇଥିଲା ଓ ଏହା ଖରାପ ବୋଲି ୟୁପିଏ ବିଚାରିଥିଲା, ତେବେ ତାହାକୁ ପରିବର୍ତ୍ତନ କଲାନି କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି । ଏପରିକି ୨୦୦୧ର ଦରକୁ ୨୦୦୮ରେ କିଭଳି କାର୍ଯ୍ୟକାରୀ କରି ୟୁପିଏ-୧ ସରକାର ଟୁଜି ଲାଇସେନ୍ସ ପ୍ରଦାନ କଲା ବୋଲି ସେ ପ୍ରଶ୍ନ କରିଛନ୍ତି । ଅନ୍ୟପକ୍ଷରେ ତତକାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ଓ ସେ ସମୟରେ ସ୍ୱରାଷ୍ଟ୍ରମନ୍ତ୍ରୀ ଥିବା ଚିଦମ୍ବରମ୍ କହିଛନ୍ତି ଯେ, ଏହି ଘଟଣାରେ ଉପା ସରକାରଙ୍କୁ ବଦନାମ କରିବାକୁ ରୀତିମତ ଯୋଜନା କରାଯାଇଥିଲା । ଏହା ଦୁର୍ଭାଗ୍ୟଜନକ । ଟୁଜି ଦୁର୍ନୀତି ମାମଲାରୁ ସିବିଆଇ କୋର୍ଟ ଦ୍ୱାରା ମୁକ୍ତ ହୋଇଥିବା ଡିଏମକେ ନେତା ଏ ରାଜା ଓ କନିମୋଝୀ କହିଛନ୍ତି ଯେ, ଶେଷରେ ସେମାନଙ୍କୁ ନ୍ୟାୟ ମିଳିଛି ।

## ମାର୍ଚ୍ଚ ପୂର୍ବରୁ ରିଲିଜ ହୋଇପାରିବ ନାହିଁ ପଦ୍ମାବତୀ !

ନୂଆଦିଲ୍ଲୀ/ଜୟପୁର ,୨୧/୧୨(ଏଜେନ୍ସି) : ସଂପ୍ରତି ସଞ୍ଜୟଲୀଳା ଭନସାଲିଙ୍କ ହିନ୍ଦୀ ସିନେମା ପଦ୍ମବତୀକୁ ନେଇ ଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି । ରାଜସ୍ଥାନର ମେୱାର ରାଣୀ ପଦ୍ମବତୀଙ୍କ ସହ ସୁଲତାନ ଆଲ୍ଲାଉଦ୍ଦିନ ଖିଲଜୀଙ୍କ ପ୍ରେମକାହାଣୀକୁ ନେଇ ଏହି ସିନେମା ନିର୍ମିତ ବୋଲି ନିର୍ଦ୍ଦେଶକ କହୁଥିଲାବେଳେ ରାଣୀ ପଦ୍ମବତୀଙ୍କ ପରିବାର, କର୍ଣ୍ଣୀସେନା ସଂଗଠନ ସୁବ୍ରମଣ୍ୟମ୍ ସ୍ୱାମୀ, ମେୱାର ରାଜବଂଶ ଓ ବିଭିନ୍ନ ସଂଗଠନ ଏହାକୁ ବିରୋଧ କରି ଆସୁଛନ୍ତି । ଏହି ଚଳଚ୍ଚିତ୍ରରେ ରାଣୀ ପଦ୍ମାବତୀଙ୍କ ଚରିତ୍ରକୁ ବିକୃତ କରି ଉପସ୍ଥାପିତ କରାଯାଇଥିବାରୁ ଏହାକୁ ନିନ୍ଦା କରାଯାଉଛି । ବିଭିନ୍ନ ମହଲରେ ଏହାକୁ ବିରୋଧ କରାଯାଉଥିବାରୁ ସେନସର ବୋର୍ଡ ଏହାର ଅନୁଧ୍ୟାନ ପାଇଁ ଐତିହାସିକମାନଙ୍କର ଏକ ପ୍ୟାନେଲ ଗଠନ କରି ଚଳଚ୍ଚିତ୍ର ଉପରେ ତର୍ଜମା କରିବାକୁ କହିଛନ୍ତି । କମିଟିଙ୍କ ରିପୋର୍ଟ ଆସିବା ପରେ ଏହି ଚଳଚ୍ଚିତ୍ରକୁ ପ୍ରମାଣନ ପତ୍ର ଦିଆଯିବ ବୋଲି କୁହାଯାଇଛି । ସେନସର ବୋର୍ଡର ଅଧ୍ୟକ୍ଷ ପ୍ରସନ୍ନ ଯୋଶୀ କହିଛନ୍ତି ଯେ, ତରବରିଆ ଭାବେ ଏହା କରାଯାଇପାରିବ ନାହିଁ । ଏହି ଚଳଚ୍ଚିତ୍ରର ଐତିହାସିକ ପ୍ରସଙ୍ଗଗୁଡିକୁ ତର୍ଜମା ପାଇଁ ଅତିକମରେ ୩ ମାସ ସମୟ ଲାଗିବ ବୋଲି କୁହାଯାଇଛି ।

## ଆଜି ଲୋକସଭାରେ ଆଗତ ହେବ ଟ୍ରିପଲ ତଲାକ୍ ବିଲ

### ବିଜେପିର ସବୁ ସାଂସଦଙ୍କୁ ହ୍ୱିପ

ନୂଆଦିଲ୍ଲୀ, ୨୧/୧୨(ଏଜେନ୍ସି) ସଂସଦର ଚଳିତ ଶୀତକାଳୀନ ଅଧିବେଶନରେ ଟ୍ରିପଲ ତଲାକ ସମ୍ପର୍କିତ 'ମୁସଲିମ୍ ମହିଳା ବିବାହ ଅଧିକାର ସୁରକ୍ଷା ବିଲ୍-୨୦୧୭'(Muslim Women (Protection of Rights on Marriage) Bill 2017 )କୁ ଗୃହୀତ କରିବାକୁ ଲକ୍ଷ୍ୟ ରହିଥିବା କେନ୍ଦ୍ର ସରକାର ଏହି ବିଲକୁ ଶୁକ୍ରବାର ଲୋକସଭାରେ ଉପସ୍ଥାପିତ କରିବେ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ଜାରି କରିଥିବା ସଂସଦୀୟ ସୂଚୀରେ ଉଲ୍ଲେଖ କରାଯାଇଛି । ତେଣୁ ସଂସଦରେ ବିଜେପିର ସବୁ ସାଂସଦ ଉପସ୍ଥିତ ରହିବାକୁ ଦଳ ପକ୍ଷରୁ ହ୍ୱିପ ଜାରି କରାଯାଇଛି । ଏହି ବିଲ୍ ଉପରେ ଗତ ଶୁକ୍ରବାର କ୍ୟାବିନେଟ୍‌ର ମୋହର ବାଜିଥିଲା । କେନ୍ଦ୍ର ସୌରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂହ ଏହି ବିଲକୁ ଆଗତ କରିବେ । ପ୍ରସ୍ତାବିତ ବିଲ୍ ମୁତାବକ ଏକକାଳୀନ ଟ୍ରିପଲ୍ ତଲାକ ( ଇନଷ୍ଟାଣ୍ଟ ତଲାକ୍)କୁ ଅପରାଧ ରୂପେ ବିବେଚିତ କରାଯିବ ଓ ଏଥି ପାଇଁ ସମ୍ପୃକ୍ତ ମୁସଲିମ ପୁରୁଷଙ୍କୁ ୩ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ମଧ୍ୟ ମିଳିବ । ଏଭଳି କ୍ଷେତ୍ରରେ ଟ୍ରିପଲ୍ ତଲାକ ( ଇନଷ୍ଟାଣ୍ଟ ତଲାକ୍) ଅସିଦ୍ଧ ହେବ । ଯିଏ ଏଭଳି କାମ କରିବ ତାଙ୍କ ବିରୋଧରେ ମାମଲା ରୁଜୁ ହେବ ଓ ତାଙ୍କୁ ଦଣ୍ଡିତ କରାଯିବ । ଏପରିକି ମୋବାଇଲ୍ କଲ ବା ଏସଏମଏସ, ଇ-ମେଲ , ସୋସିଆଲ ମିଡିଆ ଅଥବା ଚିଠିରେ ଲିଖିତ କିମ୍ବା ମୌଖିକ ଭାବେ ଟ୍ରିପଲ୍ ତଲାକ ଦେଲେ ତାହା ବେଆଇନ୍ ଦର୍ଶାଯିବ ।

## ଛୋଟା ସକିଲ ମରିଯାଇଛି !



ନୂଆଦିଲ୍ଲୀ, ୨୧/୧୨(ଏଜେନ୍ସି): ଦାଉଦ ଇବ୍ରାହିମ ପରେ 'ଡି କମ୍ପାନୀ'ର ନମ୍ବର ଦୁଇ ଭାବେ ବିବେଚିତ ତଥା ଦାଉଦର ସବୁଠାରୁ ବିଶ୍ୱସ୍ତ ସହଯୋଗୀ ଛୋଟା ସକିଲ ଏବେ ଆଉ ଜୀବୀତ ନାହିଁ । ଏଭଳି ରିପୋର୍ଟ ପାକିସ୍ତାନର ଗଣମାଧ୍ୟମରେ ପ୍ରକାଶ ପାଇଛି । ଗତ ଜାନୁଆରୀ ମାସରୁ ସେ ମରିଗଲାଣି ବୋଲି କୁହାଯାଇଛି । ତେବେ ଦାଉଦ ସହ ତାର ମତାନ୍ତର ଯୋଗୁଁ ତାକୁ ହତ୍ୟା କରାଯାଇଥିବା କୁହାଯାଇଛି । 'ଡି କମ୍ପାନୀ'ର ଉତ୍ତରାଧିକାରୀ ପ୍ରସଙ୍ଗରେ ଦାଉଦ ସହ ତାର ମତଭେଦ ଥିଲା । ସେ ଉତ୍ତରାଧିକାରୀ ହେବାକୁ ଚାହୁଁଥିଲା । ହେଲେ ଦାଉଦର ଛୋଟ ଭାଇ ଅନିସ ଇବ୍ରାହିମ ଉତ୍ତରାଧିକାରୀ ପଦ ସମ୍ଭାଳିବା ପାଇଁ ଉଦ୍ୟମ କରୁଥିଲା । ତେଣୁ ଅନିସ ସବୁ କଥାରେ ମୁଣ୍ଡ ପୂରାଉଥିବାରୁ ଛୋଟା ସକିଲ ଅସନ୍ତୁଷ୍ଟ ଥିଲା । ପାକିସ୍ତାନର ଗୁଇନ୍ଦା ସଂଗଠନ ଆଇଏସଆଇ ଏହି ବିବାଦ ସମାଧାନ କରିବାକୁ ଚାହିଁଥିଲା । ହେଲେ ତାହା ସମ୍ଭବ ନହେବାରୁ ଆଇଏସଆଇ ତାକୁ ହତ୍ୟା କରି କରାଚିର ଡିଫେନ୍ସ ହାଉସିଂ ଗ୍ରେଭୟାର୍ଡରେ ସମାଧି ଦେଇଦେଇଥିବା କୁହାଯାଉଛି । ଏହା ପରେ ତା' ଦ୍ୱିତୀୟ ପତ୍ନୀ ଆୟେଶା ଓ ତା' ପରିବାର ବର୍ଗଙ୍କୁ ଲାହୋରର ଏକ ସୁରକ୍ଷିତ ସ୍ଥାନକୁ ପଠାଇଦିଆଯାଇଥିବା କୁହାଯାଇଛି । ଅନ୍ୟ ଏକ ରିପୋର୍ଟ ମୁତାବକ ସେ ଜୀବୀତ ଅଛି । କିନ୍ତୁ ଦାଉଦ ସହ ତାର ମତାନ୍ତର ଯୋଗୁଁ ସେ ରହୁଥିବା କରାଚିର କ୍ଲିଫଟନ ଅଞ୍ଚଳରୁ ଅନ୍ୟ ଗୁପ୍ତ ସ୍ଥାନକୁ ପଳାଇ ଯାଇଛି । ସେ ୧୯୮୦ ଦଶକରୁ ସେଠାରେ ରହୁଥିଲା । ଏବେ ସେ ଭାରତ ଫେରିବାକୁ ଚାହୁଁନି । ଭାଇ (ଦାଉଦ ଇବ୍ରାହିମ) ସହ ତାର କିଛି ମତାନ୍ତର ନଥିବା ଅନ୍ୟ ଏକ ରିପୋର୍ଟରେ କୁହାଯାଇଛି । ତେବେ ସକିଲ ପ୍ରସଙ୍ଗରେ ଯେଉଁ ଭିନ୍ନ ଭିନ୍ନ ସନ୍ଦେହଜନକ ରିପୋର୍ଟ ପ୍ରକାଶ ପାଇଛି ତାହାକୁ ନେଇ ଦିଲ୍ଲୀ ପୁଲିସ କିଛି ବି ସ୍ପଷ୍ଟ କରି ନାହିଁ । ଏଭଳି ଦାବିକୁ ଆମେ ଏବେ ସ୍ୱୀକାର କରିପାରିବୁ ନାହିଁ କିମ୍ବା ଅସ୍ୱୀକାର ମଧ କରିପାରିବୁ ନାହିଁ ବୋଲି ଦିଲ୍ଲୀ ପୁଲିସ ପକ୍ଷରୁ କୁହାଯାଇଛି । ସୂଚନାଯୋଗ୍ୟ ଯେ ୧୯୯୩ ମାର୍ଚ୍ଚରୁ ୧୯୯୫ ମାର୍ଚ୍ଚ ପର୍ଯ୍ୟନ୍ତ ମହାରାଷ୍ଟ୍ରରେ ପୱାର ମୁଖ୍ୟମନ୍ତ୍ରୀ ଥିଲେ । ଦାଉଦ ଓ ସକିଲ ଆତ୍ମସମର୍ପଣ ପରେ ଗୃହବନ୍ଦୀ ଭାବେ ରହିବାକୁ ଚାହୁଁଥିଲେ । କାରଣ ଜେଲ୍‌ରେ ରଖାଗଲେ ସେମାନଙ୍କୁ ଶତ୍ରୁମାନେ ମାରିଦେବେ ବୋଲି ସେମାନଙ୍କ'ର ଭୟ ଥିଲା । ଏପରିକି ପୁଲିସ ସେମାନଙ୍କୁ ଜେଲ୍‌ରେ ନିର୍ଯାତନା ଦେବାର ଭୟ କରୁଥିଲେ । ଘରେ ରହି ସେମାନେ ମୋକଦ୍ଦମା ଲଢ଼ିବାକୁ ପ୍ରସ୍ତୁତ ପ୍ରସ୍ତୁତ ଥିଲେ । ସକିଲ ଆଇପିଏଲ୍‌ରେ ମ୍ୟାଚଫିକ୍ସିଂ, ଭାରତରେ ବ୍ୟବସାୟ କରିବାକୁ ଚାହୁଁଥିଲା । ଛୋଟା ରାଜନ ଉପରେ ହୋଇଥିବା ଆକ୍ରମଣ ପଛରେ ହାତ ରହିଥିବା ସକିଲ ସ୍ୱୀକାର କରିଥିଲା । ସୂଚନାଯୋଗ୍ୟ ଯେ ୧୯୯୩ରେ ମୁମ୍ବଇରେ ସିରିୟଲ ବୋମା ବିସ୍ଫୋରଣରେ ୩୫୦ଜଣ ପ୍ରାଣ ହରାଇଥିବାବେଳେ ୧୨୦୦ରୁ ଅଧିକ ଲୋକ ଆହତ ହୋଇଥିଲେ । ଦାଉଦ ଏହି ଆକ୍ରମଣର ମୁଖ୍ୟ ଅଭିଯୁକ୍ତ ଥିଲା ।

## ବିହାର ଚିନିକଳରେ ବିସ୍ଫୋରଣ; ୫ ମୃତ

ପାଟଣା ,୨୧/୧୨(ଏଜେନ୍ସି) : ବିହାରର ଗୋପାଳଗଞ୍ଜ ଜିଲ୍ଲାରେ ଥିବା ସସା ମୁସା ସୁଗାର ମିଲର ବଏଲରରେ ଅତ୍ୟଧିକ ତାପମାତ୍ରା ବୃଦ୍ଧି କାରଣରୁ ବିସ୍ଫୋରଣ ଘଟି ୫ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ବିସ୍ଫୋରଣ ସମୟରେ ଏହି ଫ୍ୟାକ୍ଟ୍ରିରେ ଶତାଧିକ ଲୋକ ଥିଲେ । ଏହି ଘଟଣାରେ ଅନେକ ଲୋକ ଆହତ ହୋଇଛନ୍ତି । ସେମାନଙ୍କୁ ସ୍ଥାନୀୟ ହସପିଟାଲରେ ଭର୍ତ୍ତି କରାଯାଇଛି ।

## ସିବିଆଇ ଓକିଲଙ୍କୁ ଦୋଷ ଦେଲେ ସୁବ୍ରମଣ୍ୟମ୍ ସ୍ୱାମୀ

ନୂଆଦିଲ୍ଲୀ,୨୧।୧୨(ଏଜେନ୍ସି): ଭାରତୀୟ ଜନତା ପାର୍ଟିର ନେତା ତଥା ରାଜ୍ୟ ସଭା ସାଂସଦ ସୁବ୍ରମଣ୍ୟମ୍ ସ୍ୱାମୀ ୨ଜି ରାୟ ପ୍ରସଙ୍ଗରେ ସିବିଆଇର ଓକିଲଙ୍କ ଉପରେ ଦୋଷ ଦେଇ କହିଛନ୍ତି ଯେ, ଓକିଲମାନେ ଏହି ମାମଲାକୁ ନେଇ ଗମ୍ଭୀର ନଥିଲେ । । ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ହାର୍ଭାର୍ଡ ପ୍ରଫେସର ସୁବ୍ରମଣ୍ୟମ୍ ସ୍ୱାମୀ ଦୀର୍ଘ ଦଶନ୍ଧି ଧରି କଂଗ୍ରେସ ଓ ଗାନ୍ଧୀ-ନେହେରୁ ପରିବାର ବିରୋଧରେ ଏକପ୍ରକାର ଆଇନଗତ ଯୁଦ୍ଧ ଲଢୁଛନ୍ତି । ଟୁଜି ସ୍ପେକ୍ଟ୍ରମ ଭଳି ଭାରତର ସର୍ବବୃହତ୍ ଦୁର୍ନୀତି (୧.୭୬ ଲକ୍ଷ କୋଟି ଟଙ୍କା) ମାମଲାକୁ ଲୋକଲୋଚନକୁ ଆଣିବା ଏବଂ ଏନେଇ ବିଭିନ୍ନ ଅଦାଲତରେ ମାମଲା ଚଳାଇ ସେ ସଫଳ ହୋଇଥିଲେ ।

## ବରୋଦାରେ ଭାରତର ପ୍ରଥମ ଜାତୀୟ ରେଳ ଏବଂ ପରିବହନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବ

ନୂଆଦିଲ୍ଲୀ, ୨୧/୧୨(ଏଜେନ୍ସି) ମାନବସମ୍ବଳର ଦକ୍ଷତା ବିକାଶ ଏବଂ ସାମର୍ଥ୍ୟ ନିର୍ମାଣ ଉଦ୍ଦେଶ୍ୟରେ ଭାରତୀୟ ରେଳବାଇ ଦେଶର ପ୍ରଥମ ଜାତୀୟ ରେଳ ଏବଂ ପରିବହନ ବିଶ୍ୱବିଦ୍ୟାଳୟ (ଏନଆରଟିୟୁ) ବରୋଦାରେ ପ୍ରତିଷ୍ଠା କରିବ । ୟୁଜିସି ଅଧିନିୟମ, ୨୦୧୬ ଅନୁଯାୟୀ ଏହି ବିଶ୍ୱବିଦ୍ୟାଳୟ ଏକ ନୋଭୋ ବର୍ଗର ଡିମଡ ମାନ୍ୟତାପ୍ରାପ୍ତ ବିଶ୍ୱବିଦ୍ୟାଳୟ (ଡିମଡ ବିଶ୍ୱବିଦ୍ୟାଳୟର ମାନ୍ୟତାପ୍ରାପ୍ତ ବିଶ୍ୱବିଦ୍ୟାଳୟ) ଭାବେ ପ୍ରତିଷ୍ଠା କରାଯିବ । ୨୦୧୮ ଏପ୍ରିଲ ସୁଦ୍ଧା ସମସ୍ତ କାର୍ଯ୍ୟ ସମ୍ପନ୍ନ ହେବ । ଜୁଲାଇ ୨୦୧୮ରେ ରେଳ ବିଶ୍ୱବିଦ୍ୟାଳୟର ପ୍ରଥମ ଶିକ୍ଷାବର୍ଷ ଆରମ୍ଭ ହେବ । ରେଳ ମନ୍ତ୍ରଣାଳୟ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୮ ଅନ୍ତର୍ଗତ ଏକ ଅଣଲାଭକାରୀ ସଂସ୍ଥା ପ୍ରତିଷ୍ଠା କରାଯିବ । ଯାହା ପ୍ରସ୍ତାବିତ ବିଶ୍ୱବିଦ୍ୟାଳୟର ପରିଚାଳକ ସଂସ୍ଥା ଭାବେ କାର୍ଯ୍ୟ କରିବ । ଉକ୍ତ ସଂସ୍ଥା ବିଶ୍ୱବିଦ୍ୟାଳୟକୁ ଆର୍ଥିକ ତଥା ଭିତ୍ତିଭୂମି ସହାୟତା ଯୋଗାଇ ଦେବ ଏବଂ ବିଶ୍ୱବିଦ୍ୟାଳୟର କୁଳପତି ତଥା ଉପ-କୁଳପତିଙ୍କୁ ନିଯୁକ୍ତି ଦେବ । ପେସାଦାର ଲୋକମାନଙ୍କୁ ତଥା ଶିକ୍ଷାବିତମାନଙ୍କୁ ନେଇ ପରିଚଳନା ବୋର୍ଡ କମ୍ପାନୀ ଠାରୁ ଭିନ୍ନ ଭାବେ କାର୍ଯ୍ୟ କରିବ । ଏହା ନିକଟରେ ସମସ୍ତ ଏକାଡେମିକ ତଥା ପ୍ରଶାସନିକ ଦାୟିତ୍ୱ ତୁଲାଇବାର ସ୍ୱାୟତ୍ତତା ରହିବ । ବରୋଦା ସ୍ଥିତ ଭାରତୀୟ ରେଳର ଜାତୀୟ ଏକାଡେମୀ (ଏନଏଆଇଆର)ର ବର୍ତ୍ତମାନ ଜମି ଏବଂ ଭିତ୍ତିଭୂମିର ବ୍ୟବହାର କରାଯିବ ଏବଂ ବିଶ୍ୱବିଦ୍ୟାଳୟ ପାଇଁ ଏଥିରେ ଆବଶ୍ୟକ ସଂଶୋଧନ କରାଯିବ । ଏହା ପୂର୍ଣ୍ଣକାଳୀନ ପ୍ରତିଷ୍ଠାନ ହେବ ଏବଂ ଏଥିରେ ୩ ହଜାର ଛାତ୍ରଛାତ୍ରୀ ପୂର୍ଣ୍ଣକାଳୀନ ଶିକ୍ଷା ଲାଭ କରିପାରିବେ ।

## ୫ଜଣଙ୍କୁ ମାଓବାଦୀଙ୍କ ଅପହରଣ

ପାଟଣା, ୨୧/୧୨(ଏଜେନ୍ସି) ବିହାରର ମସୁଦାନ ରେଳଷ୍ଟେସନ୍‌ରେ ମାଓବାଦୀମାନେ ହିଂସାକାଣ୍ଡ କରିଛନ୍ତି । ଅପରେସନ୍ ଗ୍ରୀନ୍‌ହଣ୍ଟ୍‌କୁ ବିରୋଧ କରି ମାଓବାଦୀମାନେ ଏହି ହିଂସାକାଣ୍ଡ ଭିଆଇଛନ୍ତି । ଏହି ପ୍ରସଙ୍ଗରେ ମାଓବାଦୀମାନେ ବିହାର ଓ ଝାଡ଼ଖଣ୍ଡରେ ୪୮ ଘଣ୍ଟିଆ ବନ୍ଦ ଡାକରା ଦେଇଥିବାବେଳେ ସକାଳେ ମସୁଦାନ ରେଳଷ୍ଟେସନ୍‌ରେ ଆତଙ୍କ ଖେଳାଇଥିଲେ । ରାଜଧାନୀ ପାଟଣାଠାରୁ ୧୮୦ କି.ମି. ଦୂରରେ ଥିବା ଉକ୍ତ ରେଳଷ୍ଟେସନ୍‌ରେ ୫ ଜଣ ରେଳକର୍ମଚାରୀଙ୍କୁ ମାଓବାଦୀମାନେ ଅପହରଣ କରିନେଇଥିବାବେଳେ ସିଗ୍ନାଲିଂ ପେନାଲ୍‌ରେ ନିଆଁ ଲଗାଇ ଦେଇଥିଲେ । ଗୟା-କମଳପୁର ପାସେଞ୍ଜର ଟ୍ରେନ୍‌ର ଲୋକ ପାଇଲଟ, ଆସିଷ୍ଟାଣ୍ଟ ଲୋକପାଇଲଟ ଏବଂ ଗାର୍ଡଙ୍କ ସହ ଜଣେ ଆସିଷ୍ଟାଣ୍ଟ ଷ୍ଟେସନ୍ ମାଷ୍ଟର ଓ ଜଣେ କୁଲିକୁ ମାଓବାଦୀମାନେ ଅପହରଣ କରିନେଇଥିଲେ । ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ଛାଡ଼ିଦିଆଯାଇଛି । ତେବେ ଗୁରୁବାର ସନ୍ଧ୍ୟା ସୁଦ୍ଧା ଅନ୍ୟ ଦୁଇଜଣଙ୍କୁ ମାଓବାଦୀମାନେ ଛାଡ଼ିନଥିବା ଜଣାପଡ଼ିଛି । ମାଓବାଦୀମାନେ ଲିଖିତ ଭାବେ ଧମକ ଦେଇ କହିଛନ୍ତି ଯେ କିଉଲ-ଭାଗଲପୁର ରେଳଷ୍ଟେସନ୍‌ରେ ଟ୍ରେନ୍ ଚାଲିଲେ ଉକ୍ତ ଦୁଇଜଣଙ୍କୁ ହତ୍ୟା କରାଯିବ ।

## ବୟନ ଉଦ୍ୟୋଗରେ ୩ ବର୍ଷିଆ କୌଶଳ ବିକାଶ କାର୍ଯ୍ୟକ୍ରମରେ ବ୍ୟୟ କରାଯିବ ୧୩୦୦ କୋଟି ଟଙ୍କା

ନୂଆଦିଲ୍ଲୀ , ୨୧/୧୨(ଏଜେନ୍ସି) ସୂତା କାଟିବା ଏବଂ ବୁଣିବା କ୍ଷେତ୍ରକୁ ଛାଡି ବୟନ ଶିଳ୍ପ ଉଦ୍ୟୋଗର ସମସ୍ତ କ୍ଷେତ୍ର ପାଇଁ ଏକ ନୂତନ କୌଶଳ ବିକାଶ ସ୍କିମ୍ ଆରମ୍ଭ କରାଯିବ । ଏହାର ନାମ ରଖାଯାଇଛି 'ସ୍କିମ୍ ଫର କେପାସିଟି ବିଲ୍ଡିଂ ଇନ ଟେକ୍ସଟାଇଲ ସେକ୍ଟର' । ଏହି ସ୍କିମ୍ ଚଳିତ ୨୦୧୭-୧୮ ଆର୍ଥିକ ବର୍ଷରୁ ୨୦୧୯-୨୦ ଆର୍ଥିକ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ ଏବଂ ଏଥିଲାଗି ୧୩୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଏହି ସ୍କିମ୍ ଅଧିନରେ ରାଷ୍ଟ୍ରୀୟ କୌଶଳ ଶିକ୍ଷା ଯୋଗ୍ୟତା ଢ଼ାଂଚା ଅନୁରୂପ ପ୍ରଶିକ୍ଷଣ ପାଠ୍ୟକ୍ରମ ଆରମ୍ଭ କରାଯିବ ଏବଂ ଏଥିଲାଗି ପାଣ୍ଠି ଯୋଗାଣ ବ୍ୟବସ୍ଥା କେନ୍ଦ୍ର ଦକ୍ଷତା ବିକାଶ ଓ ଉଦ୍ୟୋଗୀତା ମନ୍ତ୍ରଣାଳୟର ନିୟମ ଅନୁଯାୟୀ କରାଯିବ ।

## ପରିବାରବର୍ଗଙ୍କ ନିକଟକୁ ଫେରିଲେ କୋଟିପତି ଭିକାରି

ଲକ୍ଷ୍ନୌ, ୨୧/୧୨(ଏଜେନ୍ସି) ଉତ୍ତରପ୍ରଦେଶର ରାୟବରେଲି ଅଞ୍ଚଳରେ ସ୍ୱାମୀ ଭାସ୍କର ସ୍ୱରୂପଜୀ ମହାରାଜଙ୍କ ଆଶ୍ରମ ସ୍କୁଲ୍ ନିକଟରୁ ଗତ ୧୩ ତାରିଖରେ ଜଣେ ବୃଦ୍ଧ ଭିକାରି ଭିକ୍ଷା ମାଗି ଖାଉଥିବା ଦେଖିବାକୁ ମିଳିଥିଲା । ସ୍ୱାମୀଜୀ ତାଙ୍କୁ ସେଠାରୁ ଉଦ୍ଧାର କରି ପରିଷ୍କାର ପରିଚ୍ଛନ୍ନ କରାଇବା ସହ ସ୍ନାନ କରାଇବାକୁ ନେଇଥିଲେ । ଏହି ସମୟରେ ଭିକାରିଙ୍କ ନିକଟରୁ ଏକ ଆଧାର କାର୍ଡ ମିଳିଥିଲା । ଏହାର ଯାଞ୍ଚ ପରେ ଜଣାପଡ଼ିଛି ଯେ ଭିକାରିଙ୍କ ଘର ତାମିଲନାଡୁରେ ଓ ତାଙ୍କ ନାମ ମୁତୟାନାଦ । ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ୧ କୋଟି ୬ ଲକ୍ଷ ୯୨ ହଜାର ଟଙ୍କାର ଫିକ୍ସଡ ଡିପୋଜିଟ୍ ରହିଛି । ଏହାପରେ ତାଙ୍କ ପରିବାରବର୍ଗଙ୍କ ସହ ଯୋଗାଯୋଗ କରାଯାଇ ଏହି ଭିକାରିଙ୍କ ଝିଅ ଗୀତାଙ୍କୁ ଡକାଯାଇଥିଲା । ଗୀତା ସ୍ୱାମୀଜୀଙ୍କ ପ୍ରତି କୃତଜ୍ଞତା ବ୍ୟକ୍ତ କରିବା ସହ ତାଙ୍କ ପିତାଙ୍କୁ ଫେରାଇ ନେଇଛନ୍ତି ।

# ସୁନ୍ଦରଗଡ ଜିଲ୍ଲା ସମାଚାର

### ବିବାହର ପ୍ରଲୋଭନ ଦେଖାଇ ଧର୍ଷଣ ମାମଲା

## ୩ ମାସ ପରେ ବିଧାୟକଙ୍କ ପୁଅ ଗିରଫ ହୋଇ ଜେଲ ଗଲେ



ରାଉରକେଲା,୨୧/୧୨ (ଶ୍ରୁ.ମି): ବୀରମିତ୍ରପୁର ବିଧାୟକ ତଥା ଝାଡଖଣ୍ଡ ମୁକ୍ତିମୋର୍ଚ୍ଚାର ନେତା ଜର୍ଜ ତିର୍କିଙ୍କ ପୁଅ ରାଜେଶ ତିର୍କି (୨୬) ସେକ୍ଟର-୧୫ ଥାନା ଅଞ୍ଚଳରେ ରହୁଥିବା ଏକ ଯୁବତୀକୁ ବିବାହାର ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖିଥିଲେ । ପରେ ଯୁବତୀକୁ ବିବାହ କରିବା ପାଇଁ ମନା କରିଦେବାରୁ ଯୁବତୀ ଜଣଙ୍କ ଗତ ୩ ମାସ ତଳେ ସ୍ଥାନୀୟ ମହିଳା ଥାନାରେ ଲିଖିତ ଭାବେ ଅଭିଯୋଗ କରିଥିଲେ । ପୁଲିସ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବାବେଳେ ରାଜଶେ ଫେରାର ହୋଇ ଆଗୁଆ ଜାମିନ ପାଇଁ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ରାଜେଶକୁ ତଳ କୋର୍ଟକୁ ଯିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ହାଇକୋର୍ଟର ନିର୍ଦ୍ଦେଶାନୁସାରେ ରାଜେଶ ଗତକାଲି ସ୍ଥାନୀୟ ଏସ୍‌ଡିଜେଏମ୍ କୋର୍ଟରେ ଆତ୍ମସମର୍ପଣ କରିଥିଲା । ମାନ୍ୟବର ଏସ୍‌ଡିଜେଏମ ଜାମିନ ଖାରଜ କରିବା ପରେ ସଂଗେ ସଂଗେ ରାଜେଶଙ୍କ ପକ୍ଷରୁ ଏଡିଜେଙ୍କ କୋର୍ଟରେ ଜାମିନ ଆବେଦନ କରାଯାଇଥିଲା । ତେବେ ମାନ୍ୟବର ଏଡିଜେ (ଦ୍ୱିତୀୟ) ମଧ ଜାମିନ ଆବେଦନ ଖାରଜ କରିଦୋବରୁ ରାଜେଶକୁ ତତ୍‌କ୍ଷଣାତ ଗିରଫ କରି ଜେଲ୍‌କୁ ପଠାଇ ଦିଆଯାଇଛି ।

## ଭିନ୍ନଭିନ୍ନ ସଡକ ଦୁର୍ଘଟଣାରେ ୬ ମୃତ ୩ ଆହତ

ରାଉରକେଲା,୨୧/୧୨ (ଶ୍ରୁ.ମି): ସୁନ୍ଦରଗଡ ରାଜସ୍ୱ ଜିଲ୍ଲା ଅଧିନରେ ଥିବା ବିଭିନ୍ନ ଥାନା ଅଞ୍ଚଳରେ ହୋଇଥିବା ଭିନ୍ନଭିନ୍ନ ସଡକ ଦୁର୍ଘଟଣାରେ ପ୍ରାୟ ୬ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୩ଜଣ ଆହତ ହୋଇଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁସାରେ ସଦର ଥାନା ଅଞ୍ଚଳରେ ସିଆଁବାହଲ ଠାରେ ହୋଇଥିବା ଏକ ଦୁର୍ଘଟଣାରେ ମାୟାଧର ସେଠ୍ ନାମକ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ବଣେଇଗଡ ଥାନା ଅଞ୍ଚଳର କାନ୍ତଯୋଡି ଗ୍ରାମ ନିକଟରେ ଲଲେଇ ପୋଲ ଉପରେ ହୋଇଥିବା ଏକ ଦୁର୍ଘଟଣାରେ କୃତିବାସ ପାଠି ଏବଂ ରାମମୁଣ୍ଡା ସମେତ ୨ଜଣ ଆହତ ହୋଇଛନ୍ତି । ସେହିପରି ବୀରମିତ୍ରପୁର କପିଳାସ ରୋଡ୍‌ରେ ରହୁଥିବା ଅରୁଣ ଜାଲୁଆର, ରାହୁଲ ଏକ୍କା ଏବଂ ଅନିଲ ଲାକ୍ରା ସମେତ ୩ଜଣ ଯୁବକ ରାଞ୍ଚିଯାଇ ସୀମଡେଗା ଦେଇ ଫେରୁଥିବାବେଳେ ବାଟରେ ଏକ ଦୁର୍ଘଟଣାର ସମ୍ମୁଖିନ ହୋଇ ୩ଜଣ ଯାକ ମୃତ୍ୟୁବରଣ କରିଥିବା ଜଣାପଡିଛି । ଲୁହୁଣୀପଡା ଥାନା ଅଞ୍ଚଳର କେନ୍ଦୁଘାଟି ଠାରେ ହୋଇଥିବା ଏକ ଦୁର୍ଘଟଣାରେ ବୈଜୟନ୍ତୀ ଗଡିଆ ନାମକ ଜଣେ ମହିଳା ମୃତ୍ୟୁବରଣ କରିଥିଲେ । କୁଆଁରମୁଣ୍ଡା ଥାନା ଅଞ୍ଚଳର କାଲୋସିହିରିଆ ଠାରେ ହୋଇଥିବା ଏକ ଦୁର୍ଘଟଣାରେ ସୁଶାନ୍ତ ବଡାଇକ ନାମକ ଜଣେ ଯୁବକର ମୃତ୍ୟୁ ହୋଇଥିଲାବେଳେ ରୋହିତ ବଡାଇକ ନାମକ ଜଣେ ଆହତ ହୋଇଥିବା ଜଣାପଡିଛି ।

## ରାସ୍ତା ନିର୍ମାଣ ଦାବିରେ ଟ୍ରକ ମାଲିକ ସଂଘର ବିକ୍ଷୋଭ




ରାଉରକେଲା ,୨୧/୧୨ (ଏଜେନ୍ସି): ଲହୁଣୀପଡା ବ୍ଲକ ଅଧୀନରେ ଥିବା କଲେଇପୋଷ ଗ୍ରାମରୁ କୋଇଡାକୁ ଯାଇଥିବା ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଥିବା ବେଳେ ବିଭାଗୀୟ କର୍ତ୍ତୃପକ୍ଷ ରାସ୍ତା ମରାମତି ପାଇଁ ଧ୍ୟାନ ଦେଉନଥିବା ଅଭିଯୋଗ କରି ରାଉରକେଲା ମାଇନିଂ ଟ୍ରକ୍ ଏଣ୍ଡ ଟିପ୍ପର ମାଲିକ ସଂଘର ସଦସ୍ୟମାନେ ଗତକାଲି ଉଦିତନଗର ଠାରେ ଥିବା ପିଡବ୍ଲ୍ୟୁଡି ଅଫିସ ସମ୍ମୁଖରେ ଧାରଣା ଦେଇଥିଲେ । ତେବେ କିଛି ସମୟ ପରେ ପିଡବ୍ଲ୍ୟୁଡି ନିର୍ବାହୀ ଯନ୍ତ୍ରୀ ଆସି ଆସନ୍ତା ସୋମବାର ମଧ୍ୟରେ ରାସ୍ତା କାମ ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।

## ପତ୍ନିକୁ ହତ୍ୟା ଉଦ୍ୟମ, ସ୍ୱାମୀ ଗିରଫ

ରାଉରକେଲା,୨୧/୧୨ (ଶ୍ରୁ.ମି): ସେକ୍ଟର-୭ ଥାନା ଅଞ୍ଚଳରେ ଥିବା ମୁଣ୍ଡାରୀ ବସ୍ତିରେ ରହୁଥିବା ସାବନ ମୁଣ୍ଡାରୀ ନାମକ ଜଣେ ବ୍ୟକ୍ତି ନିଜ ପତ୍ନି ସୀମା ମୁଣ୍ଡାରୀର ଚରିତ୍ରକୁ ସନ୍ଦେହ କରି ତଣ୍ଟିଚିପି ମାରିଦେବାର ଉଦ୍ୟମ କରିଥିଲା । ତେବେ ପତ୍ନି ସୀମା କୌଣସି ମତେ ପଳାଇ ଆସି ସେକ୍ଟର-୭ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ କେସ୍ ରୁଜୁ କରି ଅଭିଯୁକ୍ତ ସ୍ୱାମୀ ସାବନକୁ ଗିରଫ କରି କୋର୍ଟ ଚାଲାଣ କରିଛି ।

## ବୀରମିତ୍ରପୁର ବିଜେପି କୃଷକ ମୋର୍ଚ୍ଚାର ବିକ୍ଷୋଭ

ରାଉରକେଲା,୨୧/୧୨ (ଶ୍ରୁ.ମି): ଗତ ୧୯ ତାରିଖରେ ବୀରମିତ୍ରପୁର ବିଜେପି କୃଷକ ମୋର୍ଚ୍ଚାର ସଭାପତି ଜେଠ୍ ମହାରାଜ ନାଗଙ୍କ ନେତୃତ୍ୱରେ ବୀରମିତ୍ରପୁର ଆର.ଆଇ ଅଫିସ ଆଗରେ ଜନ ପ୍ରତିବାଦ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ପରେ ଆର.ଆଇଙ୍କୁ ଭେଟି କୃଷକମାନଙ୍କର ବିଭିନ୍ନ ସମସ୍ୟା ଯଥା ଧାନର ଉପଯୁକ୍ତ ମୂଲ୍ୟ ପ୍ରଦାନ, କୃଷି ଋଣ ଛାଡ, କୃଷକଙ୍କୁ ବୋନସ ପ୍ରଦାନ, ମାଗଣାରେ ବିହନ ଯୋଗାଇବା, ବିନା ସୁଧରେ ଋଣ ପ୍ରଦାନ କରିବା, ଉପଯୁକ୍ତ କୀଟାଣୁ ନାଶକ ଔଷଧ ପ୍ରଦାନ କରିବା, ଫସଲ ନଷ୍ଟ ହୋଇଥିବା ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରିବା, ଆତ୍ମହତ୍ୟା କରିଥିବା କୃଷକ ପରିବାରବର୍ଗଙ୍କୁ ଅନୁକମ୍ପା ରାଶି ପ୍ରଦାନ କରିବା ଆଦି ଦାବି ଉପରେ ଆଲୋଚନା କରିଥିଲେ । ସମସ୍ୟାର ସମାଧାନ ଦିଗରେ ସରକାରଙ୍କୁ ଅବଗତ କରିବା ପାଇଁ ପରାମର୍ଶ ଦେଇଥିଲେ । କୃଷକ ଆତ୍ମହତ୍ୟାକୁ ନେଇ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ମୋର୍ଚ୍ଚାର କର୍ମୀମାନେ ଏହି ଜନ ପ୍ରତିବାଦ ଓ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ରାଜ୍ୟ ସରକାରଙ୍କୁ କଡା ସମାଲୋଚନା କରିବା ସହିତ ବିଜେପି କୃଷକ ମୋର୍ଚ୍ଚାର ଦାବିଗୁଡିକୁ ତୁରନ୍ତ ପୂରଣ କରିବା ପାଇଁ ଦାବି କରିଥିଲେ ।

## ବିଦ୍ୟୁତ ଆଘାତରେ ଯୁବକ ମୃତ

ବଣେଇଗଡ ,୨୧/୧୨ (ଏଜେନ୍ସି): ବଣେଇଗଡ ଥାନା ଅଞ୍ଚଳରେ ଥିବା ରଥଛକ ଠାରେ ଏକ ନିର୍ମାଣଧୀନ ଘରେ ରାଜମିସ୍ତ୍ରୀ ଭାବେ କାମ କରୁଥିବା ତାଲିମ ଶେଖ (୨୦) ନାମକ ଜଣେ ଯୁବକ ହଠାତ୍ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଛନ୍ତି ।

## ଦୁର୍ନୀତିର ଗନ୍ତାଘର ରାଉରକେଲା ଗ୍ରାମ୍ୟ ଉନ୍ନୟନ ଡିଭିଜନ : ଜିଲ୍ଲା କଂଗ୍ରେସ

**ନିର୍ବାହୀଯନ୍ତ୍ରୀଙ୍କ ବଦଳି ଆଦେଶ ବାତିଲକୁ ନେଇ ସାଧାଣରେ ପ୍ରଶ୍ନ**

ରାଉରକେଲା,୨୧/୧୨ (ଶ୍ରୁ.ମି): ସମ୍ପ୍ରତି ରାଉରକେଲା ଗ୍ରାମ୍ୟ ଉନ୍ନୟନ ଡିଭିଜନ ଏକ ଦୁର୍ନୀତିର ଗନ୍ତାଘରରେ ପରିଣତ ହୋଇଥିବା ନେଇ ଜିଲ୍ଲା କଂଗ୍ରେସ ଅଭିଯୋଗ କରିଛି । ଉକ୍ତ ଡିଭିଜନରେ କାର୍ଯ୍ୟରତ ନିର୍ବାହୀଯନ୍ତ୍ରୀ ଶ୍ରୀ କିଶୋର କୁମାର ମିଶ୍ର ସବୁ ନୀତିନିୟମକୁ ଭାଙ୍ଗି 'ମେରୀ ରାୟ' ଶାସନ ଚଳାଇଛନ୍ତି ବୋଲି ଜିଲ୍ଲା କଂଗ୍ରେସ ଅଭିଯୋଗ କରିଛି । ପିସି ନଦେଲେ ବିଲ୍ ପାସ୍ ନକରିବା, ଆଗୁଆ ଉତ୍କୋଚ ନେଇ ବଡବଡ କାମକୁ ବିନା ଟେଣ୍ଡରରେ ପୋଷା ଠିକାଦାରଙ୍କୁ ବଣ୍ଟନ କରିବା, ନିଷ୍ପାପର ଠିକାଦାରମାନଙ୍କୁ ମାନସିକ ନିର୍ଯାତନା ଦେବା ଭଳି ଗୁରୁତର ଅଭିଯୋଗ ନିର୍ବାହୀଯନ୍ତ୍ରୀଙ୍କ ନାମରେ ରହିଥିବାବେଳେ କାର୍ଯ୍ୟାଳୟରୁ ବିଜୁଳି ଚୋରି କରି ନିଜ ବାସଗୃହରେ ବ୍ୟବହାର କରିବାର ସଂଗୀନ ଅଭିଯୋଗ ଆଣିଛି ଜିଲ୍ଲା କଂଗ୍ରେସ । ତେବେ ସମ୍ପୃକ୍ତ ଦୁର୍ନୀତିଗ୍ରସ୍ତ ନିର୍ବାହୀଯନ୍ତ୍ରୀଙ୍କ କଳା-କାରନାମା ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଅବଗତ ହୋଇ ଗତ ନଭେମ୍ବର ୧୫ ତାରିଖରେ ତାଙ୍କୁ ରାଉରକେଲାରୁ ଅନ୍ୟତ୍ର ବଦଳି କରିଥିଲେ ହେଁ ମନ୍ଦ ଉଦ୍ଦେଶ୍ୟ ରଖି ଦୀର୍ଘଦିନ ଧରି ତାଙ୍କୁ ରିଲିଭ କରାଯାଇନଥିଲା । ବଦଳି ପରେ ରିଲିଭ ନହେବା ଯୋଗୁଁ ଉକ୍ତ ଡିଭିଜନ କାର୍ଯ୍ୟାଳୟରେ ଅଚଳାବସ୍ଥା ସୃଷ୍ଟି ହେବାରୁ ଜିଲ୍ଲା କଂଗ୍ରେସ ତରଫରୁ ତୁରନ୍ତ ତାଙ୍କର ରିଲିଭ ଓ ଡିଭିଜନରେ ହୋଇଥିବା ବ୍ୟାପକ ଦୁର୍ନୀତିର ତଦନ୍ତ ଦାବିରେ ଗତ ୭.୧୨.୧୭ରେ ସ୍ଥାନୀୟ ପାନପୋଷ ଉପଜିଲ୍ଲାପାଳଙ୍କ ଜରିଆରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଶାସନ ସଚିବ ଶ୍ରୀ ବିଷ୍ଣୁପଦ ସେଠୀଙ୍କୁ ସ୍ମାରକପତ୍ର ଜ୍ଞାପନ କରାଯାଇଥିଲା । ତେବେ ବିଡ଼ମ୍ବନାର ବିଷୟ ଜିଲ୍ଲା କଂଗ୍ରେସ ସ୍ମାରକ ପତ୍ର ପଠାଇବାର ପରଦିନ ଅର୍ଥାତ୍ ୮.୧୨.୧୭ରେ ନିର୍ବାହୀଯନ୍ତ୍ରୀଙ୍କ ବଦଳି ବାତିଲ ହୋଇଥିବାର ପ୍ରକାଶ ପାଇଲା । ତେଣୁ ଦୁର୍ନୀତିକୁ ଆଦୌ ପ୍ରଶୟ ଦେଉନଥିବା କଥା କହୁଥିବା ରାଜ୍ୟ ସରକାର ଏଭଳି ଜଣେ ଦୁର୍ନୀତିଗ୍ରସ୍ତ ନିର୍ବାହୀଯନ୍ତ୍ରୀଙ୍କୁ ବଦଳି କରି ପୁନଶ୍ଚ ୨୨ ଦିନ ପରେ କେଉଁ ଆଧାରରେ ବଦଳି ଆଦେଶକୁ ବାତିଲ କଲେ ତାହା ବର୍ତ୍ତମାନ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ତେଣୁ କେଉଁ ପରିସ୍ଥିତିରେ ସମ୍ପୃକ୍ତ ନିର୍ବାହୀଯନ୍ତ୍ରୀଙ୍କୁ ବଦଳି କରାଗଲା ଓ ବଦଳିର ୨୨ ଦିନ ପରେ ପୁଣି କାହିଁକି ବଦଳି ଆଦେଶ ବାତିଲ ହେଲା ତାହାର ତଦନ୍ତ ସହିତ ତୁରନ୍ତ ଉକ୍ତ ଦୁର୍ନୀତିଖୋର ନିର୍ବାହୀଯନ୍ତ୍ରୀଙ୍କୁ ଅନ୍ୟତ୍ର ବଦଳି କରି ଉକ୍ତ ଡିଭିଜନରେ ହୋଇଥିବା ସମସ୍ତ ଦୁର୍ନୀତି ଓ ଅନିୟମିତତାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛି ଜିଲ୍ଲା କଂଗ୍ରେସ ।

## ମାଟି ତଳୁ ଅପହୃତ ମହିଳାଙ୍କ କଙ୍କାଳ ଉଦ୍ଧାର

### ଅଭିଯୁକ୍ତ ପ୍ରେମିକ ଗିରଫ

କିଞ୍ଜିରିକେଲା,୨୧/୧୨ (ଶ୍ରୁ.ମି): ସମ୍ବଲପୁର ଜିଲ୍ଲାର ଡଙ୍ଗାଜୋର ଗ୍ରାମର ଗାବ୍ରିଏଲ ଲୁଗୁନଙ୍କ ଝିଅ ସଞ୍ଜୁ ଲୁଗୁନ (୨୪) କୁ ପ୍ରେମ ଜାଲରେ ଫସାଇ ସୁନ୍ଦରଗଡ ପୁଲିସ ଜିଲ୍ଲା ଅଞ୍ଚଳର କିଞ୍ଜିରିକେଲା ଥାନା ଅଞ୍ଚଳର ତିଲେଇକାନି ନିକଟସ୍ଥ ଧନିଆ ପୁଞ୍ଜି ଗ୍ରାମର କୀର୍ତ୍ତନ ବର୍ହିଦାର ନାମକ ଜଣେ ଯୁବକ ନିଜ ସାଙ୍ଗରେ ଆଣି ନିଜ ଘରେ ରଖିଥିଲା । ତେବେ ପ୍ରଥମେ ଝିଅ ନିଖୋଜ ହୋଇଥିବା ନେଇ ଖୋଜାଖୋଜି କରୁଥିବା ସଞ୍ଜୁର ପରିବାର ଲୋକେ ଝିଅକୁ କୀର୍ତ୍ତନ ନେଇଯାଇଥିବା ଜାଣିବା ପରେ ତିଲେଇକାନି ଯାଇଥିଲେ । ଝିଅକୁ ହତ୍ୟା ସନ୍ଦେହରେ ପରିବାର ଲୋକେ କୀର୍ତ୍ତନକୁ ପଚରାଉଚରା କରିଥିଲେ । ପରେ ଝିଅର ହତ୍ୟା ଖବର ଗ୍ରାମବାସୀମାନଙ୍କ ଠାରୁ ପାଇବା ପରେ ସଞ୍ଜୁର ବାପା ଥାନାରେ ଅଭିଯୋଗ କରିଥିଲେ । ପରେ ପୁଲିସ ଆସି କୀର୍ତ୍ତନକୁ ଧରିନେଇ ପଚରାଉଚରା କରିଥିଲା । ସେ ସଞ୍ଜୁକୁ ହତ୍ୟା କରିଥିବା କଥା ପୁଲିସ ଆଗରେ ସ୍ୱୀକାର କରିଥିଲା । ପରେ କୀର୍ତ୍ତନର ସୂଚନା ଆଧାରରେ ପୁଲିସ ତିଲେଇକାନି ଗ୍ରାମ ନିକଟରେ ଥିବା ଜଙ୍ଗଲ ମଧ୍ୟରେ ମାଟି ଖୋଳି ପୋତା ହୋଇଥିବା ସଞ୍ଜୁର କଙ୍କାଳକୁ ଉଦ୍ଧାର କରିଥିଲା । ପରେ ସଞ୍ଜୁକୁ ହତ୍ୟା କରିବା ଅଭିଯୋଗରେ ପୁଲିସ କୀର୍ତ୍ତନକୁ କୋର୍ଟ ଚାଲାଣ କରିଥିବା ଜଣାପଡିଛି ।



## ଡାଲମିଆ ବିଦ୍ୟାମନ୍ଦିରର ୫୨ ତମ ବାର୍ଷିକ ଉତ୍ସବ ପାଳିତ



ରାଜଗାଙ୍ଗପୁର,୨୧/୧୨ (ଶ୍ରୁ.ମି): ଡାଲମିଆ ବିଦ୍ୟାମନ୍ଦିରର ୫୨ ତମ ବାର୍ଷିକ ଉତ୍ସବ ଗତକାଲି ବେଶ୍ ସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ଡାଲମିଆ ବିଦ୍ୟାମନ୍ଦିରର ସମ୍ପାଦକ ରିତୁରାଜ ବରୁଆ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ ଏବଂ ବିଦ୍ୟାଳୟର ଗାରିମା ତଥା ସଫଳତାର ଅନେକ ପ୍ରଶଂସା କରିଥିଲେ । ବିଦ୍ୟାଳୟ ଅଧକ୍ଷା ଇଲା ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ସମାରୋହର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଉରକେଲାସ୍ଥିତ ଜାତୀୟ ପ୍ରାଦ୍ୟୋଗିକ ପ୍ରତିଷ୍ଠାନର ପଦାର୍ଥ ବିଜ୍ଞାନ ବିଭାଗର ପ୍ରଫେସର ଡ.ସୀମାଞ୍ଚଳ ପାଣିଗ୍ରାହୀ ନିଜ ଅଭିଭାଷଣରେ କହିଥିଲେ ପ୍ରତ୍ୟେକ ଛାତ୍ରଛାତ୍ରୀ ଅନନ୍ୟ ପ୍ରତିଭାର ଅଧିକାରୀ ଏବଂ ଏହି ପ୍ରତିଭାର ପରିପୂରଣ ପିତାମାତା ତଥା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଗୁରୁଦାୟିତ୍ୱ । ଏହି ଅବସରରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଥିଲା ଯାହା ଅଭିଭାବକ ତଥା ଅନ୍ୟ ଅତିଥିମାନଙ୍କ ଦ୍ୱାରା ଆଦୃତ ହୋଇଥିଲା । ଏହି ଅବସରରେ ଓସିଏଲ ଇଣ୍ଡିଆ ଲିମିଟେଡ ତଥା ଡାମଲିଆ ଭାରତ ସିମେଣ୍ଟର ବହୁ ଅଧିକାରୀ, ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ପରିଚାଳନା ସମିତିର ସମସ୍ତ ସଭ୍ୟଙ୍କ ସକ୍ରିୟ ସହଯୋଗ ପାଇଁ ବିଦ୍ୟାଳୟ ଅଧକ୍ଷା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

**ଲାଠିକଟା ଅଞ୍ଚଳରେ ଗଣଧର୍ଷଣ ମାମଲା**

## ସମସ୍ତ ୬ଜଣ ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ ଦଣ୍ଡ



ଲାଠିକଟା,୨୧/୧୨ (ଶ୍ରୁ.ମି): ରାଉରକେଲା ପୁଲିସ ଜିଲ୍ଲା ଅଧିନରେ ଥିବା ଲାଠିକଟା ଥାନା ଅଞ୍ଚଳର ରେଲୱେ କଲୋନୀରେ ରହୁଥିବା ୧୯ ବର୍ଷ ବୟସର ଜନୈକ ଯୁବତୀକୁ ଗତ ୧୮/୭/୨୦୧୫ ତାରିଖ ଦିନ ବିଶ୍ରା ବ୍ଲକର ମନ୍‌କୋ ନିକଟରେ ଥିବା ବାରିବେଡା ଗ୍ରାମରେ ରହୁଥିବା ରାଜେଶ ଗୁଡିଆ ,ଭାଲେଣ୍ଟିନା ଗୁଡିଆ, ଡିପ୍‌ଲୋ ମାସୋ ଗୁଡିଆ, ରୋହିତ ଗୁଡିଆ ଏବଂ କର୍ଲାଖମଣ ଗ୍ରାମର ସୁଦୀପ୍ତ ବାଗ ଏବଂ ଗ୍ଲାଡ ଡାଙ୍ଗ ପ୍ରମୁଖ ୬ଜଣ ମିଶି ଯୁବତୀଙ୍କୁ ଜୋରଜବରଦସ୍ତ ରେଳଧାରଣା ନିକଟରେ ଥିବା ଏକ ବୁଦାମୂଳେ ଜଣଙ୍କ ପରେ ଜଣେ ଗଣ ଧର୍ଷଣ କରିଥିଲେ । ଏନେଇ ଲାଠିକଟା ଥାନାରେ ଅଭିଯୋଗ ହେବା ପରେ ପୁଲିସ ସମସ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ପୁଲିସ ଦ୍ୱାରା ପେସ୍ କରାଯାଇଥିବା ୧୭ଜଣ ସାକ୍ଷୀ, ୩୦ଟି ଦସ୍ତାବିଜ ଏବଂ ୧୪ ଟି ବାସ୍ତବ ସାମଗ୍ରୀକୁ ଆଧାର କରି ମାନ୍ୟବର ଏଡିଜେ (ପ୍ରଥମ) ସମସ୍ତ ୬ଜଣ ଯାକ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହିତ ପ୍ରତ୍ୟେକଙ୍କୁ ୨୦ ହଜାର ଟଙ୍କା ଲେଖାଏଁ ଜୋରିମାନା ଦେବା ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି ।

## ମାଦକ ଦ୍ରବ୍ୟର ପେଣ୍ଠସ୍ଥଳୀ ପାଲଟିଛି ଝୁମ୍ପୁରା ଅଞ୍ଚଳ

ଝୁମ୍ପୁରା,୨୧/୧୨(ଶ୍ରୁ.ମି):କେନ୍ଦୁଝର ଜିଲାର ଝୁମ୍ପୁରା ବ୍ଲକର ବିଭିନ୍ନ ସ୍ଥାନରେ ଖୋଲା ଖୋଲି ଭାବେ ଦେଶୀ,ବିଦେଶୀ, ତଥା ଗଞ୍ଜେଇ ବିକ୍ରି ହେଉଥିବା ବେଳେ ଅବକାରୀ ବିଭାଗ ତଥା ପୁଲିସ ପ୍ରଶାସନର ନିଦ ଭାଙ୍ଗୁ ନଥିବା ଆଲୋଚନା ହେଉଛି । ଝୁମ୍ପୁରା ବଜାର ଠାରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ଦିନରାତି ଅବାଧରେ ଖୋଲାଖୋଲି ମଦ ବ୍ୟବସାୟ ହେଉଥିବାରୁ ବିଭାଗର ସ୍ୱଚ୍ଛତା ଉପରେ ଏହା ଏକ ବଡ ପ୍ରଶ୍ନବାଚୀ । ଅବକାରୀ ବିଭାଗର ମୋବାଇଲ ସ୍କ୍ୱାର୍ଡ ଏବଂ ପୁଲିସ ପ୍ରଶାସନର ସମ୍ପୂର୍ଣ୍ଣ ନିଷ୍କ୍ରିୟ ହୋଇଥିବା ଯୋଗୁଁ ବିଭିନ୍ନ ସ୍ଥାନରେ ଅତର୍କିତ ଚଢାଉ ବନ୍ଦ ହୋଇଯାଇଛି । ସେହିପରି ମଦ ବ୍ୟତୀତ ଗଞ୍ଜେଇ ଓ ଅନ୍ୟାନ୍ୟ ମାଦକଦ୍ରବ୍ୟ ଅବାଧରେ ବିକ୍ରି ହେଉଥିବା ବେଳେ କେଶ ରୁଜୁ ତ ଦୂରର କଥା ଚଢାଉ ମଧ୍ୟ ହେଉନଥିବାରୁ ଅସାଧୁ ବ୍ୟବସାୟୀଙ୍କର ନିଶା ସମଗ୍ର ଝୁମ୍ପୁରାକୁ ବ୍ୟାପିବାରେ ଲାଗିଛି । ଝୁମ୍ପୁରା ଗ୍ରାମର ବିଭିନ୍ନ ପାନ ଦୋକାନ,ହୋଟେଲ ଏପରିକି ତେଜରାତି ଦୋକାନରେ ବେଧଡକ ମଦ ବିକ୍ରି ଚାଲିଛି । ପୂର୍ବ ଆକାଶରେ ସୂର୍ଯ୍ୟ ଉଇଁ ଆସିଲା ମାତ୍ରେ ଝୁମ୍ପୁରା ବଜାର ସାହି ବସ୍ତି ଗଳିରେ ମଦ ବେପାର ଖୁଲମ ଖୁଲା ଆରମ୍ଭ ହୋଇଯାଏ । ଚୋରାରେ ଅବାଧରେ ମଦ ଓ ଗଞ୍ଜେଇ କାରବାରକୁ ରୋକିବାକୁ ଯାଇ ପୁଲିସ ପ୍ରଶାସନର ବିଭିନ୍ନ ଆଡ୍ଡା ଉପରେ ଚଢାଉ ଜାରି ରଖିଥିଲେ ମଧ୍ୟ ବିଭାଗ ଚଢାଉ କରିବା ପାଇଁ ପ୍ରସ୍ତୁତ ହେବା ସମୟରେ ବିଭାଗର କିଛି ତଳିଆ କର୍ମଚାରୀ ଏହି ବ୍ୟବସାୟ କରୁଥିବା ବ୍ୟକ୍ତିଙ୍କୁ ସୂଚନା ପ୍ରଦାନ କରି ଦେଉଥିବାରୁ ବ୍ୟବସାୟୀ ରଖୁଥିବା ଗଞ୍ଜେଇ, ମଦ ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିତ କରି ଦିଅନ୍ତି । ଫଳରେ ପୁଲିସ କିମ୍ବା ଅବକାରୀ ବିଭାଗ ଉକ୍ତ ଆଡ୍ଡାସ୍ଥଳୀରୁ ନିରାଶ ହୋଇ ଲୋକ ହସା ହୋଇ ଫେରୁଥିବା ଦେଖିବାକୁ ମିଳୁଛି । ପ୍ରତିଦିନ ଥାନା ସମ୍ମୁଖ ଦେଇ ଚୋରା ମଦ ଗଞ୍ଜେଇ ବେପାରୀମାନେ ଦିନ ଦ୍ୱିପହରରେ ନେଇ ଗାଁକୁ ଗାଁ ସାହିକୁ ସାହି ବିକ୍ରୀ କରୁଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ତାଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି ତାହା ବୁଦ୍ଧିଜୀବୀ, ଯୁବଗୋଷ୍ଠୀ, ଶିକ୍ଷାବିତ ମହିଳା ସଂଗଠନକୁ ଆଶ୍ଚର୍ଯ୍ୟାନ୍ୱିତ କରୁଛି । ମଦ କାରବାର ଅବାଧରେ ଚାଲିଥିବାରୁ ୨୦ରୁ ୪୦ ବର୍ଷର ଯୁବକ ବିଷାକ୍ତ ମଦପିଇ ଅକାଳରେ ମୁତ୍ୟୁବରଣ କରୁଥିବାରୁ ପ୍ରତି ସାହିରେ ବିଧବା ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ସରକାର ମଦ ଦୋକାନ ଖୋଲିବା ପାଇଁ ଲାଇସେନ୍ସ ଦେଇଛନ୍ତି । କେଉଁ ପ୍ରଣାଳୀରେ ଏହି ମଦଦୋକାନ ଗୁଡିକ ଚାଲିବ ସେଥିନେଇ ମଧ୍ୟ ନୀତି ନିର୍ଦ୍ଧାରଣ କରାଯାଇଛି । ଯାହା ଲକ୍ଷ୍ୟ କରାଯାଉଛି ବଜାରରେ କୌଣସି ନୀତିନିୟମ ପାଳନ କରାଯାଉନାହିଁ ସବୁଆଡେ ଦେଖିବାକୁ ମିଳୁଛି ଯେ ସତେ ଯେପରି ମଦ ଏକ ସ୍ୱୀକୃତିପ୍ରାପ୍ତ ସାଧାରଣ ପାନୀୟରେ ପରିଣତ ହୋଇଛି । ରାସ୍ତା କଡରେ ଯେପରି ଚାହା ଦୋକାନରୁ ଲୋକ ଚାହା ଟା ପିଉଛନ୍ତି ସେହିପରି ମଦ ଏବେ ସବୁ ପ୍ରକାର ଦୋକାନରେ ମିଳୁଥିବା ଦେଖିବାକୁ ମିଳୁଛି । ଦେଶୀ ବିଦେଶୀ ମଦ ତଥା ଗଞ୍ଜେଇ ପ୍ରଚଳନ ଏପରି ଭାବେ ସ୍ୱୀକୃତି ପ୍ରାପ୍ତ ହୋଇଛି ଯେ କୌଣସି ରାଜନୈତିକ ବ୍ୟକ୍ତି,ଅବକାରୀ ବିଭାଗ, ପୋଲିସ୍ ତଥା ପ୍ରଶାସନିକ ଅଧିକାରୀ ଏହି କାର୍ଯ୍ୟକୁ ବିରୋଧ କରିବା ପାଇଁ ଇଚ୍ଛା ପ୍ରକଟ କରୁ ନଥିବା ଭଳି ଲକ୍ଷ୍ୟ କରାଯାଉଛି । ଝୁମ୍ପୁରା ଅଞ୍ଚଳକୁ ବାହାରୁ ମଦ ଯୋଗାଉଥିବା କିମ୍ବା ପେଟି ପେଟି ମଦ ରଖି ବିକ୍ରି କରୁଥିବା ବ୍ୟକ୍ତି ମାନଙ୍କ ଉପରେ ଝୁମ୍ପୁରା ପୁଲିସ କିମ୍ବା ଅବକାରୀ ବିଭାଗର ଦୃଷ୍ଟି ପଡିପାରୁ ନାହିଁ । କିନ୍ତୁ ଦୁଃଖର ବିଷୟ ମଦ ବ୍ୟବସାୟୀଙ୍କ ଠାରୁ ମଦ ନେଇ ଯିଏ ଘରେ ସାଙ୍ଗ ସାଥି କିମ୍ବା ପର୍ବ ପୁନେଇରେ ପିଇବା ପାଇଁ ଚାହିଁଛି ସେମାନଙ୍କୁ ପୁଲିସ ଏବଂ ଅବକାରୀ ବିଭାଗ ଗିରଫ କରି କୋର୍ଟ ଚାଲାଣ କରି ଜିଲା ପ୍ରଶାସନର ସୁନାପୁଅ ହେବାକୁ ଚେଷ୍ଟା କରୁଛନ୍ତି । କିନ୍ତୁ ଯିଏ ସରକାରୀ ନୀତି ନିୟମକୁ ଖୋଲା ଖୋଲି ଉଲ୍ଲଘଂନ କରି ଦିନ ରାତି ବସି ମଦ ବିକ୍ରି କରୁଛି ସେହି ମହାତ୍ମା ମାନଙ୍କ ଠାରୁ ଦୁଇ ବିଭାଗର କର୍ମଚାରୀ ମାନେ ମୋଟା ଅଙ୍କର ଲାଞ୍ଚ ନେଇ ସେମାନଙ୍କୁ ମାପ୍ କରି ଚାଲିଛନ୍ତି । ଝୁମ୍ପୁରା ଅଞ୍ଚଳରେ ରହିଥିବା ପୁଲିସ ଏବଂ ଅବକାରୀ ବିଭାଗ ମଦବ୍ୟବସାୟୀଙ୍କ ଇଙ୍ଗିତରେ କାର୍ଯ୍ୟକରୁଥିବା କଥା ଦାଣ୍ଡରେ ପଡି ଏବେ ହାଟରେ ଗଡୁଥିରେ ମଧ୍ୟ ତାଙ୍କ ଦୋଷ ମାନିବା ପାଇଁ ନାରାଜ । ଝୁମ୍ପୁରା ଅଞ୍ଚଳରେ ହେଉଥିବା ଅବାଧ ମଦକାରବାରକୁ ରୋକିବା ଦିଗରେ ଜିଲା ଆରୋକ୍ଷୀ ଅଧିକ୍ଷକ ଏବଂ ଉପଖଣ୍ଡ ପ୍ରଶାସନର ଅଧିକାରୀ ମାନେ କଣ ପଦକ୍ଷେପ ନେଉଛନ୍ତି ତାହା ଦେଖିବାର ବାକି ରହିଛି ।

## ଶିଳ୍ପତେଲ କଳର ପୁର୍ନଉଦ୍ଧାର କରିବା ପାଇଁ ଜିଲାପାଳଙ୍କ ଠାରେ ଦାବିପତ୍ର

ଝୁମ୍ପୁରା, ୨୧/୧୨(ଶ୍ରୁ.ମି): ଝୁମ୍ପୁରା ରାଜସ୍ୱ କାର୍ଯ୍ୟାଳୟ ପଛ ଭାଗରେ ରହିଥିବା ସରକାରୀ ପଞ୍ଚାୟତ ଶିଳ୍ପତେଲ କଳର ପୁନରୁଦ୍ଧାର ପାଇଁ ଜିଲାପାଳ ଠାରେ ଅଭିଯୋଗ ହୋଇଥିବା ଜଣାଯାଇଛି । ଝୁମ୍ପୁରା ରାଜସ୍ୱ କାର୍ଯ୍ୟାଳୟ ପଛ ଭାଗରେ ୨ଏକର ୫୦ ଡିସିମିଲ ଜାଗାରେ ସରକାରୀ ପଞ୍ଚାୟତ ଶିଳ୍ପ ତେଲ କଳ ରହିଛି । ଏହି ଶିଳ୍ପତେଲ କଳ ଠିକ୍ ଭାବରେ ଚାଲିଥିଲା କିନ୍ତୁ କୌଣସି କାରଣ ନଥାଇ ତେଲ କଳ ଆଜକୁ ୨୦ ବର୍ଷ ହେଲା ବନ୍ଦ ହୋଇ ପଡିଛି । ଶିଳ୍ପତେଲ କଳ ବନ୍ଦ ହେବାଫଳରେ ଏଠାରେ ରହିଥିବା ବିଭିନ୍ନ ସମାଗ୍ରୀ ଗୁଡିକ ଭାଙ୍ଗି ରୁଜି ଯିବା ସହିତ ଘର ଗୁଡିକର ରକ୍ଷଣା ବେକ୍ଷଣ କରାଯାଉ ନଥିବାରୁ ଏହା ଏବେ ଅଧାଭଙ୍ଗା ଅବସ୍ଥାରେ ରହିଛି । ଏହି ଶିଳ୍ପତେଲ କଳକୁ ଚାଲୁ କରିବା ପାଇଁ ସ୍ଥାନୀୟ ବାସିନ୍ଦା ବାରମ୍ବାର ପ୍ରଶାସନ ପାଖରେ ଅଭିଯୋଗ କରି ଆସୁଥିଲେ ମଧ୍ୟ ପ୍ରଶାସନ ଶିଳ୍ପତେଲ କଳକୁ ଚାଲୁ କରିବା ଦିଗରେ ଆଦୌ ଦୃଷ୍ଟି ଦେଉ ନଥିବାରୁ ଏହି ଶିଳ୍ପତେଲ କଳ ଚାରିପାଖ ଏବେ ଅନାବନା ଗଛ ଉଠିବା ସହିତ ଶିଳ୍ପତେଲ କଳ ପରିସର ଏବେ ଗାଡି ପାକିଂର ପେଣ୍ଠ ସ୍ଥଳି ପାଲିବା ସହିତ ସଂନ୍ଧ୍ୟା ହେଲେ ଏଠାରେ ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳି ପାଲଟି ଯାଉଛି । ସରକାର ତାଙ୍କ ରାଜକୋଷରୁ ବ୍ୟାପକ ଅର୍ଥ ବରାଦ କରି ଏଠାରେ ଶିଳ୍ପତେଲ କଳ ପ୍ରତିଷ୍ଠା କରିବା ଫଳରେ ସ୍ଥାନୀୟ ଜନସାଧାରଣ ଉପକୃତ ହୋଇ ଆସୁଥିଲେ । କିନ୍ତୁ ପରିଚାଳନା ତ୍ରୁଟି ଯୋଗୁଁ ଶିଳ୍ପତେଲ କଳଟି ଆଜକୁ ୨୦ ବର୍ଷ ହେଲା ବନ୍ଦ ହୋଇ ପଡିରହିଛି । ଶିଳ୍ପତେଲ କଳ ପାଇଁ ନିର୍ମାଣ ହୋଇଥିବା କିଛି ଗୃହକୁ ଏବେ କିଛି ଲୋକ ଜବର ଦଖଲ କରି ସାରିଲେଣି । ବିଭାଗ ପକ୍ଷରୁ ସରକାରୀ ଶିଳ୍ପତେଲ କଳର ସରକାରୀ ଜାଗାକୁ ଠିକ୍ ଭାବରେ ରକ୍ଷଣା ବେକ୍ଷଣ କରୁ ନଥିବାରୁ ଏହି ଶିଳ୍ପତେଲ କଳ ପରିସର ଆଉ କିଛି ବର୍ଷ ପରେ ଲୋପ ପାଇ ଜବର ଦଖଲ କାରୀଙ୍କ ଅଧିନକୁ ଚାଲିଯିବାଟା ନିଶ୍ଚୟ ହୋଇ ଯାଇଛି । ଏହି ସରକାରୀ ପଞ୍ଚାୟତ ଶିଳ୍ପତେଲ କଳକୁ ପୁଣିଥରେ ଚାଲୁ କରିବା ଦିଗରେ ଜିଲାପାଳ ସ୍ୱତନ୍ତ ଭାବରେ ଦୃଷ୍ଟି ଦେବାକୁ ୧୭ ନମ୍ବର ଜିଲାପରିଷଦ ସଭ୍ୟ ଅନୁବ୍ରତ ବେହେରା ଲିଖିତ ଅଭିଯୋଗ କରିଛନ୍ତି । ଜିଲାପ୍ରଶାସନ ଏଥିପ୍ରତି ସ୍ୱତନ୍ତ ଭାବେ ଦୃଷ୍ଟି ଦେବାକୁ ଦାବି ହେଉଛି ।

**ରାଜଗାଙ୍ଗପୁର ପୌରପାଳିକା ଦ୍ୱାରା ଟିକସ ବୃଦ୍ଧି ମାମଲା**

## ଟିକସ ବୃଦ୍ଧି ବିରୁଦ୍ଧରେ କଂଗ୍ରେସର ବିକ୍ଷୋଭ



ରାଜଗାଙ୍ଗପୁର,୨୧/୧୨ (ଏଜେନ୍ସି): ରାଜଗାଙ୍ଗପୁର ପୌରପାଳିକା ଦ୍ୱାରା ବିଗତ ମାସରେ ଟିକସ ବୃଦ୍ଧି କରାଯାଇଥିଲା । ତେବେ ଏ ନିଷ୍ପତ୍ତିକୁ ବିରୋଧ କରି ଭାରତୀୟ ଜନତା ପାର୍ଟି ଚଳିତ ମାସ ୮ରେ ପୌରପାଳିକା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲା । ତେବେ ଗତକାଲି କଂଗ୍ରେସ ଦଳ ପକ୍ଷରୁ ମଧ୍ୟ ଏହି ଟିକସ ବୃଦ୍ଧିକୁ ବିରୋଧ କରି ପୌରପାଳିକା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିବା ଜଣାପଡିଛି ।

# ପଟ୍ଟାମୁଣ୍ଡାଇରେ ବିଭିଓ ନିଯୁକ୍ତି ପାଇଁ ଚାଷୀ ମହଲରେ ଦାବି

ପଟ୍ଟାମୁଣ୍ଡାଇ, ୨୧/୧୨(ଶ୍ରୁ.ମି): ରାଜ୍ୟ ସରକାର ପଶୁ ସମ୍ପଦର ବିକାଶ ଉପରେ ଗୁରୁତ୍ୱାରୋପ କରିବା ସହିତ ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି । ଏପରିକି ପଶୁ ସମ୍ପଦ ବିକାଶରେ ବାଧା ଦେଉଥିବା ଅଫିସରମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସାଧାରଣରେ ପ୍ରଶଂସିତ ହୋଇଛନ୍ତି । ମାତ୍ର ବିଭିନ୍ନ ସ୍ଥାନରେ ବିଭିଓ ପଦବୀ ଖାଲି ପଡିଥିବାରୁ ସରକାରୀ କାର୍ଯ୍ୟକ୍ରମ କେତେକାଂଶରେ ବାଧାପ୍ରାପ୍ତ ହୋଇଛି । କେନ୍ଦ୍ରାପଡା ଜିଲ୍ଲାର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ତଥା ରାଜନୈତିକ ସଚେତନ ଅଞ୍ଚଳ ଭାବରେ ପଟ୍ଟାମୁଣ୍ଡାଇର ସୁଖ୍ୟାତି ରହିଛି । ଏ ଅଞ୍ଚଳର ଲୋକମାନେ ବିଶେଷତ କୃଷି ଓ ପଶୁ ସମ୍ପଦ ଉପରେ ନିର୍ଭରଶୀଳ । କୃଷି ଓ ପଶୁ ସମ୍ପଦକୁ ବିନିଯୋଗ କରି ଲୋକମାନେ ନିଜର ଜୀବିକା ନିର୍ବାହ କରିଥାନ୍ତି । ସଂପ୍ରତି ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଅଞ୍ଚଳର ଚାଷୀମାନେ ବାରମ୍ବାର ଫସଲହାନୀର ଶିକାର ହୋଇ ଆର୍ଥିକ ଅନାଟନ ମଧ୍ୟରେ ଗତି କରୁଛନ୍ତି । ଏଭଳି ପରିସ୍ଥିତିରେ ପଶୁ ସମ୍ପଦହିଁ ସେମାନଙ୍କ ରୋଜଗାରର ଏକମାତ୍ର ମାଧ୍ୟମ ହୋଇ ଠିଆ ହୋଇଛି । ଚାଷୀମାନେ ଗାଈ, ଛେଳି, ମେଣ୍ଢା, ବତକ, କୁକୁଡା ଆଦି ପାଳନ କରି ଗୁଜୁରାଣ ମେଣ୍ଟାଉଛନ୍ତି । ପଟ୍ଟାମୁଣ୍ଡାଇ ବ୍ଲକର ଅଣ୍ଡରା, ଅମୃତମଣୋହି, ବଲୁରିଆ, ପେଣ୍ଡୁପାଳ, ତରଡିପାଳ, ଅଳପୁଆ, ସିଂହଗାଁ, ବାଛରା, ବାଲିପାଟଣା, ଶାସନ, ଶ୍ରୀରାମପୁର, ଡାମରପୁର, ବଳଭଦ୍ରପୁର, ଚନ୍ଦନଗର, ସଂସାରଫଳ , ଖଣତା, ଓଉପଦା, ଦୋକ୍ଷିଆ, ବିଲିକଣା, ବଡପଡା, ବଡମୋହନପୁର, ଦିହୁଡିପୁର, ଖଡିଅଣ୍ଟା, ଗଙ୍ଗାରାମପୁର, ସାନଜରିଆ, ଅରଡପଲ୍ଲୀ, ନରସିଂହପୁର, ଡିହାପଡା, ବଡମୁଳବସନ୍ତ ଆଦି ପଞ୍ଚାୟତ ଓ ପୌରାଞ୍ଚଳର ବାଲିପଡା, କଷଣଅଣ୍ଟା, ତଳବାଲିପଡା, ବଳଦେବନଗର, ସିଦ୍ଧପାଟଣା, ତନୁପୁର, ନନ୍ଦିନୀନଗର, ପୋଖରୀଆପଡା, ମାଟିଆ, ଷଣ୍ଢପଲ୍ଲୀ, ଅଳଭା, ନୂଆଗାଁ, କାକୁଡିପଲ୍ଲୀ, ବକ୍ତାରପୁର ଆଦି ଅଞ୍ଚଳର ଲୋକମାନେ କୃଷି ଓ ପଶୁ ସମ୍ପଦ ଉପରେ ନିର୍ଭର କରି ଗୁଜୁରାଣ ମେଣ୍ଟାଇଥାନ୍ତି । ଏହି ଅଞ୍ଚଳ ଗୁଡିକର ଏକାଧିକ ଦୁଗ୍ଧଚାଷୀ ଜିଲ୍ଲା ତଥା ରାଜ୍ୟର ବିଭିନ୍ନ ଅଞ୍ଚଳକୁ ଦୁଗ୍ଧ ଯୋଗାଣ କରିଥାନ୍ତି । ପଟ୍ଟାମୁଣ୍ଡାଇ ବ୍ଲକରେ ପଶୁ ସମ୍ପଦର ସୁରକ୍ଷା ପାଇଁ ସରକାର ବ୍ଲକ ପଶୁ ଚିକିତ୍ସା ଅଧିକାରୀ ଭାବରେ ଡା. ସଞ୍ଜୟ କୁମାର ବେହେରାଙ୍କୁ ନିଯୁକ୍ତି ଦେଇଥିଲେ । ମାତ୍ର ସେ ନିୟମିତ କାର୍ଯ୍ୟରେ ଅନୁପସ୍ଥିତ ରହିବା ଓ ପଶୁ ସମ୍ପଦ ସୁରକ୍ଷା ଦିଗରେ ଅବହେଳା କରୁଥିବା ନେଇ ଚାଷୀମାନେ ଅସନ୍ତୋଷ ପ୍ରକାଶ କରି ସରକାରଙ୍କ ନିକଟରେ ଅଭିଯୋଗ କରିଥିଲେ । ରାଜ୍ୟ ସରକାର ପଟ୍ଟାମୁଣ୍ଡାଇ ଅଞ୍ଚଳର ଚାଷୀମାନଙ୍କ ଅଭିଯୋଗକୁ ଗୁରୁତର ସହ ଗ୍ରହଣ କରି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ । ସରକାରୀ ତଦନ୍ତ ପରେ ଅଭିଯୋଗର ସତ୍ୟତା ଜଣାପଡିବାରୁ ସରକାର ବିଭିଓ ଡା. ବେହେରାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଥିଲେ । ପଟ୍ଟାମୁଣ୍ଡାଇ ଅଞ୍ଚଳର ଚାଷୀମାନେ ସରକାରଙ୍କ କାର୍ଯ୍ୟାନୁଷ୍ଠାନକୁ ସ୍ୱାଗତ କରିଛନ୍ତି । ମାତ୍ର ବିଭିଓ ନିଲମ୍ବିତ ହେବା ପରେ ପଶୁ ସମ୍ପଦ ସୁରକ୍ଷା କ୍ଷେତ୍ରରେ ଦେଖା ଦେଇଥିବା ଅଚଳାବସ୍ଥାକୁ ଦୂର କରିବା ପାଇଁ ପଟ୍ଟାମୁଣ୍ଡାଇ ଅତିରିକ୍ତ ପଶୁ ଚିକିତ୍ସାଧିକାରୀ ଡା. କିଶୋର ଚନ୍ଦ୍ର ଦାସ ତ୍ୱରିତ ପଦକ୍ଷେପ ଗ୍ରହଣ କରି ପଶୁ ଚିକିତ୍ସା ବ୍ୟବସ୍ଥାକୁ ବହୁ କଷ୍ଟରେ ଚଳାଇ ରଖିଛନ୍ତି । ପଶୁ ଚିକିତ୍ସା ବ୍ୟବସ୍ଥାକୁ ଅଧିକ ତ୍ୱରାନ୍ୱିତ ଓ ଫଳପ୍ରଦ କରିବା ପାଇଁ ବ୍ଲକ ପଶୁ ଚିକିତ୍ସାଧିକାରୀ ନିଯୁକ୍ତି ଜରୁରୀ ହୋଇପଡିଛି । ସରକାର ବିଭିଓ ଡା. ବେହେରାଙ୍କୁ ନିଲମ୍ବିତ କରିବା ପରେ ନିଯୁକ୍ତି ଦେଇଥିବା ନୂତନ ବ୍ଲକ ପଶୂ ଚିକିତ୍ସାଧିକାରୀ ଅଦ୍ୟାବଧି କାର୍ଯ୍ୟରେ ଯୋଗ ଦେଇନାହାନ୍ତି । ଫଳରେ ପଟ୍ଟାମୁଣ୍ଡାଇରେ ବ୍ଲକ ପଶୁ ଚିକିତ୍ସାଧିକାରୀ ପଦ ଖାଲି ପଡିଛି । ରାଜ୍ୟ ପଶୁସମ୍ପଦ ବିକାଶମନ୍ତ୍ରୀ ତଥା ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ପଟ୍ଟାମୁଣ୍ଡାଇରେ ଅବିଳମ୍ବେ ବ୍ଲକ ପଶୁ ଚିକିତ୍ସାଧିକାରୀ ନିଯୁକ୍ତି କରିବା ପାଇଁ ଚାଷୀମହଲରେ ଦାବି ହେଉଛି ।

# ଦୁଇ ଆନ୍ତରାଜ୍ୟ ଡକାୟତ ଗିରଫ

କେନ୍ଦୁଝର, ୨୧/୧୨(ଶ୍ରୁ.ମି): କେନ୍ଦୁଝର ସଦର ପୋଲିସକୁ ମିଳିଲା ବଡ ଧରଣ ସଫଳତା । ବେଲଦା ଘାଟି ନିକଟରେ ଡକାୟତି କରିବା ପାଇଁ ଯୋଜନା କରୁଥିବା ସମୟରେ କାଲି ସନ୍ଧ୍ୟାରେ ସଦର ପୋଲିସ ଖବର ପାଇ ଅଞ୍ଚଳକୁ ଘେରି ଦୁଇ ଜଣକୁ କାବୁ କରିବାରେ ସକ୍ଷମ ହୋଇଛନ୍ତି । ଆଉ ୫ ଜଣ ଅନ୍ଧାରର ସୁଯୋଗ ନେଇ ପୋଲିସକୁ ଚକମା ଦେଖାଇ ଫେରାର ହୋଇ ଯିବାରେ ସଫଳ ହୋଇଛନ୍ତି । ଖାନ୍ତଲାସି ସମୟରେ ତାଙ୍କ ନିକଟରୁ ନଗଦ ୨ ଲକ୍ଷ ୧୦ ହଜାର ଟଙ୍କା, ଗୋଟିଏ ବାଇ, ୨ ମୋବାଇଲ, ବହୁ ଧାରୁଆ ମାରଣାସ୍ତ୍ର ସହ ଏଟିଏମ କାଡ, ପାସ୍ ବହି ଆଦି ଜବତ କରିଥଲେ । ତଦନ୍ତ ପରେ ସେମାନେ ଉତ୍ତରପ୍ରଦେଶ, ଝାଡଖଣ୍ଡ, ପଶ୍ଚିମବଙ୍ଗ ସମେତ ରାଜ୍ୟର ବହୁ ଜିଲ୍ଲାରେ ଡକାୟତି କରିଥିବା ସ୍ୱୀକାର କରିଛନ୍ତି । ସେଥିମଧ୍ୟରୁ କେନ୍ଦୁଝର ଜିଲ୍ଲାରେ ୧୪ ଘଟଣା ଘଟାଇ ଥିବା ସ୍ୱୀକାର କରିଛନ୍ତି ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



ନିମାପଡା, ୨୧/୧୨(ଶ୍ରୁ.ମି): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୭ତମ ବର୍ଷିକ ଉତ୍ସବ ଆଜି ଅପରାହ୍ନରେ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ଉତ୍ସବରେ ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ, ପ୍ରାକ୍ତନ ସାଂସଦ ତଥା ପରିଚାଳନା ସମିତି ସଭାପତି ଭବାନୀଚରଣ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ । ସ୍ଥାନୀୟ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସମୀର ରନ ଦାଶ ମୁଖ୍ୟ ଅତିଥି, ଶିକ୍ଷାବିକାଶ ସମିତି, ଓଡ଼ିଶା ପୂର୍ବ ସଂଭାଗର କୋଷାଧ୍ୟକ୍ଷ ସତ୍ୟନାରାୟଣ ପଟ୍ଟନାୟକ ମୁଖ୍ୟବକ୍ତା, ନିମାପଡ଼ା ବ୍ଲକ ଶିକ୍ଷାଧିକାରୀ ଅନିଲ୍ କୁମାର ବିଶ୍ୱାଳ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଶିକ୍ଷା କ୍ଷେତ୍ରରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଶିକ୍ଷାଦାନ ପଦ୍ଧତି ବେଶ ଉଚ୍ଚ କୋଟୀର ବୋଲି କହିଥିଲେ । ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିବେଷଣ ହୋଇଥିବା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ ଚିତ୍ତାକର୍ଷକ ଥିଲା । ପ୍ରଧାନ ଆଚାର୍ଯ୍ୟ ପୂର୍ଣ୍ଣଚନ୍ଦ୍ର ପଣ୍ଡା ସ୍ୱାଗତ ଭାଷଣ ଦେବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ । ସମ୍ପାଦକ ଦିଲ୍ଲୀପ କୁମାର ଦାସ ଉପସ୍ଥିତ ଥିଲେ । ଉତ୍ସବରେ ସମସ୍ତ ଛାତ୍ରଛାତ୍ରୀ, ଗୁରୁଜୀ/ଗୁରୁମା, ଅଭିଭାବକଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

# ନିମାପଡା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉଦ୍‌ଯାପିତ

ନିମାପଡ଼ା, ୨୧/୧୨(ଶ୍ରୁ.ମି): ସ୍ଥାନୀୟ ଉଚ୍ଚ ବିଦ୍ୟାଳୟରେ ଦୁଇଦିନ ବ୍ୟାପି ଅନୁଷ୍ଠିତ ହୋଇଥିବା ବାର୍ଷିକ କ୍ରୀଡା ଉତ୍ସବ ଆଜି ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଯୁକ୍ତା ମହାନ୍ତି ଅଧ୍ୟକ୍ଷତା କରିଥିବା ବେଳେ ଏ ଅଞ୍ଚଳର ବିଶିଷ୍ଟ ଫୁଟବଲ୍ ଖେଳାଳୀ ତଥା ସମାଜସେବୀ ମହେନ୍ଦ୍ର ସିଂ ଭାଟିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ । ବିଶେଷ କରି ବରିଷ୍ଠ ବିଭାଗର ତପନ ନାୟକ, କନିଷ୍ଠ ବିଭାଗର ଗୋପାଳ ମହାକୁଡଙ୍କୁ ଚାମ୍ପିଅନ ଟ୍ରଫି ସହ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । ଚଳିତ ବର୍ଷରେ ବିଦ୍ୟାଳୟରେ ସର୍ବଶ୍ରେଷ୍ଠ ଖେଳାଳୀଭାବେ ଜ୍ଞାନରଞ୍ଜନ ନାୟକଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା । ଶାରୀରିକ ଶିକ୍ଷା ଶିକ୍ଷକ ରିତ କେଶରୀ ନାୟକ ଏହାକୁ ପରିଚାଳନା କରିଥିଲେ । ଶିକ୍ଷକ ଦୁର୍ଗା ପ୍ରସାଦ ବାରିକ, ତ୍ରିଲୋଚନ ବେହେରା, ବିଷ୍ଣୁ ଚରଣ ବେହେରା, ଅକ୍ଷୟ କୁମାର ମହାନ୍ତି, ଜ୍ୟୋତିରଞ୍ଜନ ରଥଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

# ଖୋର୍ଦ୍ଧା ମହୋତ୍ସବ ଉଦ୍‌ଯାପିତ

ଖୋର୍ଦ୍ଧା, ୨୧/୧୨(ଶ୍ରୁ.ମି): ଖୋର୍ଦ୍ଧା ଷ୍ଟାଡିୟମରେ ଦୀର୍ଘ ୭ ଦିନ ଧରି ଚାଲିଥିବା ଖୋର୍ଦ୍ଧା ମହୋତ୍ସବର ଅଷ୍ଟାଦଶ ବାର୍ଷିକ ଉଦ୍‌ଯାପନୀ ସମାରୋହ ଆଜି ନିଉ ଥିଙ୍କିଙ୍ଗ୍ ଫୋରମ୍ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ସଭାପତି ଡ. ଦିଲ୍ଲୀପ କୁମାର ଶ୍ରୀଚନ୍ଦନଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ରୂପେ ମାନ୍ୟବର ଅର୍ଥ ବିଭାଗ ମନ୍ତ୍ରୀ ଶଶୀ ଭୂଷଣ ବେହେରା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ପ୍ରତାପ କୁମାର ଜେନା, ସାଂସଦ ଡ. ପ୍ରସନ୍ନ କୁମାର ପାଟଶାଣୀ, ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର, ବିଧାନ ଚନ୍ଦ୍ର ମହାନ୍ତି, ଗୀତା ଗବେଷଣା ପରିଷଦର ସଭାପତି ଶକ୍ତି ଶଙ୍କର ମିଶ୍ର, ବିଶିଷ୍ଟ ସମାଜସେବୀ ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକ, ତାପଙ୍ଗ ଦଳବେହେରା ସ୍ମୃତି ପରିଷଦର କାର୍ଯ୍ୟକାରୀ ସଭାପତି କୃଷ୍ଣ ଚନ୍ଦ୍ର ହରିଚନ୍ଦନ, କଳିଙ୍ଗ ପାଇକ ସଂଗଠନର ଉପଦେଷ୍ଟା ପ୍ରଫୁଲ୍ଲ କୁମାର ସାମନ୍ତରାୟ ଯୋଗଦେଇଥିଲେ । ପାଇକ ବିଦ୍ରୋହର ଦୁଇ ଶହ ବର୍ଷ ପୂର୍ତ୍ତି ପାଳନ ଅବସରରେ ଏହା ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ରୂପେ ବିବେଚନା କରାଯାଉଥିବା ବେଳେ ଖୋର୍ଦ୍ଧା ମହୋତ୍ସବ ବେସରକାରୀ ଉଦ୍ୟମରେ ରାଜ୍ୟରେ ପ୍ରଥମ କରି ପାଳିତ ହୋଇଥିଲା । ଏଠାରେ ବିପୁଳ ସଂଖ୍ୟକ ଜନସମାଗମ ମହୋତ୍ସବର ମର୍ଯ୍ୟାଦା ବୃଦ୍ଧି କରିଛି ବୋଲି ବ୍ୟକ୍ତ କରିଥିଲେ । ନିଉ ଥିଙ୍କିଙ୍ଗ୍ ଫୋରମ୍ର କାର୍ଯ୍ୟକାରୀ ସଭାପତି ନରେନ୍ଦ୍ର କୁମାର ପୃଷ୍ଟି ସ୍ୱାଗତ ଭାଷଣ ଓ ସମ୍ପାଦକ ସଞ୍ଜୟ କୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ । ମହୋତ୍ସବ କମିଟି ପକ୍ଷରୁ ୧୯ ଜଣଙ୍କୁ ଖୋରଧା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ସେମାନେ ହେଲେ ଖୋର୍ଦ୍ଧାର ବର୍ଷିଆନ୍ କ୍ରୀଡ଼ାବିତ୍ ରାଧାଗୋବିନ୍ଦ ଦାସ, ଷ୍ଟୋର ଉପଦେଷ୍ଟା, ବିଶିଷ୍ଟ କ୍ରୀଡ଼ାବିତ୍, ସମାଜସେବୀ ତଥା ଟାଙ୍ଗୀର ସାମ୍ବାଦିକ ପଦ୍ମନାଭ ବିଶ୍ୱାଳ, ସାହିତ୍ୟିକ ତଥା ଐତିହାସିକ ସତ୍ୟବାଦୀ ବଳିଆରସିଂହ, ଶିକ୍ଷାବିତ୍ ଦୟାନିଧି ସାହୁ, ସାହିତ୍ୟିକ ବୈକୁଣ୍ଠ ନାଥ ରାଜଗୁରୁ, ଉତ୍କଳ ସଙ୍ଗୀତ ମହା ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ. ସ୍ନେହପ୍ରଭା ସାମନ୍ତରାୟ, କବି ଗୋବିନ୍ଦ ଚନ୍ଦ୍ର ମହାରଣା, ପରିବେଶବିତ୍ ନାରାୟଣ ଦାସ, ମଂଚ ଉପସ୍ଥାପକ ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ, ସାମ୍ବାଦିକତା ପାଇଁ ସମ୍ବାଦର ଶ୍ରୀନାଥ ଜେନା ଓ ଧରିତ୍ରୀର ଲୋକନାଥ ମିଶ୍ର, ଶିକ୍ଷା ବିକାଶ ପାଇଁ ଶୁଭ୍ରାଂସୁ ରଞ୍ଜନ ସାମନ୍ତରାୟ, ନୃତ୍ୟ ଓ ସଙ୍ଗୀତ ପାଇଁ ଶ୍ରୀମତୀ ରଶ୍ମୀ ସୁବୁଦ୍ଧି, ପ୍ରଶାସନିକ ସେବା ପାଇଁ ଭାରତ ଭୂଷଣ ଜଗଦେବ, ମଂଚ ନିର୍ଦ୍ଦେଶକ ଭାବେ ସନ୍ତୋଷ କୁମାର ମହାନ୍ତି, ମହୋତ୍ସବ ଆୟୋଜକ ଭାବେ ସୁକାନ୍ତ କୁମାର ମଙ୍ଗରାଜ, ମଂଚ ଉପସ୍ଥାପିକା ଭାବେ କୁମାରୀ ପ୍ରେରଣା ପ୍ରତୀକ୍ଷା, କୁମାରୀ ଅନନ୍ୟା ମିଶ୍ର ଓ ଗୀତାଞ୍ଜଳୀ ସାହୁ । ଆଜିର ସଙ୍ଗୀତ ନୃତ୍ୟ କାର୍ଯ୍ୟକ୍ରମରେ ଦୀନବନ୍ଧୁ ବିଶ୍ୱାଳଙ୍କ ପରିଚାଳିତ ମା ଅଁଳେଇ ପାଇକ ଆଖଡ଼ା, ଦୟାଳ ୱେଲଫାର ସଂଗଠନର ଗୋଷ୍ଠୀ ନୃତ୍ୟ, ଭୁବନେଶ୍ୱର ନୂପୁରର ଭାରତଯାତ୍ରା, ଓସ୍ତପୁରର ଘୋଡ଼ାନାଚ, ମଣିଲାଲ ଡ୍ୟାନ୍ସ ଗ୍ରୁପର ଜାତୀୟତାବୋଧ ନୃତ୍ୟ ଏବଂ ମାଳବିକା ଦାସଙ୍କ ନିର୍ଦ୍ଦେଶିତ ନୃତ୍ୟାୟନ ପକ୍ଷରୁ ଦଳବଦ୍ଧ ନୃତ୍ୟ ଦର୍ଶକମାନଙ୍କୁ ମୁଗ୍ଧ କରିଥିଲା । ଗତକାଲି ଭଳି ଆଜି ମଧ୍ୟ ପ୍ରବଳ ଜନଗହଳି ଉପଲବ୍ଧି ହୋଇଥିଲା ।

# ଜିଲ୍ଲା ବ୍ରାହ୍ମଣ ମହାସଭାର ପ୍ରତିବାଦ ସଭା

ବଲାଙ୍ଗିର, ୨୧/୧୨(ଶ୍ରୁ.ମି):ବଲାଙ୍ଗିର ଜିଲ୍ଲା ବ୍ରାହ୍ମଣ ମହାସଭାର ଏକ ଜରୁରୀ ବୈଠକ ସ୍ଥାନୀୟ ନରସିଂହ ମନ୍ଦିର ପ୍ରାଙ୍ଗଣରେ ମହାସଭାର ସଭାପତି ସତ୍ୟବନ୍ତ ବେଦ୍‌ବାକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଗଣମାଧ୍ୟମରେ ପ୍ରକାଶିତ ରାଜ୍ୟ ସରକାରଙ୍କ ବରିଷ୍ଠ ମନ୍ତ୍ରୀ ଦାମୋଦର ରାଉତଙ୍କ ବ୍ରାହ୍ମଣ ବିରୋଧି ମନ୍ତବ୍ୟ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା । ଉପସ୍ଥିତ ସଭ୍ୟଗଣ ମନ୍ତ୍ରୀଙ୍କ ଏହି ପ୍ରକାର ମନ୍ତବ୍ୟର ତୀବ୍ର ଅସନ୍ତୋଷ ପ୍ରକଟ କରିବା ସହିତ ଏହା ଅତ୍ୟନ୍ତ ଦୁଃଖ ଦାୟକ ଏବଂ ନିନ୍ଦନୀୟ ବୋଲି କ୍ଷୋଭ ପ୍ରକାଶ କରିଥିଲେ । ଉପରୋକ୍ତ ସଭାରେ ନୀଳମଣି ମିଶ୍ର , ରଘୁନାଥ ମିଶ୍ର , ଅଚ୍ୟୁତାନନ୍ଦ ଉଦ୍‌ଗାତା , ପଶୁରାମ ନାୟକ , ଧର୍ମବ୍ରତ ରଥ , ପଣ୍ଡିତ ଗିରିଧାରୀ ଶତପଥି , ପ୍ରକାଶ ଦାଶ ଓ ମଦନମୋହନ ରଥ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ବଲାଙ୍ଗିର ନିର୍ବାଚନ ମଣ୍ଡଳସ୍ତରୀୟ କମିଟିର ସଭାପତି ଜୟରାମ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ମଧୁମେହ ରୋଗ ନିରାକରଣ ତାଲିମ କେନ୍ଦ୍ର ଉଦ୍‌ଘାଟିତ



ପଟ୍ଟାମୁଣ୍ଡାଇ, ୨୧/୧୨(ଶ୍ରୁ.ମି): ସ୍ୱେଚ୍ଛାସେବୀ ସଂଗଠନ ରିସୁଆ ପକ୍ଷରୁ ସ୍ଥାନୀୟ ପେଟ୍ରୋଲ ପମ୍ପ ନିକଟସ୍ଥ ସ୍ୱାସ୍ଥ୍ୟସେବା ଭବନ ଠାରେ ମଧୁମେହ ନିରାକରଣ ତାଲିମ କେନ୍ଦ୍ର ଉଦଘାଟିତ ହୋଇଯାଇଛି । ଏହି ଉପଲକ୍ଷ୍ୟେ ନଳିନୀକାନ୍ତ ସ୍ୱାଇଁଙ୍କ ପୌରହିତ୍ୟରେ ଆୟୋଜିତ ଉତ୍ସବରେ ଡା. କୃଷ୍ଣଚନ୍ଦ୍ର ପରିଡା ମୁଖ୍ୟଅତିଥି ଭାବେ ଯୋଗ ଦେଇ ତାଲିମ କେନ୍ଦ୍ରକୁ ଉଦଘାଟନୀ କରିବା ସହିତ ମଧୁମେହ ରୋଗର ନିରାକରଣ ଦିଗରେ ଯୁବ ଛାତ୍ରସମାଜ ନିଷ୍ଠାପର ଭାବେ ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ । ସାମ୍ବାଦିକ ଅନୀଲ ଚୌଧୁରୀ ସମ୍ମାନୀତଅତିଥି ଭାବେ ଯୋଗ ଦେଇଥିଲେ । ରିସୁଆ ମୁଖ୍ୟ ସଂଯୋଜକ ଲିଆକତ ହୁସେନ ସ୍ୱାଗତଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ତାଲିମ କେନ୍ଦ୍ରରେ ୩ମାସ ଧରି ବେକାର ଯୁବକ/ଯୁବତୀମାନଙ୍କୁ ସ୍ୱାସ୍ଥ୍ୟ ସଚେତନତା ପ୍ରଶିକ୍ଷଣ ଦିଆଯିବା ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ପଟ୍ଟାମୁଣ୍ଡାଇ, ଆଳି, ରାଜନଗର ଓ ରାଜକନିକାର ଶତାଧିକ ସ୍ୱେଚ୍ଛାସେବୀ ଉପସ୍ଥିତଥିଲେ । ଏହି କାର୍ଯ୍ୟକ୍ରମକୁ ମମତା ଲେଙ୍କା, ପିତାମ୍ବର ଜେନା, ସ୍ୱର୍ଣ୍ଣଲତା ରାଉତ ପ୍ରମୁଖ ପରିଚାଳନା କରିଥିଲେ ।

# ଆଇନ ସଚେତନତା ଓ ସହାୟତା ଶିବିର

ଖୋର୍ଦ୍ଧା, ୨୧/୧୨(ଶ୍ରୁ.ମି): ଗତକାଲି ସନ୍ଧ୍ୟାରେ ଖୋର୍ଦ୍ଧାର ରୋଟାରୀ କ୍ଲବ ପରିସରରେ ଏକ ଆଇନ ସଚେତନତା ଓ ସହାୟତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହା ଖୋର୍ଦ୍ଧାର ରୋଟାରୀ କ୍ଲବ ଓ ତାଲୁକ ଆଇନ ସହାୟତା ସମିତି ପକ୍ଷରୁ ଅନୁଷ୍ଠିତ ହୋଇଥିଲା । ଏଥିରେ ରୋଟାରିଆନ୍, 'ଇନର ହୁଇଲ' ସଭ୍ୟା, ନିମନ୍ତ୍ରିତ ଅତିଥି ବହୁ ସଂଖ୍ୟାରେ ଯୋଗ ଦେଇଥିଲେ । ସଭାର ପ୍ରାରମ୍ଭରେ ରୋଟାରୀ କ୍ଲବର ସଭାପତି ହେମନ୍ତ କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ । ସଭା ଶେଷରେ ସମ୍ପାଦକ ରୋଟାରୀଆନ୍ ଦେବ ପ୍ରସାଦ ମଜୁମଦାର ଧନ୍ୟବାଦ ଅର୍ପଣ କରିଥିଲେ । ରୋଟାରୀଆନ୍ ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଏହି ସଭାରେ ସଭାପତିତ୍ୱ କରି ଅତିରିକ୍ତ ଜିଲ୍ଲା ଜଜ୍ ଶ୍ରୀଯୁକ୍ତ ଲଳିତ କୁମାର ଦାସ ଆଇନ୍ ସହାୟତା ଓ ସଚେତନତା ବିଷୟରେ ତାଙ୍କର ବକ୍ତବ୍ୟ ରଖିଥିଲେ ଏବଂ ମୂଲ୍ୟବାନ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପରିବାର ଅଦାଲତ, ଖୋର୍ଦ୍ଧାର ବିଚାରପତି ଶ୍ରୀ ଅରବିନ୍ଦ ଗୁରୁ ବହୁ ଦୃଷ୍ଟାନ୍ତ ଦେଇ ପରିବାରମାନଙ୍କରେ କିପରି ଶାନ୍ତି ଓ ସଂହତି ପ୍ରତିଷ୍ଠା ହେବ ସେ ବିଷୟରେ କହିଥିଲେ । ଅତିରିକ୍ତ ଜିଲ୍ଲାଜଜ୍ ଶ୍ରୀ ଧନୁର୍ଦ୍ଧର ସେନାପତି ବିଷୟବସ୍ତୁ ଉପରେ ସାରଗର୍ଭକ ଭାଷଣ ଦେଇଥିଲେ । ଏସ୍.ଡି.ଜେ.ଏମ୍. ସୁଶ୍ରୀ ସଙ୍ଗୀତା ମହାପାତ୍ର ମଧ୍ୟ ତାଙ୍କର ବକ୍ତବ୍ୟ ରଖିଥିଲେ । ତାଲୁକ ସମିତି, ଗ୍ରାମାଞ୍ଚଳରେ ରୋଟାରୀଆନ୍‌ମାନେ କିପରି ଆଇନ୍ ସହାୟତା ବିଷୟରେ ଜନସାଧାରଣଙ୍କୁ ଅନୁପ୍ରାଣିତ କରିବେ ସେକଥା କହିଥିଲେ । ଖୋର୍ଦ୍ଧା ନ୍ୟାୟାଳୟର ସମସ୍ତ ବିଚାରପତିମାନେ ଶ୍ରୀ ସୁରେନ୍ଦ୍ର କୁମାର ପାଢ଼ୀ ଓ ଶ୍ରୀ ବିକାଶ ଚନ୍ଦ୍ର ଦେ, ବାର ଆସୋସିଏସନ୍ ସଭାପତି ଶ୍ରୀ ଶିଶିର କୁମାର ପରିଡ଼ା, ବରିଷ୍ଠ ଆଇନଜୀବୀ ଶ୍ରୀ ରଜନୀକାନ୍ତ ପଟ୍ଟନାୟକ ମଧ୍ୟ ଉଦ୍‌ବୋଧନ ଦେଇଥିଲେ । ସଭାର ଶେଷ ପର୍ଯ୍ୟାୟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ରୋଟାରୀଆନ୍ ନରସିଂହ ପଟ୍ଟନାୟକ, ଶ୍ରୀ ସୁବାସ ଛୋଟରାୟ, ଡାକ୍ତର ଅମୀୟ ଜେନାମଣି, ଶ୍ରୀ ମନୋଜ କୁମାର ପ୍ରଧାନ ଓ ଗୋପାଳ କୃଷ୍ଣ ଦାସ ପ୍ରଭୃତି ଭାଗ ନେଇଥିଲେ ।

# ରାଜନଗରରେ ଓଷ୍ଟା ପକ୍ଷରୁ ଶିଶୁ ଉତ୍ସବ ଅନୁଷ୍ଠିତ

ରାଜନଗର, ୨୧/୧୨(ଶ୍ରୁ.ମି): ରାଜନଗର ବ୍ଲକ ମାଧ୍ୟମିକ ସ୍କୁଲ ଶିକ୍ଷକ ସଙ୍ଘ (ଓଷ୍ଟା) ପକ୍ଷରୁ ବାସୁଦେବ ବିଦ୍ୟାପୀଠ କଣ୍ଡିରା ଠାରେ ୨୮ତମ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସଙ୍ଘର ବ୍ଲକ ସଭାପତି ସୀତାକାନ୍ତ ରାଉଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ଶିକ୍ଷାବିତ ଅନନ୍ତ ଚରଣ ମହାନ୍ତି ଉଦଘାଟନ କରିଥିଲେ । ମୁଖ୍ୟ ଅତିଥି ଭାବେ ରାଜନଗର ପଚଂାୟତ ସମିତି ଅଧ୍ୟକ୍ଷ ଜୟରାମସେଠୀ, ବରେଣ୍ୟ ଅତିଥି ଭାବେ ବିଆରସିସି ଉମାକାନ୍ତ ମହାନ୍ତି, ସାମ୍ବାଦିକ ଜଗନ୍ନାଥ ଦାସ, ସରପଚଂ ଦିପ୍ତିମୟୀ ବେହେରା, ଶିକ୍ଷକନେତା ଭାଗ୍ୟଧର ସ୍ୱାଇଁ, ଶିକ୍ଷାବିତ କୃତିବାସ ପରିଡା, ସମାଜସେବୀ ଅମରକୁମାର ରାଉତ ଯୋଗ ଦେଇଥିଲେ । ଉଦଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ତହସିଲଦାର କ୍ଷିରୋଦକୁମାର ବେହେରା, ଜିଲ୍ଲା ସଂପାଦକ ତପନସିଂ, ରାଜ୍ୟ ପ୍ରାକ୍ତନ ସଂପାଦକ ତ୍ରୈଲୋକ୍ୟ ସ୍ୱାଇଁ, ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟ , ଅବସରପ୍ରାପ୍ତ ଏବିଇଓ ବିଜୟକୁମାର ଜେନା ପ୍ରମୁଖ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବକ୍ତୃତା, ସଙ୍ଗୀତ, ଗଳ୍ପଲିଖନ, କବିତା ଲିଖନ, କବିତା ଆବୃତି, ନୃତ୍ୟ, ଏକକ ଅଭିନୟ, ଚିତ୍ରାଙ୍କନ, ସାଧାରଣ ଜ୍ଞାନ, କୁଇଜ ପ୍ରଭୃତି ପ୍ରତିଯୋଗିତା କରାଯାଇଥିଲା । ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୨୮୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସଭାପତି କ୍ଷିରୋଦ କୁମାରମଲ୍ଲିକ, ବ୍ଲକ ସଂପାଦକ ମହେଶ୍ୱର ରାଉତଙ୍କ ସହ ବିଜୟକୁମାର ପାତ୍ର, ଶୁଭ୍ରଜକୁମାର ବରାଳ ପ୍ରମୁଖ ପରିଚାଳନା କରିଥିଲେ । ବିଚାରକ ଭାବେ କବି ଶତ୍ରୁଘନ ତରାଇ, ବିମଳାସେନ, ଅଧ୍ୟାପକ ପୁଷ୍ପକରନରାଉତ, ଅଧ୍ୟାପକ ଚିତରନ ସ୍ୱାଇଁ, ଶିକ୍ଷାବିତ ଅଶ୍ୱିନୀ ପାତ୍ର, ଅକ୍ଷୟ ନନ୍ଦ କଳାକାର କ୍ଷିରୋଦ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ ।

# ଖୋର୍ଦ୍ଧା ଡାଏଟ୍‌ରେ ଗୁଣାତ୍ମକ ଶିକ୍ଷା କର୍ମଶାଳା



ଖୋର୍ଦ୍ଧା, ୨୧/୧୨ (ଶ୍ରୁ.ମି): ଖୋର୍ଦ୍ଧା ଜିଲା ଶିକ୍ଷା ପ୍ରତିଷ୍ଠାନରେ ଜିଲା ସ୍ତରୀୟ ସେମିନାର ୨୦ ଓ ୨୧ ତାରିଖ ଦୁଇ ଦିନ ଧରି ଅଧ୍ୟକ୍ଷା ଡ. ମଂଜୁବାଳା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ଡ. ଲିପିକା ସାହୁ ଏହି ସେମିନାରର ଉଦ୍ଦେଶ୍ୟ ପ୍ରାରମ୍ଭିକ ବିଦ୍ୟାଳୟରେ ଶ୍ରେଣୀ କାର୍ଯ୍ୟରେ ସମ୍ପାଦିତ ହେଉଥିବା ଅଭିନବ ପ୍ରକ୍ରିୟାର ଅନୁଭୂତିକୁ ବାଂଟିବା ବୋଲି କହିଥିଲେ । ଏଥିରେ ଜିଲାର ଶିକ୍ଷକ, ସାଧନକେନ୍ଦ୍ର ସଂଯୋଜକ, ବ୍ଲକ ଶିକ୍ଷା ଅଧିକାରୀ ଯୋଗ ଦେଇଥିଲେ । ଉଦ୍‌ଘାଟନୀ ଉତ୍ସବରେ ଜିଲା ଅଧିକାରୀ ଯୋଗଦେଇ ଥିଲେ । ଉଦ୍‌ଘାଟନୀ ଉତ୍ସବରେ ଜିଲା ଶିକ୍ଷାଧିକାରୀ ବୃନ୍ଦାବନ ଶତପଥୀ, ଡିପିସି ଶ୍ରୀମତୀ ଅମିତା ପଟ୍ଟନାୟକ ଯୋଗ ଦେଇଥିଲେ । ଆଂଚଳିକ ଶିକ୍ଷା ପ୍ରତିଷ୍ଠାନର ପ୍ରଫେସର ଡ. ଶରତ କୁମାର ଓ ନିର୍ଦ୍ଦେଶକ ଡ. ଅମରଜିତ୍ ଜେନା ଦ୍ୱିତୀୟ ଦିନ ଅତିଥି ଭାବେ ଯୋଗ ଦେଇଥିଲେ । ଭୁବନେଶ୍ୱର ବ୍ଲକ ଶିକ୍ଷାଧିକାରୀ ସସ୍ମିତା ମାଳୀ, ଜଟଣୀର ଶିକ୍ଷୟିତ୍ରୀ ରଶ୍ମିତା ନାୟକଙ୍କ ସମେତ ୨୨ଜଣ ସମ୍ମିଳିତ ଶିକ୍ଷଣ, ଅନ୍ତର୍ନିବେଶୀ ଶିକ୍ଷା, ତଦାରଖ ବ୍ୟବସ୍ଥା ଓ ମୂଲ୍ୟାୟନ ଆଦି ଉପରେ ସନ୍ଦର୍ଭ ପାଠ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ପ୍ରାଧାପିକା ଡ. ପୁଷ୍ପାଞ୍ଜଳି ପାଣି, ଡ. ପ୍ରସନ୍ନ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ଶିକ୍ଷାବିତ୍ ଗାୟତ୍ରୀ ସାମନ୍ତରାୟ, ଡେପୁଟୀ କଲେକ୍ଟର ତାଲତ୍ ଆଲଫ୍ରିନ ଓ ସତ୍ୟବାଦୀ ବଳିଆରସିଂହ ଯୋଗଦେଇ ସେମିନାରର ଉପାଦେୟତା ଓ ଶିକ୍ଷାର୍ଥୀଙ୍କ ଶିକ୍ଷଣ ଉପରେ ଗୁରୁତ୍ୱ ଦେଇଥିଲେ ।

# ହିଙ୍ଗୁଳା ନୋଡାଲ୍ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉଦ୍‌ଯାପିତ



ତାଳଚେର, ୨୧/୧୨(ଶ୍ରୁ.ମି): ତାଳଚେର ବ୍ଲକ କଳମଛୁଇଁ ପଞ୍ଚାୟତ ଅନ୍ତର୍ଗତ ହିଙ୍ଗୁଳା ନୋଡାଲ୍ ଉଚ୍ଚ ବିଦ୍ୟାଳୟରେ ୪୨ତମ ବାର୍ଷିକ କ୍ରୀଡାର ଉଦ୍‌ଯାପନୀ ଉତ୍ସବ ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ଉଦଯାପନୀ ସମାରୋହରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୁଃଖବନ୍ଧୁ ସାହୁ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବରେ ସ୍ଥାନୀୟ ସରପଂଚ ସ୍ୱାଗତିକା ବିଶ୍ୱାଳ,ସମ୍ମାନିତ ଅତିଥି ଭାବରେ ପୂର୍ବତନ କ୍ରୀଡା ଶିକ୍ଷକ ପ୍ରଫୁଲ୍ଲ କୁମାର ଗଡନାୟକ ଓ ସମାଜସେବୀ ବିଭୁତି ଭୂଷଣ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭରେ ବିଦ୍ୟାଳୟର କ୍ରୀଡା ଶିକ୍ଷକ ପୁରୁଷୋତମ ମହାନ୍ତି ବିବରଣୀ ପାଠ କରିଥିଲେ । ପ୍ରଶାନ୍ତ କୁମାର ସାମଲ ଅତିଥି ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କ୍ରୀଡା ହେଉଛି ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ଏବଂ ଏହାହିଁ ଆମ ଶାରିରୀକ,ମାନସିକ ସ୍ତରରେ ଉନ୍ନତି ଆଣିବା ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ୨ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାରେ ୧୦୦ ମି,୨୦୦ ମି,୪୦୦ମି, ୮୦୦ମି, ୧୫୦୦ମି.ଦୌଡ,ଗୋଳା ଫିଙ୍ଗା,ଥାଳିଆ ଫିଙ୍ଗା,ବର୍ଛା ଫିଙ୍ଗା,ଲମ୍ଫ ଡିଆଁ,ମ୍ୟୁଜିକ ଚେୟାର୍ ଆଦି ୨୭ଟି ବିଭାଗରେ ଖେଳ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ସାର୍ଟିଫିକେଟ୍ ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରିଥିଲେ । ସିନିୟର୍ ବିଭାଗରେ ଅନୀଲ ମାଝୀ ଓ ରାଣୀ ପ୍ରଧାନ,ଜୁନିୟର୍ ବିଭାଗରେ ସୁଶ୍ରୀ ସୁପ୍ରିୟା ଗଡ଼ନାୟକ ଓ ସୁବ୍ରତ ବେହେରା ଚାମ୍ପିୟନ ଆଖ୍ୟା ଅର୍ଜନ କରି ମୁଖ୍ୟ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରିଥିଲେ । ଏମ୍.ସି.ଏଲ୍ ପକ୍ଷରୁ ଆୟୋଜିତ ସତର୍କତା ଜାଗରଣ ସପ୍ତାହ ପାଳନ ଅବସରରେ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ଛାତ୍ରୀ ମୌସୁମୀ ସାମଲ,ରାକେଶ ବାରିକ ଓ ପ୍ରାଚୀ ପ୍ରତ୍ୟାଶା ପ୍ରଧାନଙ୍କୁ ସ୍ୱତନ୍ତ୍ର ଭାବରେ ସମ୍ମାନୀତ କରାଯାଇଥିଲା । ସେହିପରି ଗୋପାଳପ୍ରସାଦସ୍ଥିତ ମା ହିଙ୍ଗୁଳାଙ୍କ ପୀଠରୁ ପାରମ୍ପରିକ ରୀତି ଅନୁଯାୟୀ କ୍ରୀଡ଼ା ମଶାଲ ଅଣାଯାଇ କ୍ରୀଡା ଉତ୍ସବକୁ ପ୍ରଧାନଶିକ୍ଷକ ଶ୍ରୀ ସାହୁ ଉଦ୍‌ଘାଟନ କରିଥିଲେ । ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ତ୍ରିଲୋଚନ ପ୍ରଧାନ,ଅରୁଣ କୁମାର ବେହେରା,ତ୍ରିଲୋଚନ ନନ୍ଦ,ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ଶତପଥୀ,ଚିନ୍ମୟୀ ପ୍ରଧାନ, ଅନୁପମା ବଳ,ନନ୍ଦିନୀ ବେହେରା,ଝିଲିକା ପ୍ରଧାନ,ସୁଦେଷ୍ଣା ବେହେରା,ସୁବାସ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି କ୍ରୀଡା ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ତ୍ରିଲୋଚନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଜୟ ମହାପାତ୍ରଙ୍କ କୁଶପୁତ୍ତଳିକା ଦାହ



ଡେରାବିଶ, ୨୧/୧୨ (ଶ୍ରୁ.ମି): ଡେରାବିଶ ବ୍ଲକ ଚାନ୍ଦୋଳ ବଜାରରେ ଆଜି ସନ୍ଧ୍ୟାରେ ବିଜେପିରରେ ଯୋଗ ଦେଇଥିବା ଉତ୍କଳ କେଶରୀ ପରିଡ଼ାଙ୍କ ସମର୍ଥକମାନେ ବିଜୟ ମହାପାତ୍ରଙ୍କ କୁଶପୁତଳିକାା ଦାହ କରିଛନ୍ତି । ଏକଦା ବିଜୟ ମହାପାତ୍ରଙ୍କ ଅନୁଗତ ତଥା ସହଯୋଗୀ ଉତ୍କଳ କେଶରୀ ପରିଡ଼ା ଓଜିପି, ଏନ୍.ସି.ପି ଦଳରେ ଏକାଠି କାମ କରିଥିବା ବେଳେ କିଛିବର୍ଷ ହେବ ବିଜୟ ମହାପାତ୍ର ବିଜେପିକୁ ଯାଇଥିଲେବି ଉତ୍କଳ ଚୁପ୍ ହୋଇ ରହିଥଲେ । ଏବେ ଉତ୍କଳ ବିଜେପିରେ ମିଶିବା ପରେ ଓ ବିଜୟଙ୍କୁ ଜିଲ୍ଲା ବିଜେପି ଏକଘରକିଆ କରୁଥିବା ବେଳେ ଆଜି ଗରଦପୁର ଠାରେ ଏକ ମିଶ୍ରଣ ପର୍ବରେ ବିଜୟଙ୍କ ଅନୁଗତମାନେ ଉତ୍କଳଙ୍କ ସମର୍ଥକଙ୍କୁ ଆକ୍ରମଣ କରି ସଭା ଭଣ୍ଡୁର କରିଥିବା ଅଭିଯୋଗ ଆଣିଛନ୍ତି । ଏହାର ପ୍ରତିବାଦରେ ଉତ୍କଳଙ୍କ ସମର୍ଥକ ଖମୋଳ ପଂଚାୟତର ପୂର୍ବତନ ସମିତିସଭ୍ୟ ଗୌତମ କୁମାର ପରିଡ଼ା, ରତାଦିଆ ଖଣ୍ଡସାହି ପଂଚାୟତର ପୂର୍ବତନ ସରପଂଚ ଅମୀୟ କୁମାର ମିଶ୍ର, ଦୁର୍ଗା ପ୍ରସାଦ ଜେନା, ସୁବାଷ ଭଦ୍ର, ଦେବେନ୍ଦ୍ର ଭଦ୍ର, ପ୍ରତାପ ଦାସ, ପ୍ରଶାନ୍ତ ଜେନା, ରମାକାନ୍ତ ସାହୁ, ଅଶ୍ୱିନୀ ମହାନ୍ତି, ରତାଦିଆ ଖଣ୍ଡସାହି ପଂଚାତର ନାଏବ ସରପଂଚ ଶ୍ରୀକାନ୍ତ ନାୟକ, ଗୋବର୍ଦ୍ଧନ ଦାସ, ରତ୍ନାକର ଜେନା, ଚିତରଞ୍ଜନ ଦାସ ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ବିଜେପି କର୍ମୀ କଟକ-ଚାନ୍ଦବାଲି ରାସ୍ତାର ଚାନ୍ଦୋଳ ବଜାର ଠାରେ ବିଜୟ ମହାପାତ୍ରଙ୍କ ବିରୁଦ୍ଧରେ ନାରାବାଜି କରିବା ସହିତ କୁଶପୁତଳିକା ଦାହ କରିଥିଲେ । ପରବର୍ତୀ ସମୟରେ ଡେରାବିଶ ବ୍ଲକରେ ବିଜୟଙ୍କ ପ୍ରବେଶକୁ ଉତ୍କଳ ପରିଡ଼ାଙ୍କ ସମର୍ଥକମାନେ ଘୋର ବିରୋଧ କରିବେ ବୋଲି ପଣ କରିଥିଲେ ।

# ଅରୁଆ କଦଳୀବଣ ହାଇସ୍କୁଲର ବାର୍ଷିକ କ୍ରୀଡା ଓ ପୁରସ୍କାର ବିତରଣ

ପଟ୍ଟାମୁଣ୍ଡାଇ, ୨୧/୧୨ (ଶ୍ରୁ.ମି): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅରୁଆ କଦଳୀବଣ ହାଇସ୍କୁଲର ୫୦ତମ ବାର୍ଷିକ କ୍ରୀଡା ଉତ୍ସବ ୩ ଦିନ ଧରି ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ସୋମନାଥ ମହାପାତ୍ରଙ୍କ ପୌରହିତ୍ୟରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ କେନ୍ଦ୍ରାପଡା ବ୍ଲକ ଅଧ୍ୟକ୍ଷ ଅନାମବନ୍ଧୁ ଧଳ ମୁଖ୍ୟ ଅତିଥି ଓ ପରିବେଶବିତ ବିଜୟ କବି ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ କ୍ରୀଡା ଛାତ୍ରଛାତ୍ରୀମାନଙ୍କ ଶାରିରୀକ ଓ ବୌଦ୍ଧିକ ବିକାଶ ଦିଗରେ ସହାୟକ ହୋଇଥାଏ ବୋଲି ମତପ୍ରକାଶ କରିଥିଲେ । ଏହି ସଭାରେ ସମାଜସେବୀ ନିରାକର ମଲ୍ଲିକ ଓ ସନ୍ତୋଷ କୁମାର ପାତ୍ର ସମ୍ମାନୀତଅତିଥି ଭାବେ ଯୋଗ ଦେଇଥିଲେ । ବିଦ୍ୟାଳୟର ସହକାରୀଶିକ୍ଷକ ମନୋଜ ଶତପଥୀ ସ୍ୱାଗତଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ।

# ଗୁରୁମନ୍ତ୍ର ଧ୍ୱନୀରେ ପ୍ରକମ୍ପିତ ହେଲା ହିନ୍ଦୁ ଆଧ୍ୟାତ୍ମ ଏବଂ ସେବାମେଳା ପରିସର



ଭୁବନେଶ୍ୱର,୨୧/୧୨(ଶ୍ରୁ.ମି): "ଗୁରୁର୍ବ୍ରହ୍ମା ଗୁରୁବିଷ୍ଣୁଃ ଗୁରୁର୍ଦେବମହେଶ୍ୱରଃ,ଗୁରୁଃ ସାକ୍ଷାତ୍ ପରଂବ୍ରହ୍ମ ତସ୍ମୈ ଶ୍ରୀଗୁରୁବେ ନମଃ ।" ଗୁରୁବାର ଦିନ ଏହି ମନ୍ତ୍ର ଧ୍ୱନୀରେ ରାଜଧାନୀର ପଦର୍ଶନୀ ପଡିଆ ଠାରେ ଅନୁଷ୍ଠିତ ହେଉଥିବା ହିନ୍ଦୁ ଆଧ୍ୟାତ୍ମ ଏବଂ ସେବାମେଳା ପରିସର ପ୍ରକମ୍ପିତ ହୋଇ ଉଠିଥିଲା । ୫୦୦ରୁ ଉର୍ଦ୍ଧ୍ୱ ଗୁରୁଙ୍କ ପାଦତଳେ ଶିଷ୍ୟମାନେ ବସି ସେମାନଙ୍କର ପାଦଧୌତ ଏବଂ ଚରଣ ବନ୍ଦନା କରି ଫୁଲ, ଚନ୍ଦନ, ଦୀପ, ଧୂପ ନୈବେଦ୍ୟ ଦେଇ ଏକ ମନ୍ତ୍ର,ଏକ ଲକ୍ଷ, ଏକ ସ୍ୱରରେ ସାମୂହିକ ଭାବେ ପୂଜନ କରିଥିଲେ । ଶିକ୍ଷକଙ୍କ ପ୍ରତି ସମ୍ମାନ ମାଧ୍ୟମରେ ରାଷ୍ଟ୍ର ନିର୍ମାଣ କରାଯାଇଥାଏ । ଆତ୍ମଚେତନାର ଭାବକୁ ଜାଗ୍ରତ କରି ଛାତ୍ର, ଶିକ୍ଷକ, ଶିକ୍ଷାବିତ୍, ମାତାପିତା ଏବଂ ସାଧାରଣ ଜନତା ମଧ୍ୟରେ ଶିକ୍ଷକଙ୍କ ପ୍ରତି ଆଦର ଭାବର ଜାଗ୍ରତ କରିବା ଲକ୍ଷ୍ୟ ନେଇ ନୈତିକ ଓ ସାଂସ୍କୃତିକ ପ୍ରଶିକ୍ଷାର୍ଥେ ପ୍ରଚେଷ୍ଟା ଫାଉଣ୍ଡେସନ (ଆଇ.ଏମ୍.ସି.ଟି )ପକ୍ଷରୁ ଡିସେମ୍ବର ୨୧ ତାରିଖ ଦିନ ଏହି ଆଚାର୍ଯ୍ୟ ବନ୍ଦନା ବା ଗୁରୁ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମଧ୍ୟ ଅନେକ ଗରୁଙ୍କୁ ସମ୍ମାନୀତ କରାଯାଇଥିଲା । ୨୨ ତାରିଖରେ ଉଦ୍‌ଯାପନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଦିନ ସକାଳେ ପିଲାମାନଙ୍କ ଦ୍ୱାରା ମେଳାସ୍ଥଳରେ ଯୋଗ, ପ୍ରାଣାୟମ,ଅପରାହ୍ନରେ ଚିତ୍ତାକର୍ଷକ ପିରାମିଡ୍ ପ୍ରଦର୍ଶନ, 'ପରମବୀର-ବନ୍ଦନା' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହାପରେ ପାରିବାରିକ ଓ ସାମାଜିକ ମୂଲ୍ୟବୋଧର ସୂଚକ ସ୍ୱରୂପ 'ମାତୃ-ପିତୃ ପୂଜନ' କାର୍ଯ୍ୟକ୍ରମରେ ସନ୍ଧ୍ୟାରେ ଅନ୍ୟୁନ ୮୦୦ ପରିବାରର ଚାରି ପୀଢିର ବରିଷ୍ଠମାନଙ୍କୁ ସେମାନଙ୍କ ସନ୍ତାନମାନଙ୍କ ଦ୍ୱାରା ପୂଜିତ କରାଯିବ । ରାଜେନ୍ଦ୍ର ପ୍ରସାଦ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ, ବିହାରର କୁଳାଧିପତି ପ୍ରଫେସର ପ୍ରଫୁଲ ମିଶ୍ର ମୁଖ୍ୟ ଅତିଥି ରୂପେ ଯୋଗଦେଇ ଗରୁ ଏବଂ ଶିଷ୍ୟମାନଙ୍କୁ ପ୍ରତିଜ୍ଞା କରାଇ ଭାରତୀୟ ସଂସ୍କୃତିକୁ ବଳିଷ୍ଠ କରିବା ସହିତ ଭାରତକୁ ବିଶ୍ୱଗରୁ ପଦରେ ପୁଣି ଥରେ ଅଧିଷ୍ଠିତ କରିବା ପାଇଁ ଗୁରୁଙ୍କର ମୁଖ୍ୟ ଭୂମିକା ରହିଛି ବୋଲି ପ୍ରକାଶ କରିଥିଲେ ।

ତ୍ରିପୁରା ବିଶ୍ୱବିଦ୍ୟାଳୟର ପ୍ରଫେସର ଆଦିତ୍ୟ କୁମାର ମହାନ୍ତି ଅତିଥି ରୂପେ ଯୋଗଦେଇ କହିଲେ ଯେ, ସୃଷ୍ଟିରେ ମଣିଷ ଏକ ଅନନ୍ୟ ସୃଷ୍ଟି । ସୃଷ୍ଟିକର୍ତ୍ତା ମଣିଷକୁ ନିଜ ଢାଞ୍ଚାରେ ସୃଷ୍ଟି କରିଛନ୍ତି । ମଣିଷ ଓ ଅନ୍ୟମାନଙ୍କ ମଧ୍ୟରେ ପାର୍ଥକ୍ୟ ହେଉଛି ଯେ, ଭଲମନ୍ଦ ବାରିବାର ଶକ୍ତି ମଣିଷର ଅଛି । ଏବେ ଚିନ୍ତା କରିବାର ଶକ୍ତି ମଣିଷର କମି ଯାଇଛି । ଆଜି ବିଶ୍ୱରେ ଯେଉଁ ସଂକଟ ଦେଖାଦେଇଛି ତାହ ଆର୍ଥିକ ସଂକଟ ନୁହେଁ କି ଜନସଂଖ୍ୟାର ସଂକଟ ନୁହେଁ, ତାହା ହେଉଛି ମୂଲ୍ୟବୋଧର ସଙ୍କଟ, ମାନବିକତାର ସଙ୍କଟ । ସଙ୍କଟ ଭିତରେ ସମାଧାନ ନିହିତ ଅଛି । ମଣିଷ ଭିତରେ ମାନବିକତା ଓ ଆଧ୍ୟାତ୍ମିକତା ଭରି ରହିଛି । ତାହାର ପରିପ୍ରକାଶ ହେବା ଉଚିତ୍ । ଗରୁପୂଜା ଦ୍ୱାରା ମୂଲ୍ୟବୋଧ ଦୃଢିଭୂତ ହୋଇଥାଏ ବୋଲି ପ୍ରଫେସର ମହାନ୍ତି ପ୍ରକାଶ କରିଥିଲେ ।

ମେଳାର ସଭାପତି ମନୋରଞ୍ଜନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଚାର୍ଯ୍ୟ ପୂଜନ କାର୍ଯ୍ୟକ୍ରମରେ ଚକ୍ରଧର ତ୍ରିପାଠୀ ସଂଯୋଜନା କରିଥିଲେ । ଡ.ଲକ୍ଷ୍ମୀକାନ୍ତ ଦାଶ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ପଣ୍ଡିତ ବିଶ୍ୱନାଥ ରଥ ମନ୍ତ୍ରପାଠ ଓ ପୂଜା ଅର୍ଚ୍ଚନା କରିଥିଲେ । ଶେଷରେ ଗରୁବନ୍ଦନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସୂଚନାଯୋଗ୍ୟ ଯେ, ଏହି ମେଳା ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ଏବଂ ଗଜପତି ମହାରାଜ ଶ୍ରୀ ଶ୍ରୀ ଦିବ୍ୟସିଂହ ଦେବ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରି ଗତ ୧୯ ତାରିଖ ରେ ମେଳାକୁ ଉଦ୍‌ଘାଟନ କରିଥିଲେ ।

# ବେଦାନ୍ତ ପକ୍ଷରୁ ମୋତିଆବିନ୍ଦୁ ଅସ୍ତ୍ରୋପଚାର ଅଭିଯାନ



ଲାଞ୍ଜିଗଡ,୨୧/୧୨ (ଶ୍ରୁ.ମି): ଆଜି ବେଦାନ୍ତ ପକ୍ଷରୁ ମାଗଣା ମୋତିଆବିନ୍ଦୁ ଅସ୍ତ୍ରୋପଚାର ଅଭିଯାନର ଶୁଭାରମ୍ଭ ହୋଇଯାଇଛି । ବେଦାନ୍ତ ହସ୍ପିଟାଲ, ସହକାରୀ ସ୍ୱାସ୍ଥ୍ୟ ସେବା ସଂସ୍ଥାନ ପୁନରୁତ୍ଥାନ ଓ ଜୁନାଗଡ ଲେପ୍ରା ନେତ୍ର ଚିକିତ୍ସାଳୟର ମିଳିତ ସହଭାଗିତାରେ ଲାଞ୍ଜିଗଡ, ଚମ୍ପାଦେଇପୁର, କପାଗୁଡା, ଭାଟଗୁଡା, ନିୟମଗିରି ବେଦାନ୍ତ ନଗର, ଟାଙ୍ଗନକଣା, କାଶିବାଡି, କେନ୍ଦୁଗୁଡା, ସେର୍‌ଗେଜୁ, ଗନ୍ଧଣି, ପ୍ରତାପପୁର, ତ୍ରିଲୋଚନପୁର ପ୍ରଭୃତି ଗ୍ରାମରୁ ୪୬ ଜଣ ଚକ୍ଷୁରୋଗୀଙ୍କୁ ପ୍ରାରମ୍ଭିକ ଚିକିତ୍ସା ପରେ ଅସ୍ତ୍ରୋପଚାର ପାଇଁ ଚିହ୍ନଟ କରାଯାଇଛି । ଆଜିର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଜୟ କୁମାର ଦିକ୍ଷିତ, ମୁଖ୍ୟ ପରିଚାଳନା ଅଧିକାରୀ ବିମଳନନ୍ଦ ସେନାପତି, ଅର୍ଥ ବିଭାଗ ମୁଖ୍ୟ ଜଳଦ ମାଲପାଣି, ସୁରକ୍ଷା ମୁଖ୍ୟ ରାଜୀବ ରଞ୍ଜନ, ସିଏସ୍‌ଆର ମୁଖ୍ୟ ହର୍‌ମିତ୍ ସେହେରା ଓ ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡଃ ଅକ୍ଷୟ ସାହୁ ପ୍ରମୁଖ ଉପସ୍ଥିତ ରହି ରୋଗୀଙ୍କୁ କମ୍ବଳ ବଣ୍ଟନ କରିବା ସହ ଅଭିଯାନର ଶୁଭାରମ୍ଭ କରିଥିଲେ । ଏହି ଅବସରରେ କମ୍ପାନୀ ଅଞ୍ଚଳରେ ବିଭିନ୍ନ ଜନହିତକର କାର୍ଯ୍ୟରେ ନିଜକୁ ସାମିଲ କରିଆସିଛି ଏବଂ ଆଗକୁ ମଧ୍ୟ ନିଜର ଉଦ୍ୟମ ଜାରି ରଖିବ ବୋଲି ଅଜୟ ଦିକ୍ଷିତ କହିଛନ୍ତି । ଅଞ୍ଚଳରେ ସ୍ୱାସ୍ଥ୍ୟସେବା ପ୍ରତି କମ୍ପାନୀ ବିଶେଷ ଦୃଷ୍ଟି ଦେଇ ଆସିଛି ବୋଲି ବିମଳାନନ୍ଦ ସେନାପତି କହିଥିଲେ । ସୂଚନାଯୋଗ୍ୟ ଗତବର୍ଷ ପ୍ରାୟତଃ ୨୯୮ ଜଣ ଚକ୍ଷୁରୋଗୀଙ୍କ ମାଗଣା ଅସ୍ତ୍ରୋପଚାର କରାଯାଇଥିଲା । କମ୍ପାନୀର ଏହି ପଦକ୍ଷେପକୁ ଅଞ୍ଚଳବାସୀ ସ୍ୱାଗତ କରିଛନ୍ତି ।

# କିଟ୍ ଫେଷ୍ଟ ୪.୦ ଉଦ୍‌ଯାପିତ

## ମନମୋହିଲା ସୋନୁଙ୍କ ସଂଗୀତ, ହର୍ଷଙ୍କ ଭାଷଣ ଓ ସାମିଙ୍କ ଡିଜେ





ଭୁବନେଶ୍ୱର, ୨୧/୧୨ (ଶ୍ରୁ.ମି): ଚାରିଦିନ ବ୍ୟାପୀ କିଟ୍ ଡିମ୍‌ଡ ବିଶ୍ୱବିଦ୍ୟାଳୟରେ ଚାଲିଥିବା ସର୍ବ ବୃହତ ବୈଷୟିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ 'କିଟ୍ ଫେଷ୍ଟ' ଡିସେମ୍ବର ୨୦ତାରିଖ ବୁଧବାର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ସନ୍ଧ୍ୟାରେ ବିଶିଷ୍ଟ ବଲିଉଡ୍ କଣ୍ଠଶିଳ୍ପୀ ସୋନୁ ନିଗମ୍‌ଙ୍କ ଯାଦୁକରୀ କଣ୍ଠରେ ଝୁମିଥିଲେ ଛାତ୍ରଛାତ୍ରୀ । ଦିନ ତମାମ ଏହି କାର୍ଯ୍ୟକ୍ରମର ଅନ୍ୟତମ ଅତିଥି ବିଶିଷ୍ଟ ବକ୍ତା ତଥା କ୍ରିକେଟ୍ ଧାରାବିବରଣୀ ଉଦ୍‌ଘୋଷକ ହର୍ଷ ଭୋଗଲେ ଛାତ୍ରଛାତ୍ରୀଙ୍କୁ ଶିକ୍ଷଣୀୟ ଉଦ୍‌ବୋଧନ ଦେଇଥିଲେ । ସେ କହିଲେ, ଅନ୍ୟର ସଫଳତାରେ ଛାତ୍ରଛାତ୍ରୀମାନେ ଅଧୈର୍ଯ୍ୟ ହେବା ଉଚିତ ନୁହେଁ । ଛାତ୍ରଛାତ୍ରୀମାନେ ସେମାନଙ୍କ ଅନୁସାରେ ସେମାନେ ଭଲ ସ୍ଥିତିରେ ଅଛନ୍ତି କିମ୍ବା ନାହିଁ ପ୍ରଥମ ପରୀକ୍ଷା କରିବା ଆବଶ୍ୟକ । ପରେ ସମୟ ହିଁ ପ୍ରତ୍ୟେକ ଉଦ୍‌ଯୋଗୀ ବ୍ୟକ୍ତିଙ୍କୁ ସଫଳତା ଆଣି ପହଞ୍ଚାଇବ । ଏଥିରେ ବ୍ୟସ୍ତ ହେବା ଉଚିତ ନୁହେଁ । ପରେ ସେ ଛାତ୍ରଛାତ୍ରୀଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ । କିଟ୍ ଫେଷ୍ଟର ବିଭିନ୍ନ ଦିନରେ ବଲିଉଡ୍ ଅଭିନେତା ମୁକେଶ ତିୱାରୀ, ବିଶିଷ୍ଟ ଆଧ୍ୟାତ୍ମିକ ଗୁରୁ ଓମ୍ ସ୍ୱାମୀଜୀ ଏବଂ ଆକବର ସାମିଙ୍କ ଡିଜେ ନାଇଟ ବେଶ ଚିତ୍ତାକର୍ଷକ ଥିଲା । ଚଳିତବର୍ଷ କିଟ୍ ଫେଷ୍ଟରେ ଅଂଶଗ୍ରହଣ କରିବା ପାଇଁ ସମଗ୍ର ଦେଶର ବିଭିନ୍ନ ନାମୀ ଦାମୀ ବୈଷୟିକ ଶିକ୍ଷାନୁଷ୍ଠାନରୁ ୨୫ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଏହା ପୂର୍ବ ଭାରତର ସର୍ବବୃହତ ବୈଷୟିକ ମହୋତ୍ସବ ବୋଲି କୁହାଯାଉଛି । ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରଛାତ୍ରୀମାନେ ସେମାନଙ୍କ ବୈଷୟିକ, କଳା ଓ ସାଂସ୍କୃତିକ ସୃଜନଶୀଳତା ପରିପ୍ରକାଶ କରିବାର ସୁଯୋଗ ପାଇଥିଲେ । କିଟ୍‌ର ବିଭିନ୍ନ କ୍ୟାମ୍ପସ୍ ଉତ୍ସବ ମୁଖର ହୋଇଉଠିଥିବା ବେଳେ ପିଲାଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପରିଲକ୍ଷିତ ହୋଇଥିଲା । କିଟ୍ ଫେଷ୍ଟରେ ବୈଷୟିକ ବିଦ୍ୟାର ଛାତ୍ରଛାତ୍ରୀମାନେ ସେମାନଙ୍କ ବୈଷୟିକ ଜ୍ଞାନ କୌଶଳ ଓ ଦକ୍ଷତା ପ୍ରତିପାଦନ କରିପାରିବାର ସୁଯୋଗ ପାଇଥାନ୍ତି । ଏହା ଛଡ଼ା ସେମାନଙ୍କ ଅନ୍ତର୍ନିହିତ ପ୍ରତିଭା ପରିପ୍ରକାଶ କରିବାର ଏହା ହେଉଛି ଏକ ବଡ଼ ପ୍ଲାଟଫର୍ମ । ଏଥିରେ ଜିଜ୍ଞାସୁ ଛାତ୍ରଛାତ୍ରୀମାନେ ସେମାନଙ୍କ ସୃଜନଶୀଳତାର ପରିପ୍ରକାଶ ପାଇଁ ବୈଷୟିକ ପ୍ରତିଯୋଗିତା, କର୍ମଶାଳା, ତର୍କ, ନୃତ୍ୟ, ଡ୍ରାମା ଏବଂ କୁଇଜ୍ ଆଦି ୭୨ଟି ବିଭିନ୍ନ ପ୍ରକାର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିଟ୍ ଡିମ୍‌ଡ ବିଶ୍ୱବିଦ୍ୟାଳୟର କୁଳସଚିବ ଡ. ସସ୍ମିତାରାଣୀ ସାମନ୍ତ ଏବଂ ଷ୍ଟୁଡେଣ୍ଟ ଆଫାୟାର୍ସ ନିର୍ଦ୍ଦେଶିକା ଡ. ସୁଚେତା ପ୍ରିୟବାଦିନୀ ପ୍ରମୁଖଙ୍କ ସମେତ କିଟ୍‌ର ବିଭିନ୍ନ ପଦାଧିକାରୀ ଉପସ୍ଥିତ ଥିଲେ ।

# ଟାଟା ଷ୍ଟିଲ ତରଫରୁ ଖଣ୍ଡବନ୍ଧ ଠାରେ ବିଶାଳ ସ୍ୱାସ୍ଥ୍ୟ ଶିବିର



ଯୋଡା,୨୧/୧୨ (ଶ୍ରୁ.ମି): ଟାଟା ଷ୍ଟିଲ ତରଫରୁ ଖଣ୍ଡବନ୍ଧ ଠାରେ ଡିସେମ୍ବର ୨୦,୨୦୧୭ରେ ଏକ ବିଶାଳ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି । ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସହର ଠାରୁ ଦୂର ଇଲାକାରେ ପହଞ୍ଚି ଲୋକମାନଙ୍କ ନିକଟରେ ସେବା ଯୋଗାଇଦେବା ଓ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆଣିବାର ମହତ ଉଦ୍ଦେଶ୍ୟ ରଖି ଏହି ବିଶାଳ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା । ଟାଟା ଷ୍ଟିଲର ସାମାଜିକ ଦାୟିତ୍ୱବୋଧ ଅନ୍ତର୍ଗତ ସ୍ୱାସ୍ଥ୍ୟ ସେବା କାର୍ଯ୍ୟକ୍ରମ ମାଧ୍ୟମରେ ଟାଟା ଷ୍ଟିଲ ଗ୍ରାମୀଣ ବିକାଶ ସଂସ୍ଥା (ଟି.ଏସ୍.ଆର.ଡି.ଏସ୍) ଦ୍ୱାରା ଏହି ଶିବିର ଆୟୋଜନ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ଟାଟା ଷ୍ଟିଲ ଚିଫ୍ ଖଣ୍ଡବନ୍ଧ ପ୍ରୋଜେକ୍ଟ ଶ୍ରୀ ଶିରିଶ ଶେଖର ଓ ଜଲହରି ଗ୍ରାମ ପଞ୍ଚାୟତ ସରପଞ୍ଚ ଶ୍ରୀମତୀ ମିତା ମୁଣ୍ଡା ଏହି ସ୍ୱାସ୍ଥ୍ୟ ଶିବିରକୁ ଉଦ୍‌ଘାଟନ କରିଥିଲେ । ବିଶେଷଜ୍ଞ ଡାକ୍ତର ଭାବେ ଟାଟା ଷ୍ଟିଲ ହସ୍ପିଟାଲର ମୁଖ୍ୟ ମେଡିକାଲ ଅଧିକାରୀ ଡ.ଏ.କେ ରୟ, ଡ.ସୁଦେଷ୍ଣା ଦାସଗୁପ୍ତା, ଡ. ଦେବାଶିଷ ଶତପଥି, ଡ. ଅମିତ ଅମ୍ବୁଜ ଏବଂ ଟି.ଏସ୍.ଆର.ଡି.ଏସ୍‌ର ଡ. ନରେଶ ମୁଣ୍ଡା, ଡ.ଅନମୋଲ ଟିଗା ଉପସ୍ଥିତ ରହି ରୋଗୀମାନଙ୍କର ଚିକିତ୍ସା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଟି.ଏସ୍.ଆର.ଡି.ଏସ୍‌ର ଯୋଡା ମୁଖ୍ୟ ତନ୍ମୟ କର, ସ୍ୱାସ୍ଥ୍ୟ ସେବା ବିଭାଗରେ କାର୍ଯ୍ୟରତ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ । ଏହି ଅବସରରେ ଶ୍ରୀମତୀ ମୁଣ୍ଡା ଟାଟା ଷ୍ଟିଲ ଦ୍ୱାରା କରାଯାଇଥିବା ଏହିଭଳି ସ୍ୱାସ୍ଥ୍ୟ ଶିବିର ଦ୍ୱାରା ରୋଗୀମାନେ ନିଶ୍ଚିତ ଉପକୃତ ହୋଇପାରିବେ ବୋଲି ନିଜର ମତ ପୋଷଣ କରିଥିଲେ । ଖଣ୍ଡବନ୍ଧ ଓ ଏହାର ଆଖପାଖ ଅଞ୍ଚଳର ୪୧୯ ଜଣ ରୋଗୀ ଏହି ସ୍ୱାସ୍ଥ୍ୟ ଶିବିର ଦ୍ୱାରା ଲାଭାନ୍ୱିତ ହୋଇପାରିଥିଲେ । ବିଭିନ୍ନ ପ୍ରକାରର ରୋଗ ଯଥା, ଥଣ୍ଡା, ଜ୍ୱର, କାଶ, ମ୍ୟାଲେରିଆ, ସ୍ତ୍ରୀରୋଗ, ଶିଶୁ ରୋଗ, ରକ୍ତଚାପ ଏବଂ ଚର୍ମ ରୋଗ ଇତ୍ୟାଦି ରୋଗର ଚିକିତ୍ସା ଏଠାରେ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା କରାଯାଇଥିଲା । ଚିକିତ୍ସା ପରେ ରୋଗୀମାନଙ୍କୁ ମାଗଣାରେ ଔଷଧ ମଧ୍ୟ ବଣ୍ଟନ କରାଯାଇଥିଲା । ଅତି ଗମ୍ଭୀର ଥିବା ୩୩ ଜଣ ରୋଗୀଙ୍କୁ ଟାଟା ଷ୍ଟିଲର ଯୋଡା ଡାକ୍ତରଖାନାକୁ ରେଫର କରାଯାଇଥିଲା ।

# ଏନ୍.ଟି.ପି.ସି ତାଳଚେର ଥର୍ମାଲକୁ ଗ୍ରୀନ୍ ଟେକ୍ ସେଫ୍ଟି ସିଲଭର ଆୱାର୍ଡ



ତାଳଚେର,୨୧/୧୨(ଶ୍ରୁ.ମି): ଏନ୍.ଟି.ପି.ସି ତାଳଚେର ଥର୍ମାଲକୁ ଗ୍ରୀନ୍ ଟେକ୍ ସେଫ୍ଟି ସିଲଭର ଆୱାର୍ଡ଼ରେ ସମ୍ମାନିତ କରାଯାଇଛି । ଗ୍ରୀନ୍ ଟେକ୍ ଫାଉଣ୍ଡେସନ,ନୂଆଦିଲ୍ଲୀ ଦ୍ୱାରା ଡିସେମ୍ବର ୧୫ତାରିଖରେ ଗୋଆଠାରେ ଆୟୋଜିତ ଏକ ଭବ୍ୟ ସମାରୋହରେ ତାଳଚେର ଥର୍ମାଲ ପ୍ରକଳ୍ପର ଉପ ମହାପ୍ରବନ୍ଧକ (ଓ ଆଣ୍ଡ ଏମ୍) ଶରତ କୁମାର ସାମଲ ଯୋଗ ଦେଇ ଏହି ପୁରସ୍କାର ଗ୍ରହଣ କରିଥିଲେ । ଏଭଳି ସମ୍ମାନଜନକ ପୁରସ୍କାର ତାଳଚେର ଥର୍ମାଲକୁ ପ୍ରଦାନ କରାଯାଇଥିବାରୁ ମହାପ୍ରବନ୍ଧକ ମିଥିଲେଶ କୁମାର ସିଂ ସମସ୍ତ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇବାସହ ଏନ୍.ଟି.ପି.ସି ସୁରକ୍ଷା ପ୍ରସଙ୍ଗକୁ ସର୍ବଦା ପ୍ରାଥମିକତା ଦେଇଥାଏ ବୋଲି ପ୍ରକାଶ କରିଥିଲେ । ପ୍ରକାଶ ଥାଉକି,ବିଗତ ୧୬ବର୍ଷ ଧରି ଗ୍ରୀନ୍ ଟେକ୍ ଫାଉଣ୍ଡେସନ,ନୂଆଦିଲ୍ଲୀ ପକ୍ଷରୁ ଏହି ସୁରକ୍ଷା ପୁରସ୍କାର ଦୁର୍ଘଟଣାକୁ ରୋକିବା କ୍ଷେତ୍ରରେ ଶ୍ରେଷ୍ଠ ଉପଲବ୍ଧି ହାସଲ କରୁଥିବା ସଙ୍ଗଠନଗୁଡ଼ିକୁ ପ୍ରଦାନ କରାଯାଇ ଆସୁଛି ।

# ଆରଏସ୍‌ପି ତରକେରା ପମ୍ପ ହାଉସ୍‌ରେ ଉଚ୍ଚକ୍ଷମତା ସମ୍ପନ୍ନ ପିଟ ଡିୱାଟରିଂ ବ୍ୟବସ୍ଥା ଉଦ୍‌ଘାଟିତ



ରାଉରକେଲା,୨୧/୧୨ (ଶ୍ରୁ.ମି): ରାଉରକେଲା ଇସ୍ପାତ କାରଖାନାର ତରକେରା ପମ୍ପ ହାଉସରେ ଡିସେମ୍ବର୧୫ ତାରିଖରେ ଏକ ଉଚ୍ଚକ୍ଷମତା ସମ୍ପନ୍ନ ପିଟ୍ ଡିୱାଟରିଂ ବ୍ୟବସ୍ଥାକୁ ୟୁଟିଲିଟି ବିଭାଗର ଜିଏମ, ଶ୍ରୀ ପି.କେ ମେହରୋତ୍ରା ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ପାୱାର ଡିଷ୍ଟ୍ରିବ୍ୟୁସନ ବିଭାଗର ଡିଜିଏମ ଇନଚାର୍ଜ ଶ୍ରୀ କେ.ଭାସ୍କରନ, ଜଳ ପ୍ରବନ୍ଧନ ବିଭାଗର ଡିଜିଏମ ଇନଚାର୍ଜ ଶ୍ରୀ ଏସ ପଟ୍ଟନାୟକ ଏବଂ ବିଭାଗର ଅନ୍ୟ ବହୁ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । ଉଲ୍ଲେଖନୀୟ ଯେ, ବ୍ରାହ୍ମଣୀ ନଦୀର ଜଳ ଦୁଇଟି ସମ୍ପ୍‌ନ ପିଟକୁ ଅଣାଯିବା ପରେ ୬ଟି ପମ୍ପ ଯୋଗେ ଇସ୍ପାତ କାରଖାନାକୁ ଜଳ ଯୋଗାଣ କରାଯାଇଥାଏ । ଏହି ସମସ୍ତ ଭୂତଳ ପିଟର ଗଭୀରତା ୨୫ ମିଟର ରହିଛି । ଉକ୍ତ ପିଟକୁ ଲିକେଜ ୱାଟର ପ୍ରବେଶ କଲେ ଏହାକୁ ୧୫ ଏଚପି କ୍ଷମତା ସମ୍ପନ୍ନ ସବମର୍ଜିବୁଲ ପମ୍ପ ଦ୍ୱାରା ଡିୱାଟରିଂ କରାଯାଇଥାଏ । ୨୦୧୫ ମସିହା ବର୍ଷା ଦିନରେ ଗୋଟିଏ ପମ୍ପର ନନ ରିଟର୍ଣ୍ଣ ଭଲ୍ଭ ଖରାପ ହୋଇଯିବା ଫଳରେ ପିଟଗୁଡିକ ଦ୍ୱରିତ ରୂପେ ଭର୍ତ୍ତି ହୋଇଯିବା ଦ୍ୱାରା ଡିୱାଟରିଂ ପମ୍ପ ଉପରୋକ୍ତ ପରିମାଣର ଜଳ ନିଷ୍କାସନ କରିବାରେ ଅକ୍ଷମ ହୋଇଥିଲା । ଯାହାଦ୍ୱାରା ଉଭୟ ପିଟ୍ ଭର୍ତ୍ତି ହୋଇଯାଇଥିଲା ଏବଂ ଜଳ ନିଷ୍କାସନ ପାଇଁ ବିକଳ୍ପ ବ୍ୟବସ୍ଥା ପହଞ୍ଚିବା ପୂର୍ବରୁ ମୋଟର ସମେତ ସମସ୍ତ ପମ୍ପିଂ ବ୍ୟବସ୍ଥା ଜଳଗମ୍ନ ହୋଇଥିଲା । ଏହାଯୋଗୁଁ କାରଖାନାକୁ ଜଳଯୋଗାଣ ଅନେକାଂଶରେ ପ୍ରଭାବିତ ହୋଇଥିଲା । ଏଭଳି ପରିସ୍ଥିତିର ପୁନରାବୃତ୍ତିକୁ ରୋକିବା ଉଦ୍ଦେଶ୍ୟରେ ଘଣ୍ଟା ପ୍ରତି ୫୦୦ଘନମିଟର ଉଚ୍ଚକ୍ଷମତା ଯୁକ୍ତ ୫ଟି ଡିୱାଟରିଂ ପମ୍ପ ବିଶିଷ୍ଟ ଉଚ୍ଚ କ୍ଷମତା ସମ୍ପନ୍ନ ପିଟ ଡିୱାଟରିଂ ବ୍ୟବସ୍ଥା ସ୍ଥାପନା କରାଯାଇଛି । ଏହି ନୂତନ ଡିୱାରଟିଂ ପମ୍ପଗୁଡିକ କାରଖାନାକୁ ନିରବଚ୍ଛିନ୍ନ ଜଳଯୋଗାଣ ସୁନିଶ୍ଚିତ କରିବ ।

# ଆରଏସ୍‌ପି ଉଦ୍ୟାନକୃଷି ବିଭାଗ ଦ୍ୱାରା ଚିତ୍ରାଙ୍କନ ପ୍ରତିଯୋଗିତା



ରାଉରକେଲା,୨୧/୧୨ (ଶ୍ରୁ.ମି): ରାଉରକେଲା ଇସ୍ପାତ କାରଖାନାର ଉଦ୍ୟାନ କୃଷି ବିଭାଗ ଆନୁକୂଲ୍ୟରେ ଡିସେମ୍ବର ୧୭ ତାରିଖରେ ସେକ୍ଟର ୧୯ ସ୍ଥିତ ଇସ୍ପାତ ନହେରୁ ପାର୍କରେ ଆୟୋଜିତ 'ସିଟି ଆଣ୍ଡ ଡ୍ର ଚିତ୍ରାଙ୍କନ ପ୍ରତିଯୋଗିତା'ରେ ସହରର ୪୭ ଟି ବିଦ୍ୟାଳୟର ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉତ୍ସାହ ସହକାରେ ଅଂଶଗ୍ରହଣ କରିଥିଲେ । ଆଗାମୀ ବାର୍ଷିକ ଗୋଲାପ ଓ ଚନ୍ଦ୍ରମଲ୍ଲିକା ପ୍ରଦର୍ଶନୀ-୨୦୧୭ର ଆୟୋଜନର ଅଂଶ ସ୍ୱରୂପ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଆରଏସ୍‌ପି କାର୍ମିକ ଓ ପ୍ରଶାସନ ବିଭାଗର ଇଡି, ଶ୍ରୀ ପି.କେ ପ୍ରଧାନ, ସହର ପ୍ରଶାସନ ବିଭାଗର ଜିଏମ, ଶ୍ରୀ ଏନ.କେ ସାମନ୍ତରାୟ ଓ କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀ ପ୍ରତିଯୋଗିତା ସ୍ଥାନ ପରିଦର୍ଶନ କରିବା ସହିତ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଇସ୍ପାତ ସହରର କେନ୍ଦ୍ରସ୍ଥଳୀରେ ସ୍ଥିତ ସବୁଜିମା ଭରା ମନୋରମ ସୌନ୍ଦର୍ଯ୍ୟରେ ପୂର୍ଣ୍ଣ ଇସ୍ପାତ ନେହରୁ ପାର୍କରେ ରବିବାରର ଶୀତ ସକାଳରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀଙ୍କ ଆଗମନ ତଥା ସେମାନଙ୍କ ସୃଜନଶୀଳତାକୁ ରଙ୍ଗ ଓ ତୁଳିରେ ଆଙ୍କିବା, ସମଗ୍ର ପରିବେଶକୁ ଉତ୍ସବମୟ କରିଥିଲା । ସେମାନଙ୍କ ଦ୍ୱାରା ପ୍ରସ୍ତୁତ ପ୍ରତିଟି ଚିତ୍ରରେ ପରିବେଶ ସଂରକ୍ଷଣର ବାର୍ତ୍ତା ପ୍ରତିଫଳିତ ହେଉଥିଲା ଯାହା ଏହି ପ୍ରତିଯୋଗିତାର ସନ୍ଦର୍ଭ ମଧ୍ୟ ରହିଥିଲା । ପ୍ରତିଯୋଗିତାର ବିଜେତାମାନଙ୍କୁ ଆସନ୍ତା ଡିସେମ୍ବର ୨୪ ତାରିଖରେ ସେକ୍ଟର ୮ ସ୍ଥିତ ଜୁବିଲି ପାର୍କରେ ଆୟୋଜିତ ହେବାକୁ ଥିବା ବାର୍ଷିକ ଗୋଲାପ ଓ ଚନ୍ଦ୍ରମଲ୍ଲିକା ପ୍ରଦର୍ଶନୀ-୨୦୧୭ ରେ ପୁରସ୍କୃତ କରାଯିବ ।

# ଏମ୍.ସି.ଏଲ.ର ୮୭୫ଜଣ କର୍ମଚାରୀଙ୍କୁ ବିଭିନ୍ନ ସ୍କିଲଡ୍ କ୍ୟାଡ୍‌ରରେ ପ୍ରଶିକ୍ଷଣ

ତାଳଚେର,୨୧/୧୨(ଶ୍ରୁ.ମି): କୋଲ ଇଣ୍ଡିଆର ଅଗ୍ରଣୀ ସହାୟକ କମ୍ପାନୀ ଏମ୍.ସି.ଏଲ.ର ତାଳଚେରସ୍ଥିତ ଭୂତଳ କୋଇଲାଖଣିରେ କାର୍ଯ୍ୟରତ ୭୧୫ଜଣ କର୍ମଚାରୀଙ୍କ ନିଜର ଦକ୍ଷତା ଅନୁସାରେ ଖୋଲାମୁହାଁ କୋଇଲାଖଣିରେ ଅବସ୍ଥାପିତ କରିବା ସଙ୍ଗେ ସଙ୍ଗେ ସ୍କିଲ ଡେଭଲେପମେଂଟ ବୃଦ୍ଧି କରିବାକୁ କର୍ମଚାରୀଙ୍କୁ ସୁଯୋଗ ଦେଇଛି । ଚଳିତ ବର୍ଷ ୮୭୫ଜଣ କର୍ମଚାରୀଙ୍କୁ ସେମାନଙ୍କର ଯୋଗ୍ୟତା ଅନୁସାରେ ସେମାନଙ୍କୁ ବିଭିନ୍ନ ସ୍କିଲଡ୍ କ୍ୟାଡ଼ରରେ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି । ଯାହାର ଫଳସ୍ୱରୂପ ସେହି ୮୭୫ଜଣ କର୍ମଚାରୀଙ୍କ ମଧ୍ୟରୁ ୭୧୫ଜଣ ଭୂତଳ କୋଇଲାଖଣି କର୍ମଚାରୀଙ୍କୁ ଚୟନ କରାଯାଇ ସେମାନଙ୍କୁ ଖୋଲାମୁହାଁ କୋଇଲାଖଣିରେ ପୁନଃ ଅବସ୍ଥାପିତ କରାଯାଇଛି । ଏମ୍.ସି.ଏଲ.ର ଏହି ପଦକ୍ଷେପ ଫଳରେ ବରିଷ୍ଠତା ଭିତିରେ ସେମାନଙ୍କର ଟ୍ରେଡ଼ ହିସାବରେ ସେମାନଙ୍କୁ ସୁଯୋଗ ଦିଆଯାଇ ଅବସ୍ଥାପିତ କରାଯାଉଛି । ଏହିସବୁ କର୍ମଚାରୀମାନଙ୍କୁ ସେମାନଙ୍କର କ୍ୟାଡ଼ର ଅନୁସାରେ ପ୍ରଶିକ୍ଷଣ ପ୍ରଦାନ କରାଯିବ ଏବଂ ସେମାନଙ୍କ ମଧ୍ୟରୁ ସଫଳତାର ସହ ଶେଷ କରିଥିବା ଟ୍ରେନରମାନଙ୍କୁ କର୍ମଚାରମାନଙ୍କର ଉପର ଗ୍ରେଡ଼ରେ ଅବସ୍ଥାପିତ କରାଯିବ । ସେହି କର୍ମଚାରୀମାନଙ୍କ ମଧ୍ୟରୁ ତାଲିମପ୍ରାପ୍ତ ୫ଜଣ ମାଇନିଂ ସର୍ଦ୍ଦାର,୩୧ଜଣ ଡାଟା ଏଂଟ୍ରି ଅପରେଟର,୧୧୨ଜଣ ଏଚ୍.ଇ.ଏମ୍.ଏମ୍ ଅପରେଟର,୨୪ଜଣ କନଭେୟର ଅପରେଟର,୯ଜଣ ସିକ୍ୟୁରିଟି ଗାର୍ଡ଼,୩୭ଜଣ ଆସିଷ୍ଟାଂଟ ଫୋର ମ୍ୟାନ୍(ବିଦ୍ୟୁତ),୩୦ଜଣ ଓଭରସିଅର ସିଭିଲ ଏବଂ ଅନ୍ୟ ବିଭିନ୍ନ ୬୦୮ପଦବୀ ପାଇଁ ତାଲିମ ପ୍ରଦାନ କରାଯାଉଛି । ଗତ ତା୧/୧୨/୨୦୧୭ରିଖ ସୁଦ୍ଧା ଏମ୍.ସି.ଏଲ.ର ସମସ୍ତ କର୍ମଚାରୀଙ୍କ ସଂଖ୍ୟା ୨୨,୩୯୨,ଯେଉଁଥିରେ ୧୮୦୪ ଜଣ ବୋର୍ଡ଼ ସ୍ତରୀୟ ଅଧିକାରୀଙ୍କ ତଳ ପାହ୍ୟାର ଏବଂ ୨୦,୫୮୩ଜଣ କର୍ମଚାରଙ୍କ ସହିତ ୪୪୨୪ଜଣ କର୍ମଚାରୀ ଭୂତଳ କୋଇଲାଖଣିରେ ଅବସ୍ଥାପିତ । ଅନୁଧ୍ୟାନ ଅନୁସାରେ ତାଳଚେରର ବିଭିନ୍ନ ଭୂତଳ କୋଇଲାଖଣିରେ ଅଧିକ ଅଣକୂଶଳୀ କର୍ମଚାରୀ କାର୍ଯ୍ୟ କରୁଛନ୍ତି,ଯେଉଁମାନେ କି,ଆର୍ ଆଣ୍ଡ ଆର ସ୍କିମ୍ ଏବଂ ଜମି ଅଧିଗ୍ରହଣ ଦ୍ୱାରା ଅନ୍ତର୍ଭୁକ୍ତ । ଆର୍ ଆଣ୍ଡ ଆର ଅନ୍ତର୍ଭୁକ୍ତ ସ୍କିମ୍ ଦ୍ୱାରା କମ୍ପାନୀରେ ନିଯୁକ୍ତି ପାଉଥିବା କର୍ମଚାରୀମାନଙ୍କ ପାଇଁ ଏମ୍.ସି.ଏଲ. ତରଫରୁ ସ୍କୁଲିଙ୍ଗ ଏବଂ ସ୍କିଲିଙ୍ଗ ପ୍ରୋଗ୍ରାମ ପାଇଁ ପଦକ୍ଷେପ ନେଇଛି,ଯେଉଁଥିରେ କି ସେକେଣ୍ଡାରୀ ଶିକ୍ଷାରୁ କମ୍ ଓ ଅଣକୁଶଳୀ ଅଛନ୍ତି । ଅନ୍ତତଃ ୭୫୩ଜଣ କର୍ମଚାରୀ,ଯେଉଁମାନେ କି ସ୍କିଲ ଡେଭଲପମେଂଟ ଟ୍ରେନିଂ ନେଉଛନ୍ତି,ସେମାନେ ଟ୍ରେନିଂ ଶେଷରେ ନିଯୁକ୍ତି କ୍ଷେତ୍ରରେ ଅଧିକ ଲାଭବାନ ହୋଇପାରିବେ । ସେହି କର୍ମଚାରୀମାନଙ୍କୁ ଏମ୍.ସି.ଏଲ ପୁର୍ଣ୍ଣ ଦରମା ଦେଇ ଅଣକୁଶଳୀରୁ କୁଶଳୀ କରିବାପାଇଁ ପଦକ୍ଷେପ ନେଉଛି ।

Printed, Published and Owned by Sri Sarbeswar Mishra, Published at Plot No-145, Sahid Nagar, Bhubaneswar-751007, Dist-Khordha, Odisha and Printed at Nijukti Khabar Prakashan, Plot No-TS 3/ 193 Mancheswar Industrial Estate, Bhubaneswar- 751010, Dist- Khordha Tel-0674-2549525, 2549725, Fax-0674-2549625, E-mail: srutimedia@gmail.com
Editor-Sarbeswar Mishra
ସମ୍ପାଦକ:ସର୍ବେଶ୍ୱର ମିଶ୍ର